
নিরপেক্ষ দৈনিক সম্বাদপত্র



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୧ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31 JANUARY 2021
Vol.No. 31 ■ No. 29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଜାନୁୟାରୀ ୨୨ରେ କୃଷି ଆଇନ ନେଇ ସରକାରଙ୍କ ଯେଉଁ ଆଭିମୁଖ୍ୟ ଥିଲା ତାହା ଏବେ ମଧ୍ୟ ରହିଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୦।୦୧ (ନି.ପ୍ର): ସଂସଦର ବଜେଟ ଅଧିବେଶନ ପାଇଁ ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ଉପଲକ୍ଷେ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ ଯେ ବାପୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ । ଆଜି ସକାଳେ



ଆମେରିକାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଅପବିତ୍ର କରିବା ପାଇଁ ହୋଇଥିବା ଉଦ୍ୟମକୁ ସେ ମଧ୍ୟ ନିନ୍ଦା କରିଥିଲେ । ସେ କହିଥିଲେ ଯେ ଏଭଳି ଘୃଣ୍ୟ ପରିବେଶ ପୃଥିବୀରେ ଗ୍ରହଣୀୟ ନୁହେଁ । ପ୍ରଧାନମନ୍ତ୍ରୀ ଉପସ୍ଥିତ ସବୁ ଦଳର ନେତାଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ ସରକାର କୃଷି ଆଇନକୁ ଏକ ମୁକ୍ତ ଦୃଷ୍ଟିରେ ଦେଖୁଛନ୍ତି । ଜାନୁୟାରୀ ୨୨ ତାରିଖରେ ଏହି ଆଇନ ସଂପର୍କରେ ସରକାରଙ୍କର ଯେଉଁ ଆଭିମୁଖ୍ୟ ଥିଲା ଏବଂ ଏ ନେଇ କୃଷିମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଥିଲେ ଏବେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି । ସେ ଆହୁରି କହିଥିଲେ ଯେ କଥାବାର୍ତ୍ତା ଆଗେଇ ନେବାକୁ

## ଆନ୍ଦୋଳନରତ ଚାଷୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ନିର୍ଯ୍ୟାତନା ପ୍ରତିବାଦରେ ଗଣ ଉପବାସ

ଭୁବନେଶ୍ୱର,୩୦।୦୧ (ନି.ପ୍ର): କେନ୍ଦ୍ର ସରକାର ଲାଗୁ କରିଥିବା ତିନୋଟି କଳା କୃଷି ଆଇନକୁ ରଦ୍ଦ କରିବା ଦାବିରେ ଗତ ନଭେମ୍ବର ୨୬ ତାରିଖରୁ ଦିଲ୍ଲୀ ସୀମାରେ ଚାଷୀ ଆନ୍ଦେଳନ ଚାଲିଛି । ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ଗତ ୨୬ ତାରିଖ ଗଣତନ୍ତ୍ର ଦିବସରେ ଲକ୍ଷାଧିକ ଟ୍ରାକ୍ଟର ରାଲିରେ ଯାଇ ଦିଲ୍ଲୀ ପରିକ୍ରମା କରିଥିବା ବେଳେ କିଛି ବିଶୃଙ୍ଖଳା ଦେଖାଦେଇଥିଲା । ଚାଷୀ ସଂଗଠନ ନାମରେ କିଛି ଅରାଜକତ୍ୱ ଲାଲକିଲ୍ଲା ଭିତରକୁ ପଶି ସୁରକ୍ଷାକର୍ମୀମାନଙ୍କ ଆକ୍ରମଣ କରିବା ଘଟଣା ଲୋକଲୋଚନକୁ ଆସିଛି । ଏହି ତଥ୍ୟ ଆଧାରରେ ବିଜେପି ଶାସିତ କେନ୍ଦ୍ର ସରକାର ତଥା ଉତରପ୍ରଦେଶ ରାଜ୍ୟ ସରକାର ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚାଷୀମାନଙ୍କ ଉପରେ ଦମନଲୀଳା ଚଳାଇଛନ୍ତି । ଏପରିକି ମଣିଷର ସର୍ବନିମ୍ନ ଆବଶ୍ୟକତା ଜଳ ଓ ପରିମଳ ବ୍ୟବସ୍ଥାକୁ ମଧ୍ୟ ହଟାଇ ଦେଇଛନ୍ତି । ଏହି ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିବା ନବନିର୍ମାଣ କୃଷକ ସଂଗଠନର ପାଂଚ ଶହରୁ ଉର୍ଦ୍ଧ୍ୱ କର୍ମୀ ଗତ ୧୫ ତାରିଖରୁ ଦିଲ୍ଲୀ ଯାତ୍ରା କରି ଆଜି ଫେରିଆସି ଭୁବନେଶ୍ୱରରେ ପହଂଚିଛନ୍ତି । ଗତ ୨୬ ତାରିଖରୁ

▶▶ପୃଷ୍ଠା ୭

### ଫେବୃଆରୀ ମାସ ପାଇଁ କୋଭିଡ୍ ଗାଇଡ୍ ଲାଇନ୍

## ପହିଲାରୁ ଖୋଲିବ ଅଙ୍ଗନବାଡ଼ି

ଭୁବନେଶ୍ୱର,୩୦।୦୧ (ନି.ପ୍ର): ରାଜ୍ୟ ସରକାର ଶନିବାର ଦିନ ଫେବୃଆରୀ ମାସ ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି । ନୂଆ ଗାଇଡଲାଇନ୍ ଅନୁସାରେ କଂଟେନ୍ ମେଂଟ ଜୋନ୍ ଅଂଚଳରେ ଲକ୍‌ଡାଉନ୍ ଜାରି ରହିବ । କଂଟେନମେଂଟ୍ ଜୋନ ବାହାରେ ଫେବୃଆରୀରେ ସ୍କୁଲ ଓ କଲେଜ ଖୋଲିବା ନିଷ୍ପତି ସମ୍ପୃକ୍ତ ବିଭାଗ ଉପରେ ଛଡ଼ା ଯାଇଥିବା ବେଳେ ଫେବୃଆରୀ ୧ତାରିଖରୁ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯିବ ବୋଲି କୁହାଯାଇଛି । ଏହା ସହ ଅନ୍ତିମକ୍ରିୟା ଏବଂ ବିବାହ ପାଇଁ ଯୋଗଦାତାଙ୍କ ସଂଖ୍ୟାକୁ ରାଜ୍ୟ ସରକାର ୫୦୦କୁ ବୃଦ୍ଧି କରିଛନ୍ତି ।




ଏବେ ସାମାଜିକ, ଧାର୍ମିକ, ରାଜନୈତିକ, କ୍ରୀଡା ସମାବେଶ ପାଇଁ ମଧ୍ୟ ୫୦୦ ଜଣଙ୍କୁ ଅନୁମତି ମିଳିଛି । ଗାଇଡ୍ ଲାଇନ୍ ଅନୁଯାୟୀ ସମାବେଶ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିବ । ବନ୍ଦ କୋଠରୀ ମଧ୍ୟରେ ୫୦ପ୍ରତିଶତ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଚାଲିବା ସହ ସମସ୍ତ କରୋନା କଟକଣା ପାଳନ କରିବାକୁ ସରକାର କହିଛନ୍ତି ।

▶▶ପୃଷ୍ଠା ୭

## ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ ବଢ଼ିଲା

ଭୁବନେଶ୍ୱର,୩୦।୦୧ (ନି.ପ୍ର): ଦୀର୍ଘଦିନର ଦାବି ପରେ ଆଜି ସରକାରୀ ମେଡିକାଲ କଲେଜ ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ ମାସିକ ୨୦ ହଜାରରୁ ୨୮ ହଜାରକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ୨୦୨୧ ଜାନୁଆରୀ ପହିଲାରୁ ୩ ବର୍ଷ ପାଇଁ ଲାଗୁ କରିବାକୁ ନିଷ୍ପତି ନିଆଯାଇଛି । ଏନେଇ ଡିଏମଇଟିଙ୍କୁ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ରାଜେଶ କୁମାର ଅଗ୍ରୱାଲ ଚିଠି ଲେଖି ଅବଗତ କରାଇଛନ୍ତି । ହାଉସ ସର୍ଜନମାନେ କାର୍ଯ୍ୟବନ୍ଦ ଆନ୍ଦୋଳନର ଧମକ ଦେବା ପରେ ସରକାର ଆଜି ଏହି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟରତ ହାଉସ୍ ସର୍ଜନମାନଙ୍କର ଷ୍ଟାଇପେଣ୍ଡ୍ ବୃଦ୍ଧି କରା ନଗଲେ ୨୨ରୁ କଳାବ୍ୟାଚ ପରିଧାନ ଓ ୨୮ରୁ ରାଜ୍ୟବ୍ୟାପି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲା ସଂଘ ।

## ତେଲ ଦର ନକମିଲେ ୧୫ରେ ଓଡ଼ିଶା ବନ୍ଦ

ବ୍ରହ୍ମପୁର,୩୦।୦୧ (ନି.ପ୍ର): ପେଟ୍ରୋଲ ଓ ଡିଜେଲ୍ ଦର ପ୍ରତିଦିନ ବଢ଼ି ଚାଲିଛି । ଏଥିରେ ବ୍ରେକ୍ ଲାଗିବା ସହିତ ଆସନ୍ତା ୧୫ ତାରିଖ ମଧ୍ୟରେ ତେଲ ଦର ସର୍ବନିମ୍ନ ୧୦ ଟଙ୍କା କମାଯାଉ । ତେଲ ଦର ନକମିଲେ ଆସନ୍ତା ୧୫ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯିବ । ବ୍ରହ୍ମପୁରରେ ଆୟୋଜିତ ସହିଦ୍ ଦିବସ ଅବସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏପରି ଚେତାବନୀ ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ବିଜେଡିକୁ ତାସଲ୍ୟ କରି ଶ୍ରୀ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ବିଜୁ ଜନତା ଦଳ ସରକାର ନୁହେଁ, ବିଚିତ୍ର ଜନତା



ଦଳ ସରକାର ଚାଲିଛି । ୨୦ ବର୍ଷ ଶାସନରେ ରାଜ୍ୟରେ କିଛି ଉନ୍ନତି ହୋଇ ନଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଗୋଟିଏ ମଧ୍ୟ କଳକାରଖାନା ପ୍ରତିଷ୍ଠା ହୋଇପାରିନି । ଯାହା ବି ହୋଇଛି ତାହା କଂଗ୍ରେସ ଅମଳରେ ହୋଇଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ

▶▶ପୃଷ୍ଠା ୭

### କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

## ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିରର ପାର୍ଶ୍ୱମନ୍ଦିରର ପୁନଃଉଦ୍ଧାର ପାଇଁ ଏଏସଆଇର ବିଶେଷଜ୍ଞ ଦଳ ପଠାଯାଉ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୦୧ (ନି.ପ୍ର): ଦେଶର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟ ଭାସ୍କର୍ଯ୍ୟର ସଂରକ୍ଷଣ କରିବା ଦିଗରେ ଭୁବନେଶ୍ୱରର ଏକାମ୍ର କ୍ଷେତ୍ର ବିଶେଷ ଭାବରେ ପ୍ରଭୁ ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଶତାବ୍ଦୀ ଶତାବ୍ଦୀର ପ୍ରଚୀନ ମନ୍ଦିରର ସୁରକ୍ଷା ଓ ପୁନଃଉଦ୍ଧାର ପାଇଁ ତୁରନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶନିବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ । ଏହାସହ ଭାରତୀୟ ପ୍ରତ୍ନତତ୍ୱ ବିଭାଗ (ଏଏସଆଇ)ର ବିଶେଷଜ୍ଞ ଦଳକୁ ଭୁବନେଶ୍ୱର

▶▶ପୃଷ୍ଠା ୭

## ଲକଡାଉନ୍‌ରୁ ଲାଭ : ବାଉଁଶ ବାନ୍ଧି ବିଲ୍ ଉଠାଇନେଲେ !

ବଲାଙ୍ଗିର,୩୦।୦୧ (ନି.ପ୍ର): ମହାମାରୀବେଳେ ହୋଇଛି ମହାଲୁଟ୍ । ଲକଡାଉନ୍ ସମୟରେ ସରକାରୀ ଅର୍ଥ ଆତ୍ମସାତରେ ମାତିଥିଲେ ଅସାଧୁ ଅଫିସର କେମିତି-ବଲାଙ୍ଗୀରରୁ ଆସିଛି ସାଂଘାତିକ ଅଭିଯୋଗ ସାଙ୍ଗକୁ ତଥ୍ୟଗତ ପ୍ରମାଣ । ସହରର ବିଭିନ୍ନ ପଡ଼ାରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପରେ କେମିତି ବ୍ୟାରିକେଡ୍ ଲଗା ବାବଦରେ ହରିଲୁଟ୍ ହୋଇଛି ତାର ଦସ୍ତାବିଜ୍ ସାମ୍ନାକୁ ଆସିଛି । ୫ରୁ ୧୦ ଖଣ୍ଡ ଲେଖାଏଁ ବାଉଁଶ ବାନ୍ଧି ବିଲ୍ କରାଇ ଉଠାଇଛନ୍ତି ଲକ୍ଷାଧିକ ଟଙ୍କା । ପୂର୍ତ୍ତ




ବିଭାଗର ତଥ୍ୟ କହୁଛି-୭ଟି ପଡ଼ାରେ ଏ ବାବଦରେ ଖର୍ଚ୍ଚ ହୋଇଛି ୪ଲକ୍ଷ ୩୩ ହଜାର ଟଙ୍କା । ଏଠି ପ୍ରଶ୍ନ ସତରେ କଣ ଏତେ ଟଙ୍କା ଖର୍ଚ୍ଚ ହୋଇଛି ଜାଣିବା ପାଇଁ ଟିକେ ଲକ୍‌ଡାଉନ୍ ବେଳକୁ ଯିବା । ହାତୀଶାଳ ପଡ଼ାର ବସ୍ତି ଅଞ୍ଚଳରୁ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଛି । ପରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଥିଲା । ୫ରୁ ଦଶ ଖଣ୍ଡ ବାଉଁଶ ପକାଇ ଏଠାରେ ପ୍ରଶାସନ ଲଗାଇଥିଲା ବ୍ୟାରିକେଡ୍ । କିନ୍ତୁ ସେ ବାବଦରେ କୁଆଡ଼େ ଖର୍ଚ୍ଚ ହୋଇଛି ୨ଲକ୍ଷ ୪୨ ହଜାର ୪୧୬ ଟଙ୍କା । ଠିକ୍ ସେମିତି ଠିକାଦାର ପଡ଼ାରେ ୫ରୁ ୭ଖଣ୍ଡ ବାଉଁଶରେ ବ୍ୟାରିକେଡ୍ ଲଗାଯାଇ ବିଲ୍ ହୋଇଛି ୩୯ ହଜାର ୪୫୬ଟଙ୍କା । ରୁଗୁଡ଼ିପଡ଼ାର ବ୍ୟାରିକେଡ୍‌କୁ ବି ଟିକେ ଦେଖନ୍ତୁ । ଏଠି କୁଆଡ଼େ ୨୦ ହଜାର ୨୬ ଟଙ୍କାର ବାଉଁଶ ଲାଗିଛି । ସେମିତି ବେହେରାପାଲ୍ଲୀରେ ୨୩ ହଜାର ୬୦୩ଟଙ୍କା, ସୁଦପଡ଼ାରେ ୨୩ ହଜାର ୯୮୪, ରାଧାରାଣୀପଡ଼ାରେ ୧୧ ହଜାର ୭ଶହ ଟଙ୍କା

▶▶ପୃଷ୍ଠା ୭

## ସେଦିନ ରୁମ୍ ନମ୍ବର ୨୦୧ରେ କ'ଣ ଘଟିଥିଲା ?

ଭୁବନେଶ୍ୱର,୩୦।୦୧ (ନି.ପ୍ର): ଗୁମର ଖୋଲିବ ରୁମ୍ ନମ୍ବର ୨୦୧ । ରାତି ରହଣି ବେଳେ କଣ ଘଟିଥିଲା ? କେମିତି ଗଲା ଝରାଫୁଲଙ୍କ ଜୀବନ ? ଗେଷ୍ଟ ହାଉସ୍‌ରେ ଝରାଫୁଲଙ୍କ ସହ କେବଳ ରାକେଶ ଥିଲେ ନା ଆଉ କିଏ ? ରମାଦେବୀ ଛାତ୍ରୀ ଝରାଫୁଲ ନାୟକଙ୍କ ମୃତ୍ୟୁ ମାମଲାର ଅଡୁଆ ସୂତାରୁ ଖିଅ ବାହାର କରିବାକୁ ଆଜି ଭୁବନେଶ୍ୱର ଧର୍ମବିହାରସ୍ଥିତ ଶିବସାଇ ଗେଷ୍ଟ ହାଉସରେ ରେଡ୍ କରିଥିଲା ଯାଜପୁର ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ । ଗେଷ୍ଟ ହାଉସ୍‌ର ରୁମ୍ ନମ୍ବର ୨୦୧ରେ ସେଦିନ କଣ ଘଟିଥିଲା ଚାରି କାନ୍ଥ ଭିତରୁ



ସାଇଣ୍ଟିଫିକ୍ ଟିମ ତାହାର ସୁରାଗ ଖୋଜିଛି । ରୁମ୍ ଭିତରୁ ଆପତ୍ତିଜନକ ସାମଗ୍ରୀ ଓ ଫିଙ୍ଗର ପ୍ରିଣ୍ଟ୍ ସାଇଣ୍ଟିଫିକ୍ ଟିମ୍ ସଂଗ୍ରହ କରିଥିବା ସୂଚନା ମିଳିଛି । ୨୭ ତାରିଖ ସକାଳୁ ଝରାଫୁଲଙ୍କୁ ସ୍କୁଟିରେ ନେଇ ଦୁଇ ଜଣ ଯୁବକ ଗେଷ୍ଟ ହାଉସ୍ ?ରୁ ବାହାରି ଗଲେ । ହେଲେ କାହାର ସଂଦେହ ହେଲାନି କେମିତି ? ରାକେଶ ସ୍ୱାଇଁ ଏହି ଗେଷ୍ଟ ହାଉସ୍ ?ରେ ଆଗରୁ କେବେ ରହିଥିଲେ କି ? ଗେଷ୍ଟ ହାଉସ୍ କର୍ମଚାରୀ ପୋଲିସକୁ ଖବର ଦେଲେନି କାହିଁକି ? ପାରିପାର୍ଶ୍ୱିକ ପ୍ରମାଣ ଯୋଗାଡ଼ ସହ ଗେଷ୍ଟହାଉସ୍ କର୍ମଚାରୀଙ୍କୁ ପଚରାଉଚରା କରି ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁଛି ଯାଜପୁର ପୁଲିସ ।

▶▶ପୃଷ୍ଠା ୭

### ପୁଣି ମୁଣ୍ଡ ଟେକିଲେଣି ନକ୍ସଲ

## ୧୦ ଜିଲ୍ଲାରେ ସକ୍ରିୟ : କେନ୍ଦ୍ର ସହାୟତାକୁ ଚାହିଁଛି ଓଡ଼ିଶା

ଭୁବନେଶ୍ୱର,୩୦।୦୧ (ନି.ପ୍ର): ରାଜ୍ୟରେ ନକ୍ସଲଙ୍କ ଗତିବିଧି ପୁଣିଥରେ ବୃଦ୍ଧି ପାଇବାରେ ଲାଗିଛି । ତ୍ୱରିତ୍ ପ୍ରଶାସନିକ ପଦକ୍ଷେପ ଯୋଗୁ ନକ୍ସଲମାନଙ୍କୁ ୫ଟି ଜିଲ୍ଲା ମଧ୍ୟରେ ସୀମିତ ରଖାଯାଇଛି ବୋଲି ୨୦୧୯ ଅଗଷ୍ଟ ମାସରେ ରାଜ୍ୟ ସରକାର ଦାବି କରିଥିବାବେଳେ ୨୦୨୦ ମସିହା ଶେଷବେଳକୁ ନକ୍ସଲମାନେ ୧୦ଟି ଜିଲ୍ଲାର ବିଭିନ୍ନ ଅଂଚଳରେ ପୁଣିଥରେ ସକ୍ରିୟ ହେଲେଣି । ଏସବୁ ଜିଲ୍ଲାରେ ପରିସ୍ଥିତି ଆହ୍ୱାନପୂର୍ଣ୍ଣ ରହିଥିବାରୁ ସେଥିପ୍ରତି ସକ୍ରିୟ ଧ୍ୟାନକେନ୍ଦ୍ରିତ କରାଯିବାର ଆବଶ୍ୟକତା ଦର୍ଶାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ



ଓଡ଼ିଶା ଚାହିଁଛି । ମିଳିଥିବା ସୂଚନା ଅନୁସାରେ, ୨୦୨୦ ମସିହା ଶେଷସୁଦ୍ଧା ସମଗ୍ର ରାଜ୍ୟରେ ମୋଟ ୪୧ଟି ନକ୍ସଲ ହିଂସା ହୋଇଛି ଓ ସେଥିରେ ୨୭ଟି ଘଟଣାରେ ପୁଲିସ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏସବୁ ହିଂସାକାଣ୍ଡରେ ୭ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ୨ଜଣ ସୁରକ୍ଷାକର୍ମୀ ଶହୀଦ ହୋଇଥିଲେ । ସୁରକ୍ଷାବଳଙ୍କ ସହ ଗୁଳି ବିନିମୟରେ ୧୬ଜଣ ନକ୍ସଲ ନିହତ ହୋଇଥିବାବେଳେ ଗ୍ରାମବାସୀଙ୍କ ସହ ମୁହାଁମୁହିଁ ଯୋଗୁ ଅନ୍ୟ ଜଣେ ନକ୍ସଲ ପ୍ରାଣ ହରାଇଥିଲେ । ନକ୍ସଲ ଗତିବିଧିରେ ମୋଟ ୩୪ଜଣ ଗିରଫ ହୋଇଥିବାବେଳେ ୨୧ଜଣ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କଠୁ ୬୦ଟି ବନ୍ଧୁକ, ୬୩ଟି ବିସ୍ଫୋରକ ଡିଭାଇସ୍ ,

▶▶ପୃଷ୍ଠା ୭

## 'ସୁବାସ' ଘିଅ କାରଖାନା ଉପରେ ଚଢ଼ାଉ

କଟକ,୩୦।୦୧ (ନି.ପ୍ର): ୬୦୦ ଲିଟର ପାମୋଲିନରେ ୨୦୦ ଲିଟର ଘିଅ ମିଶାଇ ଏକାଥରରେ ପ୍ରସ୍ତୁତ ହେଉଥିଲା ୮୦୦ ଲିଟର ଘିଅ । କେବଳ ସେତିକି ନୁହେଁ, ଏକ୍ସପାରୀ ଡେଟ ଯିବା ପରେ ଫେରି ଆସୁଥିବା ମାଲ୍‌କୁ ପୁଣି ଥରେ ପ୍ୟାକ୍ କରି ବଜାରକ ଛାଡ଼ି ଦିଆଯାଉଥିଲା । ଏପରି ଭାବେ ଖାଦ୍ୟ ନାଁରେ ଅଖାଦ୍ୟ ତଥା ବିଷ ବିକ୍ରି କରୁଥିବା ନକଲି ଘିଅ କାରଖାନା ଜଗତପୁର ଶିଳ୍ପାଞ୍ଚଳରୁ ଠାବ ହୋଇଛି । ଜଗତପୁର ଶିଳ୍ପାଞ୍ଚଳରୁ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ନକଲି ଘିଅ କାରଖାନା ଠାବ ହୋଇଛି । ସୁବାଷ ବ୍ରାଣ୍ଡ ନାମରେ ଘିଅ, ଟମାଟୋ ଓ ଚିଲି ସସ ପ୍ରସ୍ତୁତ କରାଯାଇ ଏହି କାରାଖାନାରୁ ଅନ୍ୟତ୍ର ପଠାଯାଉଥିଲା ।

## ଶିକ୍ଷୟିତ୍ରୀଙ୍କ ବେକ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ନୟାଗଡ଼,୩୦।୦୧ (ନି.ପ୍ର): ଶିକ୍ଷୟିତ୍ରୀଙ୍କ ବେକ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ । ଆଜି ଏପରି ଅଭିଯୋଗ ଆସିଛି ନୟାଗଡ଼ ଜିଲ୍ଲାରୁ । ତେବେ କେଉଁ କାରଣରୁ ଶିକ୍ଷୟିତ୍ରୀଙ୍କ ବେକ କଟାଗଲା, ତାହା ଜଣାପଡ଼ି ନାହିଁ । ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ଲିଲିମା ବେହେରା ଶରଣକୁଳ ଗୋଡିପଡା ପଟେଲ ବିଦ୍ୟାପୀଠରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି । ଆଜି ସେ ସ୍କୁଲରୁ ଘରକୁ ଫେରୁଥିଲେ । ସେ ଘରେ ପଶିବା ସମୟରେ ସୁକାନ୍ତ ବେହେରା ନାମକ ଜଣେ ଯୁବକ ତାଙ୍କ ବେକରେ ଛୁରା ମାଡ଼ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସୁକାନ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । ଭୟଭୀତ ଥିବା ସୁକାନ୍ତ



ନିଜ ବେକକୁ କାଟି ଦେଇଥିଲେ । ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ କେଉଁ କାରଣରୁ ତାଙ୍କୁ ଆକ୍ରମଣ କରିଛନ୍ତି, ତାହା ଜଣାପଡ଼ି ନାହିଁ । ଆକ୍ରମଣ କରିଥିବା ଯୁବକ ସୁକାନ୍ତଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବୋଲି ଜଣାପଡ଼ିଛି ।

# ଭଦ୍ରକରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ମନିଟରିଙ୍ଗ କମିଟି (ଦିଶା) ବୈଠକ ଅନୁଷ୍ଠିତ

ଭଦ୍ରକ,୩୦।୧ (ନି.ପ୍ର): ଭଦ୍ରକ ଜିଲ୍ଲା ଉନ୍ନୟନ ,ସମନ୍ୱୟ ଓ ମନିଟରିଙ୍ଗ (ଦିଶା) କମିଟି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରୀପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକର ବିଧାୟକ ସଞ୍ଜୀବ ମଲ୍ଲିକ୍, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଦ୍ୱିଜବର ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାସ, ଜିଲ୍ଲାପାଳ ଡ.ଜ୍ଞାନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଦିଶା କମିଟିର ସଦସ୍ୟ ଓ ସଦସ୍ୟା ଏବଂ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ । ଆଜିର ଦିଶା ବୈଠକରେ ଭଦ୍ରକର ସାଂସଦ ଶ୍ରୀମତୀ ମଣ୍ଡଳ ବୈଠକରେ ଏଜେଣ୍ଡା ଅନୁଯାଇ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ । ଉକ୍ତ ବୈଠକରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସ୍ୱଚ୍ଛଭାରତ ମିଶନ,(ପରିମଳ) ପାନୀୟ ଜଳ,ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଉଜାଲା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ,ମଧ୍ୟାହ୍ନ ଭୋଜନ ଯୋଜନା, ଫସଲ ବିମାଯୋଜନା, ସର୍ବଶିକ୍ଷା ଅଭିଯାନ , ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା , ସମନ୍ୱିତ ଶିଶୁବିକାଶ ଯୋଜନା,ସାମାଜିକ ସୁରକ୍ଷା ଯୋଜନା ଉପରେ ଏଜେଣ୍ଡା ସମେତ ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯାଇଥିଲା । ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନା ଜରିଆରେ ଅଧିକ ଶ୍ରମଦିବସ ସୃଷ୍ଟି କରାଯାଇ ଗରିବ ଶ୍ରେଣୀର ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯିବ ସେ ଉପରେ




ଆଲୋଚନା କରାଯାଇଥିଲା । ଚଳିତବର୍ଷ ୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲାରେ ୨୬ଲକ୍ଷ ୯୬ହଜାର୪୦୮ କର୍ମନିଯୁକ୍ତ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୬ଲକ୍ଷ ୫୦ହଜାର ୭୫୬ କର୍ମନିଯୁକ୍ତି ସୃଷ୍ଟି କରଯାଇଛି । ଏହି ବାବଦରେ ୯୪କୋଟି ୯୫ଲକ୍ଷ ୬ହଜାର ଅର୍ଥ ଅଟକଳ କରାଯାଇଥିବାବେଳେ ୭୩କୋଟି୨୯ଲକ୍ଷ ୬୨ହଜାରଟଙ୍କା ଅର୍ଥ ଖର୍ଚ୍ଚ କରାଯାଇଛି ।ଯାହାକି ଶତକଡା ୯୮.୩୧ ପ୍ରତିଶତ କାର୍ଯ୍ୟ ସଫଳ ହୋଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ଜିଲ୍ଲାର ଚଳିତ ବର୍ଷ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବସ ଯୋଜନା ଜରିଆରେ ୧୩୧୨୪ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିଲା ଏବଂ ସମସ୍ତ ହିତାଧିକାରୀଙ୍କୁ ବାସଗୃହ ମଞ୍ଜୁର କରଯାଇଥିବାବେଳେ ୩୭୪୮ ହିତାଧିକାରୀଙ୍କ କାର୍ଯ ଶେଷ ହୋଇଛି । ଅବଶିଷ୍ଟ ହିତାଧିକାରୀ ତୁରନ୍ତ କାର୍ଯ୍ୟଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଗ୍ରାମ୍ୟ ଜଳଯୋଗଣ ବିଭାଗ ପକ୍ଷରୁ ବସୁଧା ଯୋଜନା, ଜଳଜୀବନ ମିଶନ,ମେଗାପାନୀୟ ଜଳ ପ୍ରକଳ୍ପ ତୁରନ୍ତ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ରାସ୍ତାକାର୍ଯ୍ୟର ମାନପ୍ରତି ଦୃଷ୍ଟଦେବା ସହ ତୁରନ୍ତ କାର୍ଯ୍ୟଶେଷ କରିବାକୁ ବିଭାଗୀୟ ନିବାର୍ହୀଯନ୍ତୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଭଦ୍ରକ ପୌରପାଳିକାରେ ଅମୃତ ଯୋଜନାରେ ପୌରବାସୀଙ୍କୁ ସ୍ୱଚ୍ଛପାନୀୟ ଜଳଯୋଗଣା କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତସ୍ୱଚ୍ଛଭାରତ ମିଶନ ମିଶନ ଜରିଆରେ ପାଇଖାନା ନିର୍ମାଣ ପାଇଁ ଟାର୍ଗେଟ ଥିବା ପାଇଖାନା ନିର୍ମାଣ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା ।ସେହିପରି ଜାତୀୟ ଖାଦ୍ୟ ନିରାପଦା ଯୋଜନା ,ଜାତୀୟ ସ୍ୱାସ୍ଥ୍ୟ ମିଶନ ସମେତି ଅନ୍ୟାନ୍ୟ ବିଷୟ ଉପରେ ଗୃହରେ ଆଲୋଚନା କରାଯାଇଥିଲା । ଶେଷରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୁଦନ ଦାସ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା ।

# ଜଙ୍ଗଲ ଓ ପରିବେଶ ବିଭାଗର ଦୁଇଟି ମୋବାଇଲ୍ ଆପ୍ ଲୋକାର୍ପିତ

ଭୁବନେଶ୍ୱର,୩୦।୧ (ନି.ପ୍ର): ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଦିନ ଲୋକସେବା ଭବନ ଠାରେ ମୋ ଜଙ୍ଗଲ ମୋବାଇଲ୍ ଆପ୍ ଏବଂ ନୋ ଯୋର ଫରେଷ୍ଟ ଲାଣ୍ଡ ମୋବାଇଲ୍ ଆପ୍ ର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ମୋ ଜଙ୍ଗଲ ମୋବାଇଲ୍ ଆପ୍ ମାଧ୍ୟମରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ବନୀକରଣ କାର୍ଯ୍ୟକ୍ରମର ନିରୀକ୍ଷଣ ଓ ପରିଚାଳନା ସହଜ ହେବା ସହ ରାଜ୍ୟର ଜନସାଧାରଣ ଏ ସମ୍ବନ୍ଧୀୟ ବ୍ୟାପକ ସୂଚନା ଏହି ମୋବାଇଲ୍ ଆପ୍ ରେ ପାଇପାରିବେ ଓ ଏହାକୁ ଅଧିକ ଫଳପ୍ରସୂ କରିବା ପାଇଁ ସୁଚିନ୍ତିତ ମତାମତ ମୋବାଇଲ୍ ଆପ୍ ଜରିଆରେ ଦେଇପାରିବେ । ସେହିଭଳି ନୋ ୟୋର ଫରେଷ୍ଟ ଲାଣ୍ଡ ମୋବାଇଲ୍ ଆପ୍ ଦ୍ୱାରା ରାଜ୍ୟର ସମସ୍ତ ଜଙ୍ଗଲ ଜମି ସମ୍ବନ୍ଧରେ ସଠିକ୍ ସୂଚନା ଓ ଏସବୁ ଜଙ୍ଗଲ ଜମିର ଉନ୍ନତି ସମ୍ବନ୍ଧୀୟ ବିଶଦ ଯୋଜନା ଜନସାଧାରଣ ପାଇପାରିବେ । ଏହାଛଡା ଜିଲ୍ଲା, ତହସିଲ, ବ୍ଲକ୍, ଗ୍ରାମ ପଂଚାୟତ, ଗାଁ, ଖାତା ନମ୍ବର, ରାଜସ୍ୱ ଜମି ନମ୍ବର, ଜମି ମାଲିକଙ୍କ ନାମ, କେଉଁ କିସମର ଜମି, କେତେ ବର୍ଗଫୁଟର ଜମି, ସ୍ଥାନୀୟ ପୋଲିସ ଷ୍ଟେସନର ସମସ୍ତ ତଥ୍ୟ ଏହି ମୋବାଇଲ୍ ଆପ୍ ଯୋଗାଇ ଦେବ । ଉଭୟ ମୋବାଇଲ୍ ଆପ୍ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ ଆଇ.ଟି ଓ ଜି.ଆଇ.ଏସ୍ ସେଲ୍ ଏବଂ ଓରସାକ୍ ର ବୈଷୟିକ ସହଭାଗିତାରେ ପ୍ରସ୍ତୁତ କରାଯାଇଛି । ଗୁଗୁଲ୍ ପ୍ଲେଷ୍ଟୋର ଓ ଆପଲ୍ ପ୍ଲେଷ୍ଟୋରରୁ ଏହି ଦୁଇଟିଯାକ ମୋବାଇଲ୍ ଆପ୍ ଡାଉନ୍‌ଲୋଡ କରି ଉପଯୋଗ କରିହେବ । ଜଙ୍ଗଲ ଓ ପରିବେଶ ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ଏହି ଦୁଇଟି ମୋବାଇଲ୍ ଆପ୍ ଯୋଗୁଁ ଅଧିକ ସ୍ୱଚ୍ଛତା ଓ ପାରଦର୍ଶିତା ଆସିପାରିବ । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ ଜେନା , ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସନ୍ଦୀପ ତ୍ରିପାଠୀ ଉପସ୍ଥିତ ଥିବା ବେଳେ ଖାରବେଳ ଭବନରୁ ଜଙ୍ଗଲ ଓ ପରିବେଶ ବିଭାଗର ଉଚ୍ଚାଧିକାରୀ, ବିଭିନ୍ନ ଜିଲ୍ଲାରୁ ବନଖଣ୍ଡ ଅଧିକାରୀମାନେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେଇଥିଲେ ।

**AFFIDAVIT**

I, Gourishankar Sahoo would like to inform the general public that my BPUT original degree certificate and marksheets having Regd. no. 0801215265 has been eaten by white ant. The executive magistrate of Tahsil Bhograi approved an affidavit on 16 Sep 2020 for issuing duplicate documents.

*-GOURISHANKAR SAHOO*

# ବାଙ୍ଗିରିପୋଷିଠାରୁ ନୂତନ ଟ୍ରେନ ଚଳାଚଳ ନିମନ୍ତେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମଙ୍କ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ

ବାରିପଦା,୩୦।୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ଆଦିବାସୀ ବହୁଳ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଜିଲ୍ଲା । ତେଣୁ ଯୁବ ପୀଢିଙ୍କ ରୋଜଗାରକ୍ଷମ କରାଇବାକୁ ହେଲେ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ଏକାନ୍ତ ଜରୁରୀ । ଜିଲ୍ଲାରେ ଶିମିଳିପାଳ ଉଦ୍ୟାନକୁ ନେଇ ହୋଟେଲ ଶିଳ୍ପ ଓ ପର୍ଯ୍ୟଟନର ବିକାଶ ଏକ ମାତ୍ର ସୁଯୋଗ । ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ମିଳିତ ଉଦ୍ୟମରେ ବିକାଶ ସମ୍ଭବ ହୋଇପାରିବ । ମୟୂରଭଂଜ ଜିଲ୍ଲାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ, ଖିଚିଂ ମନ୍ଦିର, ହିରପୁରଗଡ, ଦେବକୁଣ୍ଡ, ଭୀମକୁଣ୍ଡ, କାଳ ଡେମ, ଶମୀବୃକ୍ଷ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ରହିଛି । ସେହିପରି ବାଲେଶ୍ୱର ଜିଲ୍ଲାରେ ବିଶାଳ ବେଳାଭୂମି ସହିତ ଦିଘା, ଉଦୟପୁର ପର୍ଯ୍ୟଟନସ୍ଥଳୀ ରହିଛି । ତେଣୁ କେନ୍ଦ୍ର ସରକାର ଗୁଜୁରାଟର କେଭାଡିଆ ଠାରୁ ଓଡ଼ିଶାର ମୟୂରଭଂଜ ଜିଲ୍ଲା ବାଙ୍ଗିରିପୋଷି ପର୍ଯ୍ୟନ୍ତ ସାପ୍ତାହିକ ଗୋଟିଏ ଟ୍ରେନ ଚଳାଚଳ କରିବା ସହିତ ବାଙ୍ଗିରିପୋଷି - ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଦେଶର ପର୍ଯ୍ୟଟନ ମାନ ଚିତ୍ରରେ ମୟୂରଭଂଜ ଜିଲ୍ଲା ସ୍ଥାନ ପାଇବା ସହିତ ଉ ର ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଦୃଢ ଉନ୍ନତି କରିପାରିବ ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି । କୌଣସି ପର୍ଯ୍ୟଟନସ୍ଥଳର ବିକାଶ ନିମନ୍ତେ ରେଳ ସଂଯୋଗୀକରଣ ସହିତ ଦେଶର ଅନ୍ୟ ପର୍ଯ୍ୟଟନ ସ୍ଥଳରୁ ସିଧାସଳଖ ଟ୍ରେନ ସୁବିଧା ରହିବା ନିତ୍ୟାନ୍ତ ଜରୁରୀ ବୋଲି ଶ୍ରୀମତୀ ହେମ୍ବ୍ରମ ଦର୍ଶାଇଛନ୍ତି । ସେ କହିଛନ୍ତି ନୂତନ ଟ୍ରେନ ଲାଇନ ନିର୍ମାଣ ପର୍ଯ୍ୟନ୍ତ ବାଙ୍ଗିରିପୋଷିରୁ ଦେଶର ଅନ୍ୟ ପର୍ଯ୍ୟଟନ ସ୍ଥଳକୁ ରେଳ ଚଳାଚଳ କରିବାରେ କୌଣସି ଅସୁବିଧା ନାହିଁ । ବାରିପଦା ଦେଇ ଅନ୍ୟ ପର୍ଯ୍ୟଟନସ୍ଥଳକୁ ରେଳଚଳାଚଳ କରିବା ସୁବିଧା ଜନକ ହୋଇ ନ ପାରେ କିନ୍ତୁ ବାଙ୍ଗିରିପୋଷିରୁ ଦେଶର ଯେ କୌଣସି ସ୍ଥାନକୁ ଟ୍ରେନ ଆରମ୍ଭ ହେବାରେ କୌଣସି ଅସୁବିଧା ନାହିଁ । ତେଣୁ ପ୍ରଧାନମନ୍ତ୍ରୀ ଏଥି ପ୍ରତି ବ୍ୟକ୍ତିଗତ ଦୃଷ୍ଟି ଦେବାକୁ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଅନୁରୋଧ କରିଛନ୍ତି ।

## ସ୍ୱାମୀ-ସ୍ତ୍ରୀ ଉଭୟେ ପାଇଲେ ଡକ୍ଟରେଟ୍ ଉପାଧି

କନ୍ଧମାଳ,୩୦।୧ (ନି.ପ୍ର): କନ୍ଧମାଳ ଜିଲା ଘୁ.ଉଦୟଗିରି ବ୍ଲକର ଗଡାବିସା ଗ୍ରାମ ନିବାସୀ ଶ୍ରୀମତି ସୁସ୍ମିତା ପ୍ରଧାନ ଓ ସ୍ୱାମୀ ଶୁଭ୍ରାଂଶୁ ନାୟକଙ୍କୁ ତେଲେଙ୍ଗାନା ରାଜ୍ୟର ସିକନ୍ଦରବାଦ ସ୍ଥିତ ଡ଼େ ସ୍ପ୍ରିଙ୍ଗ୍ ୟୁନିଭରସିଟ୍ ପକ୍ଷରୁ ଡ଼କ୍ଟେ୍ ଉପାଧି ପ୍ରଦାନ କରାଯାଇଛି । ଉଭୟେ ଏକ ସାମାଜିକ ଓ ବାଳିକା ବିକାଶ ସଂସ୍ଥାର ପ୍ରତିଷ୍ଠାତା ଅଟନ୍ତି । ୨୦୧୩ ମସିହା ଠାରୁ ଶ୍ରୀମତି ସୁସ୍ମିତା ପ୍ରଧାନ ଅନାଥ , ଗରୀବ ଓ ନିଃସହାୟ ଝିଅ ମାନଙ୍କର ବିକାଶ ପାଇଁ ଓଡ଼ିଶା , ଝାଡ଼ଖଣ୍ଡ ଓ ବିବାହାର ରାଜ୍ୟରେ ସାମାଜିକ ଓ ବାଳିକା ବିକାଶ ସଂସ୍ଥା ଦ୍ୱାରା କାର୍ଯ୍ୟରତ ଅଛନ୍ତି । କରୋନା ସମୟରେ ସୁସ୍ମିତା ବିଭିନ୍ନ ସେବା କାର୍ଯ୍ୟକରିଥିବା ଯୋଗୁଁ ଏହି ଡ଼କ୍ଟରେଟ୍ ସମ୍ମାନରେ ସମ୍ମାନିତ କରାଯାଇଛି । ସେହିଭଳି ସ୍ୱାମୀ ଶୁଭ୍ରାଂଶୁ ମଧ୍ୟ ଉପରୋକ୍ତ ତିନୋଟି ରାଜ୍ୟ ସହିତ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ଦୀର୍ଘ ୩୦ ବର୍ଷ ଧରି ଗରୀବ ଲୋକ ମାନଙ୍କର ବିକାଶ ପାଇଁ ସେବା , ଯୁବକ ଯୁବତୀ ଓ ଗ୍ରମାବାସୀଙ୍କ ନେତୃତ୍ୱ ବିକାଶ ସହିତ ଗ୍ରାମ ସଶକ୍ତିକରଣରେ ତାଙ୍କର ଅବଦାନ ଯୋଗୁଁ ଉକ୍ତ ୟୁନିଭରସିଟ୍ ପକ୍ଷରୁ ଏହି ଉପାଧି ପ୍ରଦାନ କରାଯାଇଛି । ଦୁହିଙ୍କରର ସମାଜ ପାଇଁ ନିଶ୍ୱାର୍ଥପର ସେବା ଆଜିର ସମାଜ ପାଇଁ ଏକ ଆଦର୍ଶ ପାଲଟିଛି ।

# ଆଦିବାସୀ ମେଳା : ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜନଜାତି ମହିଳାଙ୍କ ସଶକ୍ତିକରଣ

ଭୁବନେଶ୍ୱର,୩୦।୧ (ନି.ପ୍ର): ଜନଜାତି ସମାଜରେ ନାରୀର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଘର, ପରିବାର ତଥା ଗାଁ ଓ ସମାଜକୁ ସଂଗଠିତ କରିବାରେ ଏମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ଏହି ସାମାଜିକ ତତ୍ତ୍ୱକୁ ଆଧାର ହିସାବରେ ଗ୍ରହଣ କରି, ଜନଜାତି ସମାଜରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପରିକଳ୍ପନା ଏବଂ ସେମାନଙ୍କୁ ସଶକ୍ତିକରଣରେ ଜନଜାତି ଅର୍ଥନୀତି ସ୍ୱଚ୍ଛଳ ହେବା ନିଶ୍ଚିତ ଜାଣି ବିକାଶ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ବିଭିନ୍ନ ବିଷୟରେ ସଚେତନତା କରାଯାଉଛି । ଅନେକ ଆର୍ଥିକ କାର୍ଯ୍ୟକ୍ରମରେ ସେମାନଙ୍କ ଭାଗୀଦାରୀକୁ ପ୍ରମୁଖତାର ସହ ବିଚାରକୁ ନେଇ ବଜାର ସହ ଯୋଡାଯାଇଛି । ୨୦୧୦ ମସିହାରୁ ଆଦିବାସୀ ମେଳା ହାଟର ପ୍ରଭାଗରେ କେବଳ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିପଣନ ଦାୟୀତ୍ୱ ଦିଆଯିବା ପରଠୁଁ ପ୍ରତ୍ୟେକ ବର୍ଷ ଏମାନଙ୍କ ଭାଗିଦାରିତା ବଢ଼ିଛି । ପ୍ରଥମେ ପ୍ରଥମେ ଏମାନେ ହିସାବ କିତାବ ସହ କିଛିଟା ଅନଭିଜ୍ଞ ଥିଲେ । ମେଳାରେ ବିକ୍ରୟ ହେଉଥିବା ଦ୍ରବ୍ୟରୁ ପ୍ରାପ୍ତ ଟଙ୍କା ହିସାବ କରିବା ପାଇଁ ମେଳାରେ ନିୟୋଜିତ କର୍ମକର୍ତ୍ତାଙ୍କ ସହାୟତା ଲୋଡୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଚଳିତ ବର୍ଷ ଆଦିବାସୀ ମେଳା, ହାଇବ୍ରିଡ଼୍ ଢ଼ାଂଚାରେ ହେଉଥିବାରୁ ସ୍ୱୟଂସହାୟକ ମହିଳା ଗୋଷ୍ଠୀର ଭୂମିକା ଆହୁରି ବଢ଼ିଯାଇଛି । ଏହା ଦ୍ୱାରା ସେମାନେ ନିଜ ଘରୁ/ଗାଁରୁ ମଧ ଅନ୍‌ଲାଇନ୍ ମାଧ୍ୟମରେ ବ୍ୟବସାୟ କରିପାରିବେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ଆଶାବାଦୀ । କଟକଣା ଯୋଗୁଁ ଗ୍ରାହକ ସଂଖ୍ୟା କମିଛି, ତେବେ ଆଗାମୀ ଦିନରେ ପରିଦର୍ଶକଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ଥିବାରୁ ତାଙ୍କ ଜିନିଷର ବିକ୍ରିବଟା ମଧ୍ୟ ବଢ଼ିବ ବୋଲି ସେ ଆଶାବାଦୀ । ସେହିପରି ବଣ୍ଡା ଉନ୍ନୟନ ସଂସ୍ଥା ତରଫରୁ ଯୋଗଦାନ କରିଥିବା ମାଁ ମାଉଳି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରତୀମା ନାୟକଙ୍କ ସହ ଆଳାପ ସମୟରେ ସେ ତାଙ୍କ ବଣ୍ଡା ଅଂଚଳରେ ଉତ୍ପାଦିତ ଡଙ୍ଗରାଣୀ, ରୁମାକ୍, (ବିରି), ବୁଟାସେମି (ରାଜମା), ମୁଗ୍, ମର୍ଚି ର ଉପରେ ତାଙ୍କ ମତ ରଖି ଭଲ ବିକ୍ରୟ ହେଉଥିବାର ସୂଚନା ଦେଇଥିଲେ । ଆଦିବାସୀ ମେଳାରେ ବିକ୍ରିବଟାର ଉତମ ବଜାର ରହିଛି ଏବଂ ଏହାର ଚାହିଦାକୁ ନେଇ ବଣ୍ଡା ଘାଟିରେ ସଂପ୍ରତି ବିଭିନ୍ନ ଶସ୍ୟ ଉତ୍ପାଦନ ପାଇଁ ସେମାନେ ବିଗତ ୫/୬ ବର୍ଷ ହେଲା ପଦକ୍ଷେପ ନେଇଛନ୍ତି ଯାହା ଅନେକ ବଣ୍ଡା ପରିବାର ସଫଳ ହୋଇଛନ୍ତି । ଆମର ଉତ୍ପାଦନ ବଢ଼ିଲେ ସିନା ବିକ୍ରି କରି ଦି ପଇସା ପାଇବା ତେଣୁ କୃଷି କ୍ଷେତ୍ରକୁ ମୌସୁମୀ ଋତୁରେ ବିଶେଷ ଧ୍ୟାନ ଦେଉଛୁ ବୋଲି ପ୍ରତୀମା ସୂଚନା ଦେଇଥିଲେ ।

# ଗୋପବନ୍ଧୁନଗର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ପାଳିତ

ଉଦଳା ,୩୦।୧ (ନି.ପ୍ର): ଗୋପବନ୍ଧୁନଗର ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ପୁରୁଣାବାରିପଦା ଗ୍ରାମପ ।ୟତ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଚଳିତ ଜାନୁଆରୀ ୨୭ ତାରିଖ ବୁଧବାର ଦିନ ପାଳିତ ହୋଇ ଯାଇଛି । କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଦିବଂଗତ ସାମ୍ବାଦିକ ମାନଙ୍କ ଉଦେଶ୍ୟରେ ନୀରବ ପ୍ରାର୍ଥନା, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରସ୍ୱତ କନିଷ୍ଠ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ କରୋନା ସମୟରେ ତାଲାବନ୍ଦ ଯୋଗୁଁ ଦେଖା ଦେଇଥିବା ସମସ୍ୟାର ସମାଧାନ କରିବା




କ୍ଷେତ୍ରରେ ଗୋପବନ୍ଧୁନଗର ପ୍ରେସ କ୍ଲବର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପକଣ୍ଠ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ, ଗୋପବନ୍ଧୁନଗର ବ୍ଲକର ଅଧ୍ୟକ୍ଷ ସୁକେଶ୍ୱର ମଢ଼େଇ ବିଶିଷ୍ଟ ଅତିଥି ଭାବରେ, ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସମାଜ'ର ଜିଲ୍ଲା ପ୍ରତିନିଧି ଡ଼. ବିଜୟ ଅଗ୍ରୱାଲା ସ୍ୱତନ୍ତ୍ର ଅତିଥି ଭାବରେ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ପରିବେଶବିତ ସନ୍ତୋଷ କୁମାର ମହାନ୍ତି, ଗୋପବନ୍ଧୁନଗର ବ୍ଲକର ଉପାଧକ୍ଷ ମାନସ ରଂଜନ ମହାରଣା ଓ ପୁରୁଣାବାରିପଦାର ଯୁବନେତା କମଳାକାନ୍ତ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସବୁ ପ୍ରକାର ଦୁଃଖ କଷ୍ଟକୁ ନିଜେ ସହି ଦେଶ ଗଠନରେ ସାମ୍ବାଦିକ ମାନେ କିପରି ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏହାପରେ ଦିବଂଗତ ସାମ୍ବାଦିକ ମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ସାମ୍ବାଦିକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉ ରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କ୍ଲବର ସଂପାଦକ ଡ଼. କୁମାର ବାବୁଲି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଂଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ୪ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ

ଭୁବନେଶ୍ୱର,୩୦।୧ (ନି.ପ୍ର): ସ୍ଥାନୀୟ ଜନତା ମଇଦାନଠାରେ ଜାନୁଆରୀ ୨୧ ତାରିଖଠାରୁ ପଂଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ ହୋଇଛି । ଏହି ମେଳାରେ ସମୁଦାୟ ୨୮୦ ଗୋଟି ଷ୍ଟଲ ରହିଛି । ସେଥି ମଧ୍ୟରୁ ୧୬୬ଟି ହସ୍ତଶିଳ୍ପ ୨୮୦ ଗୋଟି ଷ୍ଟଲ ରହିଛି । ସେଥି ମଧ୍ୟରୁ ୧୬୬ଟି ହସ୍ତଶିଳ୍ପ ଷ୍ଟଲ ଓ ୧୧୪ଟି ହସ୍ତତନ୍ତ ଷ୍ଟଲ ରହିଛି । ଓଡ଼ିଶା ସମେତ ୨୪ଟି ରାଜ୍ୟର ବୁଣାକାର ଓ କାରିଗର ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି । ହସ୍ତଶିଳ୍ପ ଷ୍ଟଲଗୁଡ଼ିକରେ ଅତି ସୁନ୍ଦର ପଥର ଖୋଦେଇ, କାଠ ଖୋଦେଇ, ପଥର ବାସନ, କଂସା ଓ ପିତଳର ବିଭିନ୍ନ ପ୍ରକାରର ବାସନ, ଘର ସଜେଇବା ସାମଗ୍ରୀ, ପଟ୍ଟଚିତ୍ର, ବେତ ଓ ବାଉଁଶ କାମ, ନଡ଼ାରେ ତିଆରି ୱାଲ୍ ହ୍ୟାଙ୍ଗିଙ୍ଗ୍, ଟେରାକୋଟା ସାମଗ୍ରୀ, କାଇଁଚ କାମ, ସବାଇ ଘାସରେ ତିଆରି ବିଭିନ୍ନ ଘର ସଜେଇବା ଜିନିଷ ଆଦି ଲୋକମାନଙ୍କୁ ଆକୃଷ୍ଟ କରୁଛି । ଏହି ତୋଷାଳି ମେଳାରେ ଭିନ୍ନକ୍ଷମ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀମାନ ମଧ ଉପଲବ୍ଧ ହେଉଛି । ଆଗ୍ରାର କାଚ ତିଆରି ଘର ସଜାଇବା ସାମଗ୍ରୀ, ପଶ୍ଚିମବଙ୍ଗର ଚମଡ଼ା ପ୍ରସ୍ତୁତ ବ୍ୟାଗ ଓ ଚପଲ ଇତ୍ୟାଦି, ଆସାମର ବାଉଁଶ କାମ, ଦିଲ୍ଲୀ ଓ ପଂଜାବର ଏମ୍ବ୍ରଡରି କାରୁକାର୍ଯ୍ୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି । ସେହିପରି ତୋଷାଳି ମେଳାରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ହସ୍ତତନ୍ତ ଲୁଗା, ଡ୍ରେସ ମ୍ୟାଟେରିଆଲ୍ ଏବଂ ଭଗାମୁଣ୍ଡା ଟସର ବସ୍ତ୍ର ଷ୍ଟଲ୍ ରେ ଗ୍ରାହକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଆଜି ମେଳା ପରିସରକୁ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ପରିଦର୍ଶନରେ ଆସି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ ଏବଂ କାରିଗର ଓ ବୁଣାକାରମାନଙ୍କୁ ସେମାନଙ୍କର ବ୍ୟବସାୟ ସଂପର୍କରେ ପଚାରି ବୁଝିଥିଲେ । ଜାନୁଆରୀ ୨୭ ତାରିଖ ସୁଦ୍ଧା ତୋଷାଳି ମେଳାରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବାର ଜଣାପଡ଼ିଛି । ଏହି ମେଳା ପ୍ରତ୍ୟହ ଦିବା ୨ ଘଟିକାଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

## ସୁନ୍ଦରଗଡ ଆଇଟି ଭିତ୍ତିଭୂମି ଅନୁଧ୍ୟାନ ସହ ପିଲାଙ୍କ ଗହଣରେ ସମୟ ବିତାଇଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୩୦।୧ (ନି.ପ୍ର): କ୍ରୀଡା, ଯୁବସେବା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତାଙ୍କ ସୁନ୍ଦରଗଡ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ହକି ଖେଳୁଥିବା ସ୍କୁଲ ଛାତ୍ରଛାତ୍ରୀ ଏବଂ ପିଲାଙ୍କ ଗହଣରେ ସମୟ ବିତାଇବା ସହ ସେମାନଙ୍କ ସହ ଭାବବିନିମୟ କରିଛନ୍ତି । ମନ୍ତ୍ରୀ ଶ୍ରୀ ବେହେରା ରାଉରକେଲାସ୍ଥିତ ଏସଟିପିଆ କେନ୍ଦ୍ର ବୁଲିବା ସହ ସେଠାକାର ଆଇଟି ଭିତିଭୂମି, ଆବଶ୍ୟକ ସୁବିଧା ସୁଯୋଗ, ସହ ରାଜ୍ୟରେ ଆଇଟି କ୍ଷେତ୍ରକୁ କିପରି ବ୍ୟାପକ କରିହେବ ଏବଂ ଏକ୍ଷେତ୍ରରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ସେସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ବେହେରା ବିଶ୍ରା ବ୍ଲକ୍ ରେ ପହଂଚି ସେଠାରେ ଟର୍ଫ ବିଛାଯିବାକୁ ଥିବା ପଡିଆ ଦେଖିଯିବା ସହ ଏସଏସଡି ହାଇସ୍କୁଲ ଏବଂ ସେଠାକାର ଖେଳପଡିଆ ପରିଦର୍ଶନ କରିଥିଲେ । ପରେ ପରେ ମନ୍ତ୍ରୀ ନୂଆଗାଁ ବ୍ଲକର ପି.ଏମ୍ ହାଇସ୍କୁଲ, କୁଆରମୁଣ୍ଡା ବ୍ଲକର କାଦବାହାଲ ହାଇସ୍କୁଲ ପରିଦର୍ଶନ କରିଥିଲେ । ଏଥିସହିତ କୁତ୍ରା ବ୍ଲକ୍ ର କମ୍ୟୁନିଟି ଖେଳପଡିଆ, ବରଗାଁ ବ୍ଲକର ମାଛମରା ପ୍ରାଥମିକ ବିଦ୍ୟାଳୟ ଆଦି ଗସ୍ତ କରି ସେଠାକାର ସ୍କୁଲରେ ପଢୁଥିବା ଛୋଟ ଛୋଟ ପିଲାଙ୍କ ସହ ବେଶ କିଛି ସମୟ କାଟିଥିଲେ । ସୁନ୍ଦରଗଡର ଏହି ଛୋଟ ପିଲାଙ୍କ ମଧ୍ୟରେ ହକି ପ୍ରତି ଭଲ ପାଇବା ଦେଖି ମନ୍ତ୍ରୀ ଶ୍ରୀ ବେହେରା ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବ୍ଲକରେ ସିନ୍ଥେଟିକ୍ ଟର୍ଫ ନିର୍ମାଣ ହେଲେ ପିଲାମାନେ ନୂଆ ଅନୁଭୂତି ସହ ସୁନ୍ଦରଗଡ ଜିଲ୍ଲା ସଫଳତାର ଶୀର୍ଷତମ ସୋପାନରେ ପହଂଚିବ ବୋଲି ମତବ୍ୟକ୍ତ କରିଥିଲେ ।

# ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୩୦।୧ (ନି.ପ୍ର): ଆଇଆଇଟି, ଭୁବନେଶ୍ୱରଠାରେ ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ନିମନ୍ତେ ଆଇଆଇଟି ଏବଂ ଓଡ଼ିଶା ବିଦ୍ୟୁତ ଶକ୍ତି ସଂରକ୍ଷଣ ନିଗମ ଲିଃ (ଓପିଟିସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ସହ ଏ ଧରଣର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ପ୍ରଥମ ଅଟେ । ସ୍ୱାକ୍ଷରିତ ବୁଝାମଣା ଅନୁଯାୟୀ ଆଇଆଇଟି ଭୁବନେଶ୍ୱର ରାଜ୍ୟର ଶକ୍ତିକ୍ଷେତ୍ରରେ ତାଲିମ ପ୍ରଦାନ, ଗୁଣାତ୍ମକ ଶକ୍ତି ଉତ୍ପାଦନ, ଶକ୍ତି ସଂଚାର, ଭିତିଭୂମି ବିକାଶ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପରେ ଉଚ୍ଚତର ଗବେଷଣା ଏବଂ ପ୍ରୟୋଗାତ୍ମକ ବୈଷୟିକ ଯନ୍ତ୍ରପାତିର ବିକାଶ ଉପରେ କାର୍ଯ୍ୟ କରାଯିବ । ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଶକ୍ତି ବିଭାଗ ସମାଜକୁ ଅନ୍ଧକାରରୁ ଆଲୋକ ଆଡ଼କୁ ରୂପାନ୍ତରିତ କରିବାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ସେ ଦିଗରେ ଏହି ବୁଝାମଣା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶାପ୍ରକାଶ କରିଥିଲେ । ଏଥି ସହିତ ଆଇଆଇଟି ଶକ୍ତି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଏହା କାର୍ଯ୍ୟ କରିବ ବୋଲି କହିଥିଲେ । ଏହି ଅବସରରେ ଆଇଆଇଟି ନିର୍ଦ୍ଦେଶକ ପ୍ରାଧାପକ ଆର.ଭି. ରାଜା କୁମାର କହିଲେ ଯେ ଏହି ଅନୁଷ୍ଠାନ ଶିକ୍ଷାଦାନ ବ୍ୟତୀତ ସ୍ଥାନୀୟ ଅଂଚଳର ବିକାଶ ନିମନ୍ତେ ଅଧିକ ଗବେଷଣା ଓ ବିକାଶ କାର୍ଯ୍ୟ ସଂପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ବୁଝାମଣା ପ୍ରକାରେ ଚେୟାର ପ୍ରତିଷ୍ଠା ହେଲେ ଏହା ଶକ୍ତି କ୍ଷେତ୍ରରେ ଏକ ପରିବର୍ଦ୍ଧିତ ଶାଖା ଭାବେ କାର୍ଯ୍ୟକରିବ, ଯାହା ଏ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ କାର୍ଯ୍ୟ କରିବ । ଆଗକୁ ଏହା ପ୍ରସ୍ତାବିତ ଅକ୍ଷୟଶକ୍ତି ଏବଂ ସ୍ମାର୍ଟ ଗ୍ରୀଡ଼ ଉତ୍କର୍ଷ କେନ୍ଦ୍ର ଉଭୟ ଏକାଡେମୀ ଏବଂ ଶିଳ୍ପ ପ୍ରତିଷ୍ଠାନ ପରିପୁଷ୍ଟ କରିବ ବୋଲି କହିଥିଲେ । ସେହିପରି ଓପିଟିସିଏଲ୍ ର ଅଧ୍ୟକ୍ଷ ତଥା ଗ୍ରୀଡ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୌରଭ ଗର୍ଗ ଆଇଆଇଟି ବିଭିନ୍ନ ବୈଷୟିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ । ଏହି ପ୍ରୟାସରେ ଉତମ ଜ୍ଞାନସଂପନ୍ନ ଛାତ୍ରଛାତ୍ରୀ ଶକ୍ତି କ୍ଷେତ୍ରରେ ଉପୁଜୁଥିବା ପ୍ରକୃତ ସମସ୍ୟା ସହ ଅବଗତ ହେବା ଏବଂ ଏଥି ସହିତ ବିଭାଗର ଇଂଜିନିୟରମାନେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟର ସୁଯୋଗ ଲାଭ କରିବେ ବୋଲି କହିଥିଲେ । ଏହି ବୁଝାମଣାପତ୍ରରେ ଆଇଆଇଟି, ଭୁବନେଶ୍ୱର ତରଫରୁ ପ୍ରାଧାପକ ସୁଜିତ ରାୟ ଏବଂ ଓପିଟିସିଏଲ୍ ତରଫରୁ ନିର୍ଦ୍ଦେଶକ (ମାନବସମ୍ବଳ) ଶ୍ରୀ ରଘୁନାଥ ପ୍ରତିହାରୀ ସ୍ୱାକ୍ଷର କରିଥିଲେ ।

ଏହି ଅବସରରେ ଆଇଆଇଟି, ଭୁବନେଶ୍ୱରର ପ୍ରାଧାପକ ଶ୍ରୀ ଶୁଭ୍ରାଂଶୁ ସାମନ୍ତରାୟ, ଓପିଟିସିଏଲ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୀବ ସିଂହ ଏବଂ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୧ ଜାନୁଆରୀ, ୨୦୨୧


email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


ଧାରାବାହିକ : ଜୀବନାନୁଭୂତି

## ମୋର ପୂର୍ବ ସ୍ମୃତି କଥା

ଭାଗ-୧୩



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବପ୍ରକାଶିତ ଉତ୍ତାରୁ...)

### ହାଇସ୍କୁଲରେ ଶିକ୍ଷା

୧୯୦୨ ମସିହା ଫେବୃୟାରୀ ମାସରେ ମଧ ପ୍ରଦେଶର ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟଇଂରେଜୀ ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହେଲି । ସେହି ସମୟରେ ବଲାଙ୍ଗିରରେ ହାଇସ୍କୁଲ ନଥିଲା । ସର୍ବପ୍ରଥମ ହାଇସ୍କୁଲ ହେଲା ୧୯୧୭ ମସିହାରେ । ସର୍ବାପେକ୍ଷା ନିକଟବର୍ତ୍ତୀ ହାଇସ୍କୁଲ ଥିଲା ସମ୍ବଲପୁରରେ । ସେଠାକୁ ମୁଁ ପଢ଼ିଯିବା ସକାଶେ ପ୍ରସ୍ତାବ ହେଲା । ଯିବା ପୂର୍ବରୁ ପିତାମାତା ଆଦିଙ୍କୁ ଦେଖିଆସିବା ଅଭିପ୍ରାୟରେ ଘର ଆଗଲପୁରକୁ ଗଲି ଓ ଉଚ୍ଚଶିକ୍ଷା ସକାଶେ ମୁଁ ସମ୍ବଲପୁରକୁ ଯାଉଥିବା ଜଣାଇଲି । ଏହାଶୁଣି ପିତାମାତା କାହିଁକି, ଅନ୍ୟାନ୍ୟ ଗ୍ରାମବାସୀ ସୁଦ୍ଧା ଆଶ୍ଚର୍ଯ୍ୟାନ୍ୱିତ ହେଲେ । ବଲାଙ୍ଗିରର ପାଠ ପରେ ଆଉ ପାଠ ରହିଲା କ'ଣ ? ବଲାଙ୍ଗିରର ଇଂରାଜୀ ପାଠରେ ତ ସମସ୍ତ ବିଦ୍ୟା ଶେଷ ! ସେହି ସମୟରେ କ୍ୱଚିତ କେହି ଉଚ୍ଚାଶିକ୍ଷା ସକାଶେ ସ୍ଥାନାନ୍ତରକୁ ଯାଉଥିଲେ । ବଲାଙ୍ଗିରରେ ମଧ୍ୟଇଂରେଜୀ ପରୀକ୍ଷା ପାସ ହେଲା ମାତ୍ରକେ ଦଶବାର ଟଙ୍କାରେ କୌଣସି ଗୋଟିଏ ଚାକିରି ମିଳିଯାଉଥିଲା । ସେଥିରୁ ଗୋଟିଏ କିଛି କରିବା ପାଇଁ ପିତା ମୋତେ ପରାମର୍ଶ ଦେଲେ । ମା' ତ ମୋତେ ଦୂରକୁ ଛାଡ଼ି ଦେବାପାଇଁ ଏକାନ୍ତ ନାରାଜ । କିନ୍ତୁ ମୁଁ ବୁଝାଇସୁଝାଇ ଉଚ୍ଚଶିକ୍ଷା ସକାଶେ ସମ୍ବଲପୁର ଯିବାପାଇଁ ସ୍ଥିର କରିଥିବା କହିଲି ଓ ଘରେ ଚାରିଦିନ ରହି ବଲାଙ୍ଗିରକୁ ଫେରିଆସିଲି । ପିତା ମୋ ସଙ୍ଗେ ଆସିଲେ ଓ ସମ୍ବଲପୁରକୁ ନଯିବା ପାଇଁ ମୋତେ ଉପଦେଶ ଦେବା ସକାଶେ ହେଡ଼ମାଷ୍ଟର ଶ୍ରୀ ବାଲୁକେଶ୍ୱର ମିଶ୍ରଙ୍କୁ ଅନୁରୋଧ କଲେ । ୧୮୯୮ ରୁ ୧୯୦୨ ପର୍ଯ୍ୟନ୍ତ ଯେଉଁ ଚାରିବର୍ଷ ମୁଁ ବଲାଙ୍ଗିରରେ ରହିଥିଲି ତହିଁରୁ ପ୍ରଥମ ଦୁଇବର୍ଷ ଛାତ୍ରାବାସରେ ଥିଲି । ଶେଷ ଦୁଇବର୍ଷ ହେଡ଼ମାଷ୍ଟର ମିଶ୍ର ମହୋଦୟ ନିଜ ବସାରେ ରଖି ମୋତେ ପୁତ୍ର ତୁଲ୍ୟ ସ୍ନେହ ଓ ଯତ୍ନ କରିଥିଲେ । ଯେତେବେଳେ ପିତା ମୋତେ ସମ୍ବଲପୁରକୁ ନପଠାଇବା ପାଇଁ ଏକା ଜିଦ୍‌ଧରି ବସିଲେ ସେତେବେଳେ ହେଡ଼ମାଷ୍ଟର ମହୋଦୟ ତାଙ୍କୁ କହିଲେ ଯେ ସେ ମୋତେ ପୁଅକରି ନେଇ ସାରିଛନ୍ତି ଓ ମୋର ଉଚ୍ଚଶିକ୍ଷାର ସମସ୍ତ ଭାର ଗ୍ରହଣ କରିଅଛନ୍ତି ଏବଂ ଏଥିରେ ବାଧା ନ ଦେବାକୁ ଅନେକ ବୁଝାଇଲେ । ପରିଶେଷରେ ପିତା ବୁଝିଲେ ଓ ମୋତେ ଯିବାପାଇଁ ଅନୁମତି ଦେଲେ । ସେହିବର୍ଷ ଆମ୍ଭେମାନେ ଚାରିଜଣ ପାସ କରିଥିଲୁ ଓ ତିନିଜଣ ଉଚ୍ଚଶିକ୍ଷା ସକାଶେ ସମ୍ବଲପୁରକୁ ବାହାରିଲୁ । ଜଣେ କଟକ ସର୍ଭେ ସ୍କୁଲକୁ ଗଲେ । ଷ୍ଟେଟ୍ ପ୍ରତ୍ୟେକଙ୍କୁ ମାସିକ ଛଅଟଙ୍କା ଲେଖାଏଁ ବୃତ୍ତି ଦେଲା । ୧୯୦୨ ମସିହା ଏପ୍ରିଲ୍ ମାସରେ ଆମ୍ଭେମାନେ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ଯୋଗଦେଲୁ । ସୋନପୁର, କଳାହାଣ୍ଡି, ଖଡ଼ିଆଳ, ରାୟଗଡ଼ା ଓ ସାରଙ୍ଗଗଡ଼ରୁ କେତେଜଣ ପିଲା ମଧ ଆସିଲେ । ରାୟଗଡ଼ ଓ ସାରଙ୍ଗଗଡ଼ର ପିଲାମାନେ ହିନ୍ଦୀ ଭାଷା-ଭାଷୀ । କେତେକ ମରହଟ୍ଟା ଛାତ୍ର ମଧ ଆସି ଯୋଗଦେଲେ ।

ଶିକ୍ଷକମାନଙ୍କ ମଧରେ ପ୍ରାୟ ସମସ୍ତେ ମରହଟ୍ଟା ବା ହିନ୍ଦୁସ୍ଥାନୀ । ନିମ୍ନ ଶ୍ରେଣୀରେ ଜଣ କେତେ କେବଳ ସମ୍ବଲପୁରବାସୀ ଓଡ଼ିଆ । ହେଡ଼ମାଷ୍ଟର କିନ୍ତୁ ଓଡ଼ିଆ, ବାଲେଶ୍ୱରବାସୀ ଶ୍ରୀ ଦାଶରଥି ପାଣିଗ୍ରାହୀ । ସେ ପରେ କଟକ ଟ୍ରେନିଂ କଲେଜର ଅଧକ୍ଷ ହୋଇଥିଲେ । ଏହାଙ୍କ ପୂର୍ବେ ଉତ୍କଳର ଭକ୍ତକବି ମଧୁସୂଦନ ରାଓଙ୍କ ଜାମାତା ଶ୍ରୀ ବିଜୟଚନ୍ଦ୍ର ମଜୁମ୍‌ଦାର୍ ହେଡ଼ମାଷ୍ଟର ହୋଇଥିଲେ ।


ତିନିଦିନ କାଳ ବଳଦଗାଡ଼ିରେ ଆସି ସମ୍ବଲପୁରରେ ପହଞ୍ଚି ହେଡ଼ମାଷ୍ଟର ମହୋଦୟଙ୍କ ସଙ୍ଗେ ସାକ୍ଷାତ୍ କଲୁ । ସେ ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା କରି ନିଜେ ଆସି ଛାତ୍ରାବାସରେ ଆମ୍ଭମାନଙ୍କ ସକାଶେ ସ୍ଥାନ ନିର୍ଦ୍ଦେଶ କରିଦେଲେ । ଛାତ୍ରାବାସରେ ଛାତ୍ରମାନଙ୍କ ମେସ୍ ଥିଲା । ତହିଁରେ ଆମ୍ଭେମାନେ ଯୋଗଦେଲୁ । ମୋର ସମ୍ବଲ ଷ୍ଟେଟ୍ ପ୍ରଦତ୍ତ ବୃତ୍ତି ଛଅଟଙ୍କା । ଏହାର ମଧରେ ଚଳିବାକୁ ହେବ । ମୋର ଧର୍ମପିତା (ମୁଁ ଶ୍ରୀ ବାଲୁକେଶ୍ୱର ମିଶ୍ରଙ୍କୁ ଧର୍ମପିତା କରିନେଇଥିଲି) ଆବଶ୍ୟକ ହେଲେ କିଛି କିଛି ପଠାଉଥିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମେସ୍ ଖର୍ଚ୍ଚ ତିନିଟଙ୍କାରୁ ଅଧିକ ନୁହେଁ । ସ୍କୁଲ ଦରମା ଦୁଇଟଙ୍କା । ଅବଶିଷ୍ଟ ଟଙ୍କାକରେ କିରୋସିନ୍ ଆଦି ଖର୍ଚ୍ଚ ଚଳାଇବାକୁ ହେଉଥିଲା, ବହି ଲୁଗାପଟା ଆଦି ସକାଶେ ଖର୍ଚ୍ଚ ସ୍ୱତନ୍ତ୍ର । ସେତେବେଳେ ସ୍କୁଲ ଦରମା ଥିଲା, ଅଭିଭାବକଙ୍କ ଆୟ ଅନୁସାରେ ଦୁଇଟଙ୍କାରୁ ଆଠଟଙ୍କା ପର୍ଯ୍ୟନ୍ତ ।

ସେହି ସମୟରେ ମଧ୍ୟପ୍ରଦେଶର ସ୍କୁଲ ଓ କଲେଜସମୂହ କଲିକତା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ଥିଲେ । ମଧ୍ୟପ୍ରଦେଶର କଲେଜ ବୋଇଲେ ଦୁଇଟି, ନାଗପୁରର ହିସଲପ୍ କଲେଜ ଓ ମରିସ୍ କଲେଜ । ଏଣ୍ଟ୍ରାନ୍ସ ପରୀକ୍ଷା ସକାଶେ ନିର୍ଦ୍ଦିଷ୍ଟ ବିଷୟ ଥିଲା, ଇଂରେଜୀ, ସାହିତ୍ୟ, ଗଣିତ, ସଂସ୍କୃତ, ଭାରତବର୍ଷ ଓ ଇଂଲଣ୍ଡର ଇତିହାସ ଭୂଗୋଳ ଓ ପ୍ରାଥମିକ ପଦାର୍ଥବିଜ୍ଞାନ । ଇଂରେଜୀରେ ବ୍ୟାକରଣ ସ୍ୱତନ୍ତ୍ର ସ୍ଥାନପ୍ରାପ୍ତ ହୋଇଥିଲା । ଏଣ୍ଟ୍ରାନ୍ସ ପରୀକ୍ଷାରେ ଇଂରାଜୀ ବିଷୟରେ ଦୁଇଟି ପ୍ରଶ୍ନ କାଗଜରୁ ଗୋଟିଏ କେବଳ ବ୍ୟାକରଣରେ ଓ ଏହାଦ୍ୱାରା ଇଂରେଜୀରେ ଉତ୍ତମ ଜ୍ଞାନଲାଭର ବ୍ୟବସ୍ଥା ଥିଲା । ଏହି ନିୟମ ପରବର୍ତ୍ତୀ ପ୍ରବର୍ତ୍ତିତ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ପରିବର୍ତ୍ତିତ ହୋଇଗଲା । ଇଂରେଜୀ ବ୍ୟାକରଣ ଆଉ ଗୋଟିଏ ସ୍ୱତନ୍ତ୍ର ବିଷୟ ସ୍ୱରୂପ ପଢ଼ା ହେଲାନାହିଁ । ସାହିତ୍ୟ ପୁସ୍ତକ ଅନ୍ତର୍ଗତ ବିଷୟ ସହିତ ବ୍ୟାକରଣ ପାଠର ବ୍ୟବସ୍ଥା ହେଲା । ସୁତରାଂ ଦେଖାଗଲା, ଛାତ୍ରମାନେ ବିଦେଶୀୟ ଇଂରେଜୀ ଭାଷା ଶିକ୍ଷାରେ ଦୁର୍ବଳ ହୋଇ ପଡ଼ିଲେ । ଓଡ଼ିଆ ବା ହିନ୍ଦୀର ସ୍ଥାନ ନଥିଲା । ଆଜିକାଲି ପରି ପାଠ୍ୟପୁସ୍ତର ଘନଘନ ପରିବର୍ତ୍ତନ ଓ ଏତେ ଖାତାପତ୍ରର ବ୍ୟବହାର ନଥିଲା । ଏଣ୍ଟ୍ରାନ୍ସ କୋର୍ସ ନାମକ ନାନା ଲେଖକଙ୍କ ଗଦ୍ୟ-ପଦ୍ୟ ସମ୍ବଳିତ ଖଣ୍ଡେ ବହି ବାପଠାରୁ ପୁଅ ପର୍ଯ୍ୟନ୍ତ ପଢୁଥିଲେ । ମୂଲ୍ୟ ଦେଢଟଙ୍କା ମାତ୍ର ଥିଲା ।

ମରହଟ୍ଟା ଓ ହିନ୍ଦୁସ୍ଥାନୀ ଶିକ୍ଷକମାନେ ଓଡ଼ିଆ ପିଲାଙ୍କ ସଙ୍ଗେ ଓ ଓଡ଼ିଆ ଶିକ୍ଷକମାନେ ମରହଟ୍ଟା ଓ ହିନ୍ଦୁସ୍ଥାନୀ ପିଲାଙ୍କ ସଙ୍ଗେ ହିନ୍ଦୀରେ କଥାବାର୍ତ୍ତା କରନ୍ତି । ମଧ୍ୟପ୍ରଦେଶ ହିନ୍ଦୀ ଓ ମରହଟ୍ଟା ଭାଷାଭାଷୀ ଥିବାରୁ ସମ୍ବଲପୁରରେ ହିନ୍ଦୀ ଭାଷାର ପ୍ରଭାବ ପ୍ରବଳ ଥିଲା । ଅଠରଗୋଟି ଜିଲ୍ଲା ମଧରେ ଏକମାତ୍ର ଓଡ଼ିଆଭାଷୀ ଜିଲ୍ଲା ସମ୍ବଲପୁର । ଆମ୍ଭେମାନେ ଉଣାଅଧିକ ହିନ୍ଦୀଭାଷା ଶିକ୍ଷା କରୁଥିଲୁ । ଅନେକ ଓଡ଼ିଆ ପିଲା ମରହଟ୍ଟା ଓ ହିନ୍ଦୁସ୍ଥାନୀ ପିଲାଙ୍କ ପରି ମୁଣ୍ଡରେ ଟୋପି ଦେଇ ଆସନ୍ତି । ପରିଦର୍ଶକଙ୍କ ପରିଦର୍ଶନ ସମୟରେ ଟୋପି ପିନ୍ଧି ଆସିବାପାଇଁ ପିଲାମାନଙ୍କୁ ଏକପ୍ରକାର ବାଧ କରାହେଉଥିଲା । ଏଣ୍ଟ୍ରାନ୍ସ ପରୀକ୍ଷା ସକାଶେ ଓଡ଼ିଆ ତ ନଥିଲା । ସୁତରାଂ ହିନ୍ଦୀଭାଷା ବ୍ୟବହାରରେ ଆମ୍ଭମାନଙ୍କୁ ଅସୁବିଧା ଭୋଗ କରିବାକୁ ହେଉନଥିଲା । ବରଂ ଗୋଟିଏ ଅତିରିକ୍ତ ଭାଷା ଶିକ୍ଷା ହେଉଥିଲା ।

ଆଜିକାଲି ପରି ସ୍କୁଲ୍ ଇନ୍ସପେକ୍ଟରଙ୍କ ହାଇସ୍କୁଲ୍ ପରିଦର୍ଶନର ଅଧିକାଂଶ, ବାହ୍ୟ ବିଷୟଗୁଡ଼ିକର ଅନୁସନ୍ଧାନରେ ପର୍ଯ୍ୟବେସିତ ନଥିଲା । McGavin Spence ନାମକ ଜଣେ ଇଂରେଜ ଛତିଶଗଡ଼ ବିଭାଗର (ରାୟପୁର, ବିଳାସପୁର ଓ ସମ୍ବଲପୁର ଜିଲ୍ଲା) ସ୍କୁଲ ସମୂହର ଇନ୍ସପେକ୍ଟର ଥିଲେ । ତାଙ୍କ ପରେ ଆସିଲେ ଶ୍ରୀ କୈଳାସଚନ୍ଦ୍ର ଦତ୍ତ । ପରିଦର୍ଶନରେ ସେମାନେ ପ୍ରତ୍ୟେକ ଶ୍ରେଣୀର ପ୍ରତ୍ୟେକ ବିଷୟରେ ପିଲାଙ୍କୁ ପରୀକ୍ଷା କରୁଥିଲେ । ଏଥିଯୋଗୁଁ ଶିକ୍ଷକମାନେ ମନଯୋଗ ସହକାରେ ପିଲାଙ୍କୁ ପଢ଼ାଇବାରେ ପରିଶ୍ରମ କରୁଥିଲେ । ପ୍ରାଇଭେଟ୍ ଟିଉସନ୍ ଜଣା ନଥିଲା । ପରୀକ୍ଷା ହେବାରେ କିଛିଦିନ ପୂର୍ବେ ହେଡ୍‌ମାଷ୍ଟର ଶ୍ରୀ ଦାଶରଥି ପାଣିଗ୍ରାହୀ ରାତ୍ରିରେ ଛାତ୍ରାବାସକୁ ଆସି ଆମ୍ଭମାନଙ୍କୁ ପଢ଼ାଉଥିଲେ ।

ହାଇସ୍କୁଲରେ ଶିକ୍ଷକମାନେ ପିଲାଙ୍କୁ ପଢ଼ାଇବାରେ ଯତ୍ନ କରୁଥିଲେ ହେଁ ନାନା କାରଣରୁ ସମ୍ବଲପୁରର ଆବ୍‌ହାଉଆ ଅନୁକୂଳ ନଥିଲା । ତେଣୁ ଶିକ୍ଷା ଆଶାନୁରୂପ ହେଉନଥିଲା । ସେହି ସମୟରେ ସମ୍ବଲପୁରର ଗ୍ରାଜୁଏଟ୍ ମୁଷ୍ଟିମେୟ । (୧) ବୈକୁଣ୍ଠନାଥ ପୂଜାରୀ, ଏମ୍.ଏ (୧୮୯୭), (୨) ନୀଳକଣ୍ଠ ପୂଜାରୀ, ବି.ଏ., ବି.ଏଲ୍.(୧୯୦୨), (୩) ରାମନାରାୟଣ ମିଶ୍ର, ଏମ୍.ଏ.ବି.ଏଲ୍ (୧୯୦୨), (୪) ତ୍ରିବିକ୍ରମ ପୂଜାରୀ, ବି.ଏ (୧୯୦୩), (୫) ବାଲୁକେଶ୍ୱର ମିଶ୍ର, ବି.ଏ.ବି.ଏଲ୍., (୬) ରାମପ୍ରସାଦ ବହିଦାର, ବି.ଏ (୧୯୦୬) । ମଧ୍ୟପ୍ରଦେଶରୁ ବହୁସଂଖ୍ୟକ ମରହଟ୍ଟା ଓ ହିନ୍ଦୁସ୍ଥାନୀ ଆସି ସରକାରୀ ଚାକିରି ଓ ଅନ୍ୟାନ୍ୟ ବ୍ୟବସାୟରେ ସମ୍ବଲପୁର ଦଖଲ କରିନେଇଥିଲେ । ସମ୍ବଲପୁର ଅଧିବାସୀଙ୍କ ସହିତ ସେମାନଙ୍କ ସଂଘର୍ଷ ସାଧାରଣ ବ୍ୟାପାର ହୋଇଥିଲା । ପ୍ରାଥମିକ ଶିକ୍ଷାରେ ସୁଦ୍ଧା ଜିଲ୍ଲା ଏକାନ୍ତ ପଶ୍ଚାତ୍‌ପଦ ଥିଲା । ପ୍ରାଥମିକ ସ୍କୁଲ ସମୂହ ଜଣେ ହିନ୍ଦୁସ୍ଥାନୀ ହାତରେ ସେ ଡେପୁଟି ଇନ୍ସପେକ୍ଟର ଗୋଲାପ ସିଂହ-ଓଡ଼ିଆଭାଷାନଭିଜ୍ଞ । ତାଙ୍କ ତଳେ ଈଶ୍ୱରୀପ୍ରସାଦ ତେଓ୍ୱାରୀ, ସେ ମଧ ହିନ୍ଦୁସ୍ଥାନର । ମରହଟ୍ଟାଙ୍କ ହସ୍ତରେ ସ୍ଥାନୀୟ ଲୋକଙ୍କ ନିର୍ଯ୍ୟାତନା ଅତ୍ୟନ୍ତ ପ୍ରବଳ ହୋଇ ଉଠିଥିଲା । ମରହଟ୍ଟା ଓ ହିନ୍ଦୁସ୍ଥାନୀମାନେ କ୍ରମେ ଓଡ଼ିଆଙ୍କ ଜାତୀୟତାକୁ ଲୋପ କରିବାକୁ ବସିଲେ । ସେମାନେ ଦାବି କଲେ ଯେ, ସମ୍ବଲପୁରରୁ ଓଡ଼ିଆ ଭାଷା ଏକାବେଳକେ ବିତାଡ଼ିତ ହେଉ । (କ୍ରମଶଃ)




## ଡାଏରୀ -୫୦

ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



### ॥ କଂସ ॥

ସାଢ଼େ ପାଞ୍ଚଫୁଟର ମଣିଷ । ସାମାନ୍ୟ ଚନ୍ଦା, ପାତଳା ଚେହେରା । ପିନ୍ଧିଥାଏ ଗୋଟାଏ ଛାପିଛାପିକା ଲୁଙ୍ଗି, ଫତେଇ, ଅଣ୍ଟାରେ ବାନ୍ଧିଥାଏ ଗୋଟିଏ ଖୋର୍ଦ୍ଧା ଗାମୁଛା, ପୁରୁଣା ରାଲେ ସାଇକଲ୍ କ୍ୟାରିୟରରେ ବନ୍ଧା ହୋଇଥାଏ ଫୁଲପକା ଦସ୍ତା ଟ୍ରଙ୍କଟିଏ । ତା ଭିତରେ ସଜା ହୋଇ ରହିଥାଏ ଭଳିକି ଭଳି ରଙ୍ଗବେରଙ୍ଗୀ ଭିନ୍ନ ଭିନ୍ନ ସାଇଜର ଶଙ୍ଖା ଓ ପାଣିକାଚ ।

'କାଚ ନବ କାଚ' କହି ଗାଁ ଦାଣ୍ଡରେ ସାଇକେଲ ଗଡ଼ାଏ । ବୋଉ କବାଟ ଫାଙ୍କରୁ ଡାକ ପକାଏ । ପିଣ୍ଡା ଉପରେ ପସରା ମେଲାଇ ଦିଏ । ବୋଉ ଦେଠେଇ, ଖୁଡ଼ୀ କାଚ କିଣନ୍ତି ତାଙ୍କଠାରୁ । ଧୋବା କାଚେରା ନାଆଁରେ ସେ ପରିଚିତ । ତେବେ ରଜନୀ ଦାଶ ଧୋବାକୁ ଦେଖିଲେ ଭୟରେ ଜଡ଼ସଡ଼ ହୋଇ କବାଟ କଣରେ ଲୁଚିଯାଏ ଓ ଫାଙ୍କରୁ କଣେଇ କଣେଇ ଚାହେଁ । ତା ଆଖି ଆଗରେ ନାଚିଯାଏ କଂସା ମାରୁଣି ମୁକ୍ତମଂଚର ଗୋଟାଏ ପାର୍ଶ୍ୱରେ ବଂଧା ହୋଇଥିବା ବିରାଟ ମଂଚ । ପେଟ୍ରୋମାକ୍ସ ଲାଇଟ୍ ଆଉ ଫୁଲରେ ସଜା ହୋଇଥାଏ ମଂଚ । ମଂଚ ଉପରେ କଂସ ଭୂମିକାରେ ଧୋବା କାଂସେରା ରଡ଼ିଛାଡ଼େ । ମାଇକ ଫାଟିଗଲା ପରି ଲାଗେ, ଦର୍ଶକମାନେ ଚମକି ପଡ଼ନ୍ତି ।

ରଜନୀ ଦାଶର ସାହିକୁ ଲାଗି ରଥୀ ଯେନା ଗାଁ, ବିରାଟ ଗାଁ ଲୋକ ସଂଖ୍ୟା ଦୃଷ୍ଟିରୁ । ଅଧିକାଂଶ ଲୋକ କଂସାବାସନ ଶିଳ୍ପରେ ଲାଗି ରହନ୍ତି । ପ୍ରାୟ ନିମ୍ନ ମଧବିତ୍ତ ସ୍ତରର । ପ୍ରତିବର୍ଷ ଖରାଦିନ ଆସିଲେ ରାତି ଅଧରେ ବିଗୁଲ ବାଜେ ।

କନସର୍ଟ ଆରମ୍ଭ ହୁଏ । ଗାଁ ମଝାମଝି ଗୋପାଳଜୀଉ ମନ୍ଦିର ବେଢ଼ାରେ ତମ୍ବୁ ବାଉଁଶରେ ବନ୍ଧା ହୋଇଥାଏ ମଂଚ ।

ଏକୋଇଶ ଦିନ ଧରି କଂସ ମରୁଣି ହୁଏ । ବର୍ଷସାରା ନନ୍‌ଷ୍ଟପ୍ ପରିଶ୍ରମର ଇଏ ଯେମିତି ଲମ୍ବା ରିଲାକ୍ସେସନ୍ ।

ବିଗୁଲ ଓ କ୍ଲାରୋନେଟ୍‌ର ଧ୍ୱନି ଡାକବାଜି ଯନ୍ତ୍ରରେ ପ୍ରତିଧ୍ୱନିତ ହୁଏ । ଆଖପାଖ ଗାଁରୁ ଶହଶହ ଲୋକ ଛୁଟି ଆସନ୍ତି କଂସମରୁଣି ନାଟକ ଦେଖିବା ପାଇଁ । ପ୍ରାରମ୍ଭରେ କହ୍ନେଇନାଚ । ବାଳକୃଷ୍ଣ, ବଳରାମଙ୍କର ଗୋପାଳମାନଙ୍କ ସହ ନୃତ୍ୟ । ପରେ ପରେ ପ୍ରସଙ୍ଗ ଅନୁଯାୟୀ ନାଟକ । ସମଗ୍ର ଏକୋଇଶି ଦିନ ଅଭିନୟରେ ଦୁଇଟି ଦିବସର ପ୍ରସଙ୍ଗ ବେଶ୍ ଲୋକପ୍ରିୟ ଥିଲା । ପ୍ରଥମଟି କାଳୀୟ ଦଳନ ଓ ଶେଷଦିନରେ କଂସର ରଂଗସଭା ଓ କଂସବଧ ପ୍ରସଙ୍ଗ । କୃଷ୍ଣ ଭୂମିକାରେ ଅଭିନୟ କରୁଥାନ୍ତି ନୁରି । ପୁରା କୃଷ୍ଣଙ୍କ ଚେହେରା । ବଂଶୀ ବଜାଇ ମଂଚ ଉପରକୁ ଆସିଲେ କରତାଳିରେ ଫାଟିପଡ଼େ ମଂଚ । ଲୋକେ କୁହନ୍ତି ନୁରି କୁଆଡ଼େ କୃଷ୍ଣକଳାରେ ଜନ୍ମ । କଳୀୟଦଳନ ପ୍ରସଙ୍ଗ ଦିନ ପାଣି ରଖି ଯମୁନା ନଦୀ ଓ କାଳୀନାଗର ବଡ଼ ମୂର୍ତ୍ତି ସ୍ଥାପନ କରାଯାଇଥାଏ । ଗୀତ ବୋଲି ବୋଲି କୃଷ୍ଣ ଜଳରେ ପ୍ରବେଶ କରନ୍ତି । କାଳୀୟ ସହ ଯୁଦ୍ଧ । ହରିବୋଲ ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଯାଏ । ଚେତାଶୂନ୍ୟ ହୋଇପଡ଼ନ୍ତି କୃଷ୍ଣ । ହରିବୋଲ ହୁଳହୁଳି ପକାଇବାକୁ ମାଇକ୍‌ରେ ବାରମ୍ବାର ଘୋଷଣା କରାଯାଏ । ଅନେକ ସମୟପରେ କୃଷ୍ଣଙ୍କର ଚେତା ଫେରେ ଓ ମଂଚକୁ ଆସନ୍ତି ।

ତେବେ ଶେଷଦିନର କଂସବଧର ପ୍ରସଙ୍ଗ ଥାଏ ଖୁବ୍ ରୋମାଂଚକର । ଜଣକ ପରେ ଜଣେ ମହାବଳୀ ଯୋଦ୍ଧାଙ୍କୁ ହତ୍ୟାକରି କୃଷ୍ଣ ବଳରାମ କଂସର ଦରବାର/ରଂଗସଭା ଆଡ଼କୁ ଅଗ୍ରସର ହୁଅନ୍ତି । କଂସ କ୍ରୋଧରେ ଥରି ଉଠେ । ଚିତ୍କାର କରି ଚତୁର୍ଦ୍ଦିଗ କଂପାଏ । ପରିଶେଷରେ କୃଷ୍ଣ ବଳରାମଙ୍କ ଦର୍ଶନରେ କଂସ ମଂଚରୁ ଖସିପଡ଼େ । ହରିବୋଲ ହୁଳହୁଳିରେ ମଂଚ ଦୁଲୁକିପଡ଼େ ।

କଂସ ଭୂମିକାରେ ଅଭିନୟ କରୁଥିବା ଧୋବାର ଚେତା ଚାଲିଯାଏ ।

ଦୁଇ ତିନି ଘଣ୍ଟା ପରେ ଚେତା ଆସେ ।

କଂସ ମରୁଣି ସରିଯାଏ । ପୁଣି ରଂଗର ମୋହରୁ ସବୁ କଳାକାର ଫେରିଆସନ୍ତି । ଦର୍ଶକ ମନରେ କିନ୍ତୁ ଛାପ ରହିଯାଏ । ରଜନୀ ଦାଶ ବୁଢ଼ୀମା ସାଥିରେ ଚାଲିଆସେ ଯାତ୍ରା ଦେଖିବା ପାଇଁ । ସବୁଦିନ ନହେଲେ ବି ଚାରି ପାଞ୍ଚଟି ଭଲ ପ୍ରସଙ୍ଗରେ ନିଶ୍ଚୟ ଆସେ ।

ଧୋବା ସାଇକେଲରେ କାଚଶଙ୍ଖା ଭର୍ତ୍ତି ଟ୍ରଙ୍କ ଲଦି ବେପାରକୁ ଆସେ । ନିହାତି ସାଧାସିଧା ମଣିଷ । ବ୍ୟକ୍ତିଗତ ଜୀବନରେ ବି ବେଶ୍ ସରଳ । ସ୍ୱାମୀ ସ୍ତ୍ରୀ ଦୁଇପ୍ରାଣୀ । କେହି ପିଲାପିଲି ନାହାନ୍ତି । ଅନେକ ବର୍ଷପରେ ରଜନୀ ଦାଶ ଧୋବାକୁ ଭେଟିଥିଲା କଂସମରୁଣି ସଂପର୍କୀତ ଗବେଷଣା କାର୍ଯ୍ୟରେ । କଥା ପ୍ରସଙ୍ଗରେ ଧୋବା କହିଥିଲା "ଠାକୁରଙ୍କ ପାଖରେ ଅପ୍ରାଧ କରିଥିଲି, ଗୋଟି ଗୋଟି କରି ସାତ ସାତୁଟା ପିଲାଙ୍କୁ ମାରିଛି । କୃଷ୍ଣ ବଳରାମଙ୍କୁ କେତେ କଷ୍ଟ ନଦେଇଛି । ପିଲାଛୁଆ ମୋର କେମିତି ହେବ । ତଥାପି ଖୁସି । ମଲାବେଳେ ତାଙ୍କର ମୂର୍ତ୍ତି ଦର୍ଶନ କରି ମୁକ୍ତି ପାଇଯାଏ କେମିତ !"

ଅଦ୍ଭୁତ ଜୀବନଦର୍ଶନ ଧୋବାର । ସମୟକ୍ରମେ ଧୋବାର ମୃତ୍ୟୁ ହୋଇଗଲା । ପରେ ପରେ ତା ସ୍ତ୍ରୀର । ସମ୍ପର୍କୀୟ ଭଣଜା ତା'ର ଶୁଦ୍ଧିକାର୍ଯ୍ୟ କରିଥିଲା । କିନ୍ତୁ ରଜନୀ ଦାଶ ଜୋରକରି କହିପାରେ ଧୋବା ଆତ୍ମା ମୋକ୍ଷ ଲାଭ ନିଶ୍ଚୟ କରିଥିବ ।

---

## କବିତା.... ଆମ ସମୟର



### ॥ ସ୍ପର୍ଶ ॥

**ପ୍ରବୀଣ କୁମାର କବି**

ସେଦିନ
ଭିକ୍ଷାଛଳେ ତୁମେ ମୋଠୁ
ମାଗିନେଲ ପ୍ରେମ

ମୁଁ ଦେଲି,

ମାଗିନେଲ ଆକାଶେ ଜହ୍ନରାତି
ଆଉ, ପ୍ରୀତିବୋଳା ଉଲଗ୍ନ ଅନ୍ଧାର

ମୁଁ ଦେଲି ।


ହେଲେ ପ୍ରତିବଦଳରେ
ତୁମକୁ ମାଗିଲି କଣ୍ !
କେବଳ ସ୍ପର୍ଶ ତୁମର ।

ଭାବିଲି
ତୁମ ସ୍ପର୍ଶରେ ପାଇବି ମୁଁ
ଆଞ୍ଜୁଳାଏ ହସ,
ସପ୍ତପର୍ଣ୍ଣ, ସୁନାରୀ, କେତକୀର ବାସ ।
ତୁମ ସ୍ପର୍ଶରେ ଦିଶିବ ମତେ
ତାରାଭରା ରାତି,
କାମନାରେ ପୁଞ୍ଜିଭୂତ ସମ୍ମୋହିତ ଛାତି

ତୁମେ ଦେଲ ସ୍ପର୍ଶ ତୁମର ।
ହେଲେ ହେଲା କଣ୍ !!

ତୁମ ସ୍ପର୍ଶରେ
ହଠାତ୍ ପାଷାଣ ପାଲଟିଗଲା ମୋ ଭାଗ୍ୟ,
ଦେଖୁଦେଖୁ ବରଫ ପରି ତରଳିଗଲେ
ମୋ ସ୍ୱପ୍ନ ।
ମୋ ଅଜାଣତେ ମୋ ଛାତିରେ ଚରିଗଲା
ଶୀତଳ ଅନ୍ଧାର
ଆଉ, ସେ ଅନ୍ଧାରକୁ ଆଉଁସି ଆଉଁସି ମୁଁ
ଏବେ ପାହାନ୍ତି କାକର
ହଁ, ପାହାନ୍ତି କାକର.....

+ ସମ୍ପାଦକ, ବଣମଲ୍ଲୀ
ମଦନପୁର, କେନ୍ଦୁଝର
ମୋ: ୭୬୦୯୦୭୭୦୨୩



### ॥ ସତ ମିଛି ॥

**ନୀଳମାଧବ କର**

ସତ ବୋଲି ଲାଗିଲେ ବି,
ଏ ସବୁ ମିଛ କଥା

ଆଉ ସାତ ଜନ୍ମ
ମୁଁ ତମ ସହ ବିତେଇବି ବୋଲି
ତମ ମନ, କାମନା ବାସନା
ସବୁ ମାୟା, କୁହେଳିକା
ପାଣିର ବୁଦବୁଦ

ମୋ ସଙ୍ଗେ ଜିଇଁବ ବୋଲି
ତମ ସାତ ଜନମର ସ୍ୱପ୍ନ
ମିଛ ମିଛ କୁହୁଡ଼ିରେ
ବାନ୍ଧିଦିଏ ଗଣ୍ଠି ସବୁ ଏ ଜନମର
ସହି ହେଇଯାଏ ଦିନସବୁ
ତମ ସଙ୍ଗେ
ସତମିଛ ଫେଣ୍ଟାଫେଣ୍ଟି
ଏକ ଅନାଗତ ଆଶାର ଆସ୍ଥାରେ ।

ଓଲଭରହାମ୍ପଟନ, ୟୁକେ

### ॥ ମାଟିମୋହ ॥

**ଦେବଦତ୍ତ ମିଶ୍ର**



ରେ ପକ୍ଷୀ,
ଉଡ଼ାଣ ପାଇଁ ପ୍ରସ୍ତୁତ ହୁଅ ଏବେ
ଏ ଆକାଶ ବେଶି ଦୂର ନୁହେଁ ।
ତୋର ପ୍ରତିଟି ଉଡ଼ାଣରେ ଭରୁ
ଆକାଶକୁ ଛୁଇଁଯିବାର ଅବଦମିତ ଇଚ୍ଛା ।

ମନେରଖ ପକ୍ଷୀ ,
ଯେ ଯାଏଁ ତୋ ଆଖି ପାଏ
ସେଇଠି ହିଁ ସରିନି ଆକାଶ ,
ଯେତେଦୂର ଡେଣା ତୋର ଚଳେ
ତାହା ନୁହେଁ ସାରା ଅନ୍ତରୀକ୍ଷ ।
ତୋ ଚଂଚୁରେ ଯେତିକି ସାଉଁଟୁ
ସବୁତକ ସ୍ୱପ୍ନ ତାହା ନୁହେଁ ।

ଉଡ଼ିଯା'ରେ ପକ୍ଷୀ, ଉଡ଼ିଯା
ଡେଣା ତୋର ଝାଡ଼ି ।
ଛୁଇଁ ଯାଆ ଆକାଶକୁ ,
ଆକାଶରେ ମୋକ୍ଷ ଅଛି
ମାଟିରେ ତ ମେଞ୍ଚାମେଞ୍ଚା ମୋହ ।

ବବକରପୁର, କେନ୍ଦ୍ରାପଡ଼ା
ମୋ-୯୦୪୦୭୦୦୩୦୩

### ॥ ଚିଲିକା ॥

**ସୁରଞ୍ଜନ ପାତ୍ର**



ମୋତେ ଲାଗେ ଏଠି ଚିଲିକା ଚିବୁକେ ସୂରୁଜ ଦେଉଛି ଚୁମା
ଚୁନାଚୁନା ଢେଉ ମୁରୁକି ହସରେ ନାଚେ କାଳିଜାଇ ସୀମା
ହଜାରେ ଯୁଗର କାବ୍ୟ ଯେମିତି ଲେଖୁଛି ଚିଲିକା ଏଠି
ସତ୍ୟଯୁଗର ପାହାଡ଼ ପିଠିରେ ଆକାଶ ପଡ଼ିଛି ଲୋଟି ।

ଦେଖୁ ଅଛି ମୁହିଁ ନଳବଣ ପାଶେ ପକ୍ଷୀଙ୍କର ନାବକେଳି
ମୁଗ୍ଧ ପ୍ରେମର ଆଳାପେ ମଗ୍ନ ଏଠି ହଂସ ହଂସରାଳି
ଉତ୍ତରା ପବନ ଅଳସୀ ପାଦରେ ଚାଲେ ଏଠି ଧିରେଧିରେ
ବୟସ ତ କେବେ ଆକଟ ହୋଇନି ଏଇ ଚିଲିକାର ତୀରେ ।


ପାରିକୁଦ ଆଉ ମାଲୁଦ ଛାତିରେ ସକାଳ କବିତା ଲେଖେ
ମୁହିଁ ସଞ୍ଜବେଳେ ଭାଲେରୀ ବିନ୍ଦିରେ ଚିଲିକା ରଙ୍ଗ ମୁଁ ଦେଖେ
ଲାଜରେ ସରମୀ ଯାଏ ଏ ଚିଲିକା ଓଦାସରସର ହୋଇ
ରସିକା ସାଗର ତା' ନୀଳ ଶାଢୀକୁ ଭିଡ଼େ ଯେଣୁ ରହିରହି ।

ଯାହା ତ ଯେମିତି ଅଛି ଚିଲିକାର ସେମିତି ତ ରହିଥାଉ
ଦେଖୁଦେଖୁ ତା'ର ଚାରୁ ଚିତ୍ରପଟ ନିର୍ବାଣ ମୋର ହେଉ ।
('ସତ୍ୟଯୁଗର ପାହାଡ଼' ଚିଲିକା ଭିତରେ ଥିବା ଏକ ପାହାଡ଼ର ନାମ)

+ ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର-୪୫
ମୋ - ୮୧୧୭୮୦୫୯୫୯

## ମନେପଡେ....(୫୦)

# ଧାର ଟଙ୍କା ପରିଶୋଧ କରି ନଥିବାରୁ ବାପାଙ୍କ ଉପରେ ମାମୁଙ୍କ କଡ଼ା ଭର୍ତ୍ସନା



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**
ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ସେତେବେଳେ ମୁଁ ଦଶମ ଶ୍ରେଣୀରେ ପଢୁଥିଲି ବୋଧହୁଏ । ସେଦିନ ଛୁଟି ଦିନ ଥିଲା । ମୁଁ ଘରେ ବସି ପଢାପଢି କରୁଥିଲି । ସେପ୍ଟେମ୍ବର ମାସର ଶେଷ ବେଳର ଘଟଣା । ବାପା ବିଲରୁ ବାଲୁଙ୍ଗା କାଟି ମଧ୍ୟାହ୍ନ ବେଳକୁ ଘରକୁ ଫେରିଥିଲେ । ଆମେସବୁ ଖାଇବାକୁ ବସିଥିଲୁ । ଏହି ସମୟରେ ହଠାତ୍ ବଡ଼ ମାମୁ ସାଇକେଲ ଧରି ଆମ ଘରେ ପହଞ୍ଚିଗଲେ । ଆମେ ସମସ୍ତେ ଚକିତ ହୋଇଗଲୁ । ଏଇଥିପାଇଁ ଯେ ସେ ଏମିତି ଅବେଳରେ କାହିଁକି ଆସିଲେ ଏଇ କଥା ଭାବି ।

ବାପା ସଂଗେ ସଂଗେ ଧୋତିଟେ ନେଇ ମାମୁଙ୍କୁ ଲୁଗା ପାଲଟିବାକୁ ଦେଲେ । ବୋଉକୁ କହିଲେ ଡ଼ାଲି ଓ ଆଉ ଗୋଟେ କଣ ତରକାରୀ ଶୀଘ୍ର ବସାଇବା ପାଇଁ । କିନ୍ତୁ ମାମୁ ବାପାଙ୍କ ହାତରୁ ଧୋତି ନେବା ପରିବର୍ତ୍ତେ ଧୋତିଟାକୁ ଛାଟି ଦେଇଥିଲେ । ଖୁବ୍ ଚଢା ଗଳାରେ ସେ ବାପାଙ୍କୁ ଶୋଧିଲେ - 'ହେ ରଖ ତମ ବନ୍ଧୁ ଚର୍ଚ୍ଚା । ମୁଁ ଏଠିକୁ ଏ ବେଳେ ଖାଇବା ଓ ବିଶ୍ରାମ ନେବାକୁ ତମ ଘରକୁ ଆସିନାହିଁ । ତୁମେ ଥରକୁ ଥର ଯାଇ ମୋ ପାଖରୁ ଯେତିକି ଟଙ୍କା ଆଣିଥିଲ ତାର ପରିମାଣ କେବେ ହିସାବ କରିଛ ? ତୁମେ ବୁଢୀମାଆର କର୍ମ ପାଇଁ ବାଲେଶ୍ୱରରୁ ଯେଉଁ ମାଲିରାମ ମାରୁୱାଡ଼ି ଠୁଁ ଲୁଗା ନେଇଥିଲ ସେ ପଇସା ନ ଦେବାରୁ ସେ ମୋତେ ଓଲଟା ସିଧା କହୁଛନ୍ତି । ତୁମର ଦୟିତ୍ୱ ଜ୍ଞାନ ବୋଲି କିଛି ଅଛି ନା ନାହିଁ । ଆରେ ତମ ପାଇଁ ମୁଁ ଯେ ଦେବାଳିଆରେ ନାଁ ଲେଖିଲି । ଟଙ୍କା ଆଜି ଦିଅ ନହେଲେ ମୁଁ ଏଠୁ ଉଠିବି ନାହିଁ । ତମ ଘରେ ମୁଁ ଅନଶନରେ ବସିଲି । ଶେଷକୁ ତୁମ ଶଳା ସହ ବେଇମାନି କଲ ସୁରେନ୍ଦ୍ର ।'

ମାମୁଙ୍କ କଥା ବୁଲେଟ୍ ପରି ଆମ ସମସ୍ତଙ୍କ ଛାତିରେ ବାଜୁଥିଲା । ଗାଳି ବର୍ଷଣ ଭିତରେ ସେ ବାପାଙ୍କୁ ଖୁବ୍ ହିନ୍ଛିନ୍ କରି କଥା କହୁଥିଲେ ଯାହାକୁ କେବଳ ବାପା ପରି ଧୈର୍ଯ୍ୟବାନ ଲୋକ ମୁହଁକୁ ତଳକୁ କରି ସହି ଯାଉଥିଲେ । କେହିବି ପଦେ ତାଙ୍କୁ କିଛି ଉତ୍ତର ଦେଇ ପାରୁନଥିଲେ ।

ଶେଷକୁ ଏମିତି କଟୁ କଥା କହିଲେ ଯେ ବାପାଙ୍କ ଆଖିରୁ ଲୁହ ଥପ୍ ଥପ୍ ବହି ଆସିଲା । ସେତେବେଳେ ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ମୁଁ ମାମୁଙ୍କ ସାମ୍ନାକୁ ଯାଇ ଛିଡ଼ା ହେଲି ସତ କଥା ହେଲା କେହି ମାମୁଙ୍କ ସାମ୍ନାରେ କଥା ମୁଁ କେବେ ବି କହିନଥିଲି । କିନ୍ତୁ ସେଦିନ ସାହସ କରି ମାମୁଙ୍କୁ କହିଲି, "ମାମୁ ଆମେ ମାନୁଛୁ ବାପା ଆପଣଙ୍କ ଠୁଁ ଟଙ୍କା ଆଣି ଠିକ୍ ସମୟରେ ନ ଦେଇ ଆପଣଙ୍କୁ ଅଡୁଆରେ ପକାଇ ଦେଇଛନ୍ତି । କିନ୍ତୁ ସେ ଯେ ବେଇମାନି କରିବେ ତାହା କେବେ ଭାବନ୍ତୁ ନାହିଁ । ଅଭାବରେ ପଡି ଆମର ତଥା ବାପାଙ୍କର କଥାରେ କିଛି ବ୍ୟତିକ୍ରମ ହେଇ ଯାଇଛି । ବାପା କହୁଥିଲେ ଏ ବର୍ଷ ଧାନ ପାଚି ଥିଲେ ସେସବୁ ବିକି ଆପଣଙ୍କ ଋଣ ପରିଶୋଧ କରିଥାନ୍ତେ । କିନ୍ତୁ ମୁଁ ଆପଣଙ୍କୁ କଥା ଦେଉଛି ଆମକୁ ଦଶଦିନ ସମୟ ଦିଅନ୍ତୁ । ଆମେ ଜମି ହେଉ, ଘର ହେଉ ବା ନିଜକୁ ବିକି ଆପଣଙ୍କ ଟଙ୍କା ସୁଝି ଦେବୁ ।"

ମାମୁ ତମତମ ହେଇ କହିଲେ - 'ହେଲା ତୋ କଥା ରଖି ମୁଁ ଚାଲି ଯାଉଛି, କିନ୍ତୁ ଗୋଟିଏ ଦିନ ବି ଯେମିତି ଏପଟ ସେପଟ ନହୁଏ । ହେଲେ ମୁଁ ମୁଁ ପୁଣି ଆସିବି ଓ ଯାହା ହେବ ସେହିଦିନ ।'

ମାମୁ ଚାଲିଗଲା ପରେ ସେ ଦ୍ୱିପହରରେ କେହି ଆମେ ଖାଇ ନଥିଲୁ । ମୁଁ ବାପାଙ୍କୁ ଧରି ହରିଆ ଦାସ ମହାଜନ ପାଖକୁ ଯାଇଥିଲି । ନାଇକାର ଆମର ଗୋଟେ ଏକର ଜମି ଥିଲା । ସେଇଟା ଆମର ଭାତ ହାଣ୍ଡି କହିଲେ ଅତ୍ୟୁକ୍ତି ହେବନାହିଁ । ହରିଆ ଦାସ ବହୁତ ଥର ଟାକିଥିଲା ସେଇ ଜାଗାଟାକୁ ହାତେଇ ନେବାପାଇଁ । ବୋଉ କିନ୍ତୁ ଚାହୁଁ ନଥିଲା । ମୁଁ ସମସ୍ତଙ୍କୁ ବୁଝାଇଥିଲି ଆମେ ସତ୍‌ରେ ଥିଲେ ଭବିଷ୍ୟତରେ ଆହୁରି ଭଲ ଜମି କିଣି ପାରିବା । କିନ୍ତୁ କେବେ ସତ୍‌ରୁ ଓହରିଯିବା ନାହିଁ । ମୋ କଥାରେ ଆଉ କେହି କିଛି ବି କହିପାରି ନଥିଲେ ।

ଅଧା ମାଗଣା ଓ ଅଧା ଦାମରେ ଜଚେଇକି ଆମେ ନାଇକା ଜମି ବିକ୍ରି କରି ଦେଇଥିଲୁ । ବାପା କଚେରୀ ଫେରି ମାମୁଙ୍କ ସମସ୍ତ ଟଙ୍କା ହିସାବ କରି ଭୀମପୁର ଯାଇଥିଲେ । ମୁଁ ବି ସାଂଗରେ ଯାଇଥିଲି । ମାମୁ ଘରେ ଥିଲେ । ବାପା ସମସ୍ତ ଟଙ୍କା ମାମୁଙ୍କ କହିବା ମୁତାବକ ପୈଠ କରିଦେଲେ । ମୁଁ କହିଲି ମାମୁ ଆମକୁ କ୍ଷମା କରିଦେବେ । ମାମୁଙ୍କୁ ମୋ କଥା ବାଧିଥିଲା । ସେ ଆମକୁ ଖାଇବା ପାଇଁ ଭିତରକୁ ଡାକୁଥିଲେ । ବାପା କହିଲେ - 'ନା ଭାଇ, ଆଜି ଏଠି ଆମେ ଖାଇବୁ ନାହିଁ । ଆମେ ଆମ ଗ୍ରାମ ଦେବତୀଙ୍କ ପାଖରେ ମାନସିକ କରିଥିଲୁ ଆପଣଙ୍କ ଟଙ୍କା ଯେଉଁଦିନ ପରିଶୋଧ କରିବୁ, ସେଦିନ ଆମ ସବଂଶ ଗୋଟେ ପୂଜା ଦେବୁ । ସେଥିପାଇଁ ଆଜି ଆମେ ସମସ୍ତେ ଉପବାସ ଅଛୁ । ଆମକୁ ଯିବାକୁ ଦିଅନ୍ତୁ ।' ମାମୁଙ୍କୁ ଆମମାନଙ୍କ କଥା ବୋଧହୁଏ ଖୁବ୍ ବାଧିଥିଲା । ସେ ଆଉ କିଛି ନ କହି ଚୁପ୍ ରହିଲେ । ଋଣମୁକ୍ତ ହେଲେ ମଣିଷ କେତେ ହାଲୁକା ହୋଇଯାଏ ତାହା ସେଦିନ ମୁଁ ବୁଝିଥିଲି । (ଆରଥରକୁ)

ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



ଭାଗ-୧୩



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଗାଡ଼ି ଅଟକିଲା ପାଣିକୋଇଲି ଛକରେ, ଗୋଟେ ଚା' କଫି ଦୋକାନ ସାମ୍ନାରେ । ସମସ୍ତେ ଓହ୍ଲେଇଲେ କଫି ପିଇବା ପାଇଁ । ପ୍ରମଦା କହିଲା -

"ବାପା ! ଆପଣ ଏଇଠି ବସିଥାନ୍ତୁ, ମୁଁ କଫି ନେଇ ଆସୁଛି ।"

"ନାଇଁ ମା ! ମୁଁ ବି ତଳକୁ ଯିବି । ବସି ବସି ଅଣ୍ଟା ପିଠି କେମିତି ଲାଗି ଗଲାଣି ।" - ଏତକ କହି ଦୀନନାଥ ଓହ୍ଲେଇଲେ ତଳକୁ । ଡଲି ଆଗରୁ ଓହ୍ଲେଇ ପଡ଼ି ପଛଗୋଡ଼ ଦୁଇଟିକୁ ଭୂମି ଉପରେ ବିଦାରୁଛି । ବୁଝି ପାରିଲା ପ୍ରମଦା । ଦୀନେଶ ଉଦ୍ଦେଶ୍ୟରେ କହିଲା - "ତୁମେ ଟିକେ ଡଲିକୁ ସେ ଅନ୍ଧାରିଆ ଜାଗାକୁ ନେଇଯାଅ । ସେ ସାନପାସ୍ କରିବ । ଏଠି ଲୋକବାକ ଭିଡ଼, ତାକୁ ଲାଜ ଲାଗୁଛି ।"

ଦୀନେଶ ଡଲିକୁ ସେ ପଟେ ନେଇ ଗଲେଣି । ଦୋକାନୀକୁ ସମସ୍ତଙ୍କର କଫି ବନେଇବାକୁ କହି ଦୀନନାଥ ଫୋନ୍ ଲଗେଇଲେ ଘରକୁ, କଳ୍ପଲତାଙ୍କ ପାଖକୁ ।

"ଶୁଭଦା ସହିତ ଫୋନ୍‌ରେ କଥା ହୋଇଥିଲ ?"

"ହଁ, ଫୋନ୍ କରିଥିଲି । କିନ୍ତୁ ଗୋଟେ ଭୁଲ ହୋଇଗଲା । ମୋତେ ପଚାରିଥିଲା, ବାପା କେଉଁଠି ? ମୁଁ କହିଲି ମେଡ଼ିକାଲ୍‌ରେ, ନାତି ପାଖରେ । ସେଇଠୁ ସେ ବିରକ୍ତି ପ୍ରକାଶ କଲା । କହିଲା ବାପାଙ୍କ ସହିତ ସଂଧ୍ୟାରେ କଥା ହୋଇଛି । ସେ କହିଲେ, ସେ କଲେଜରୁ ଫେରୁଛନ୍ତି । ଅଥଚ ତୁମେ କହୁଛ ସେ ମେଡ଼ିକାଲ୍‌ରେ ?"

"ତା"ପରେ ତୁମେ କ'ଣ କହିଲ ?" - ପଚାରିଲେ ଦୀନନାଥ ।

"କହିଲି, କେଜାଣି ! ମେଡ଼ିକାଲ୍‌ରୁ ସେ ହୁଏତ କଲେଜ ଯାଇଥିବେ ! ଏଥିରେ ସେ ବିରକ୍ତି ପ୍ରକାଶ କଲା । କାମ କରି କରି ନିଆଁଲଗା ବୁଦ୍ଧିଟା ବି ବିଭ୍ରମ ହୋଇଗଲାଣି ! ତୁମେ ତାକୁ ଠିକ୍‌ରେ ବୁଝେଇ ଦେବ ।" - କଳ୍ପଲତା କହିଲେ ।

"ଆଚ୍ଛା ହେଉ, ଫୋନ୍ ରଖ ।"

ବଡ଼ ହଡ଼ବଡ଼େଇ ଗଲେ ଦୀନନାଥ । ଶୁଭଦା ଯଦି କୌଣସି ପ୍ରକାରେ ଅସଲ ସତ୍ୟଟିକୁ ଜାଣିଦିଏ, ତା'ହେଲେ କ'ଣ ହେବ ତା'ର ? ତାଙ୍କର ମନେ ପଡ଼ିଲା ଶହେ ଦୁଇ ନମ୍ବର ପ୍ରକୋଷ୍ଠର ସେ ସ୍ତ୍ରୀଲୋକଟିର ମୁହଁ । ଆଉ ଭାବି ପାରିଲେ ନାହିଁ ସେ ଆଗକୁ ।

"ବାପା !" - ଚମକି ପଡ଼ିଲେ ଦୀନନାଥ । କଫି ଧରି ଛିଡ଼ା ହୋଇଛି ପ୍ରମଦା । ତା' ହାତରୁ କପ୍‌ଟିକୁ ନେଇ ଅନ୍ୟମନସ୍କ ହୋଇ ପଡ଼ିଲେ ସେ । କାଲିଠାରୁ ଆଜି ପର୍ଯ୍ୟନ୍ତ କେମିତି ସମୟ ଅତିବାହିତ ହୋଇଯାଉଛି, ତାହା ମୋଟେଇ ଜାଣିପାରି ନାହାନ୍ତି ଦୀନନାଥ । ବାସ୍ତବିକ ସମୟ ବଡ଼ ନିଷ୍ଠୁର ଏବଂ ଦୁର୍ଦ୍ଦାନ୍ତ । ଯାହାର ଯାହା ଅଘଟଣ ଘଟିଲେ ବି ତା'ର କିଛି ଯାଏ ଆସେ ନାହିଁ ।

କଫି ପିଇ ସାରିଲା ପରେ ସମସ୍ତେ ପୁଣି ଫେରି ଆସିଲେ ଗାଡ଼ି ଭିତରକୁ । ଜାତୀୟ ରାଜପଥ ଉପରେ ଅନ୍ଧାରରେ ଗାଡ଼ି ଛୁଟି ଚାଲିଲା ଭଦ୍ରକ ଅଭିମୁଖେ । ସଜାଡ଼ି ହୋଇ ବସୁ ବସୁ ପ୍ରମଦା କହିଲା -

"ଆପଣ ଆଜି ଭଦ୍ରକରେ ରହିଯିବେ ବାପା । ମୋତେ ଟିକେ ଆପଣଙ୍କର ସେବା କରିବାର ସୁଯୋଗ ମିଳିବ ।"

"ପରେ କେତେବେଳେ ସମୟ ଅନୁମୋଦନ କଲେ ସଂଭବ ହୋଇପାରେ, ଆଜି ଏ ପରିସ୍ଥିତିରେ ନୁହେଁ ।" - କହିଲେ ଦୀନନାଥ ।

"ପ୍ରତୀକ୍ଷାରେ ରହିଲି ବାପା ! ଆପଣଙ୍କର ଏ ଝିଅକୁ ଭବିଷ୍ୟତରେ କେବେ ନିରାଶ କରିବେ ନାହିଁ । ସବୁଦିନେ ମୋ ଉପରେ ଆପଣଙ୍କର ସାମାନ୍ୟତମ ସ୍ନେହଶ୍ରଦ୍ଧା ଥିଲେ ନିଜକୁ ମୁଁ ଧନ୍ୟ ମନେ କରିବି ।" - ଆବେଗପୂର୍ଣ୍ଣ ଢ଼ଙ୍ଗରେ କହିଲା ପ୍ରମଦା ।

"ନିଶ୍ଚୟ, ନିଶ୍ଚୟ ।" - ପ୍ରତିଶ୍ରୁତି ନେଲେ ଦୀନନାଥ ।

କଥା ଆଉ ଆଗକୁ ବଢ଼ିଲା ନାହିଁ । ଆଖିମୁଦି ସିଟ୍ ଉପରକୁ ଆଉଜ ବସିଲେ ସେ ଓ ଗଭୀର ବିସ୍ମୃତି ଭିତରେ ବୁଡିଗଲେ ।

ଶୁଭଦାର ଡେଲିଭରୀରେ ଅସୁବିଧା ହେବାର କୌଣସି କାରଣ ନଥିଲା । ବାରମ୍ବାର ମାଡ଼ାମ୍‌ଙ୍କ ପାଖକୁ ଚେକ୍‌ଅପ୍ କରିବାକୁ ଆସିବା ଭିତରେ ମନେ ରହିବା ଭଳି ସଂପର୍କଟେ ତିଆରି ହୋଇ ସାରିଥିଲା । ଶୁଭଦା ଆଉ ଭବେଶଙ୍କୁ ନିଜ ଝିଅ ଜ୍ୱାଇଁ ଭଳି ଜ୍ଞାନ କରୁଥିଲେ ଡାକ୍ତରାଣୀ । ନିଶ୍ଚେତକ ଡାକ୍ତର ଚୌଧୁରୀ ତାଙ୍କର ବି ଏକଦା ପଡ଼ିଶା ଥିଲେ । ସେହି ସୂତ୍ରରୁ ସଂପର୍କରେ ଯେତିକି ନିବିଡ଼ତା ଥିବା କଥା ଥିଲା । ଏଣୁ ଭଲରେ ଭଲରେ ଅପରେସନ୍ ହୋଇଯିବ, ସଭିଏଁ ସତର୍କତାର ସହିତ କାର୍ଯ୍ୟଟି ତୁଲେଇବେ, ଏ ପ୍ରକାର ବିଶ୍ୱାସ ଦୀନନାଥଙ୍କ ଭିତରେ ଦୃଢ଼ ଥିଲା । ସେମିତି କୌଣସି ଉଦ୍‌ବେଗ ବା ଚିନ୍ତାର କୌଣସି କାରଣ ନଥିଲା, ଓ.ଟି. ଭିତରେ ଶୁଭଦାର ସୁରୁଖୁରୁରେ ଅପରେସନ୍ ଚାଲିଥିଲା । ଅପେକ୍ଷା କରିଥିଲେ ଦୀନନାଥ । ବାହାରର ରେଡ୍ ଲାଇଟ୍ ହଠାତ୍ ଲିଭି ଯାଇ ସବୁଜ ଆଲୁଅ ଜଳି ଉଠିଲା । ଶୁଭଦାର ଗର୍ଭରୁ କୃତ୍ରିମ ଉପାୟରେ ବାହାରକୁ ଅଣାଗଲା ନବଜାତକକୁ । ଠିକ୍ ଆଠଟା ପଇଁଚାଳିଶ ମିନିଟ୍ । ସଂଗେ ସଂଗେ ଓ.ଟି. ବାହାରେ ନର୍ସଟି ଦୃଶ୍ୟ ହେଲା ଏବଂ କହିଲା -

"ପୁଅ ହୋଇଛି ।"

କେବଳ ଏତିକି ମାତ୍ର ହିଁ କହିଲା । କହିଲା ନାହିଁ ମିଠା ଆଣନ୍ତୁ ବୋଲି ! ଏବେ ଦୀନନାଥ ତା'ର ଯଥାର୍ଥତା ଅନୁଭବ କରୁଛନ୍ତି । କିନ୍ତୁ ସେତେବେଳେ ଏ ସଂବାଦରେ ଆତ୍ମହରା ହୋଇ ପଡ଼ିଥିଲେ ସମସ୍ତେ ଏବଂ ସମସ୍ତଙ୍କର ମୋବାଇଲ୍ ସକ୍ରିୟ ହୋଇ ଉଠିଥିଲା ଏ ଖୁସି ସଂବାଦଟା ବାଣ୍ଟିବା ପାଇଁ ।

ଦୀନନାଥ ପ୍ରଥମେ ଏ ସୁଖବରଟିକୁ କାହାକୁ ଜଣାଇବେ ? ଏହାଥିଲା ତାଙ୍କ ପାଇଁ ଏକ ଦ୍ୱନ୍ଦ୍ୱ । ଏକାକାଳୀନ ଦୁଇ ଚାରିଜଣଙ୍କୁ ଏ ସଂବାଦଟି ଦେବାକୁ ତାଙ୍କର ଇଚ୍ଛା ହେଲା ।

ପ୍ରଥମେ ଲଗେଇଲେ ସମୁଦି ଓ ସମୁଦୁଣୀଙ୍କୁ, ଯିଏ ଏତେ ଦୂରରୁ କାର୍ ଯୋଗେ ଆସୁଛନ୍ତି ନାତିକୁ ଦେଖିବେ ବୋଲି, ତାଙ୍କୁ ହିଁ ଲଗେଇଲେ । ହେଲେ ତାଙ୍କ ମୋବାଇଲ ବ୍ୟସ୍ତଥିଲା, ବୋଧହୁଏ ଭବେଶ ସେମାନଙ୍କୁ ଏ ସଂବାଦ ଦେଉଛି । ଫୋନ୍‌ରେ କଥା ହେଉଛି ।

ତାପରେ ପୁଅ ଶୁଭ, ଶୁଭକାନ୍ତକୁ ସେ ଫୋନ୍ ଲଗେଇଲେ ।

"ଶୁଭଦାର ଏଇମାତ୍ର ପୁଅଟିଏ ହେଲା, ଶୁଭ !"

"ସତେ ବାପା ! ଯାହା ହେଉ ଭଲ ହେଲା । ମୁଁ ବି ସେଇଆ ଅନୁମାନ କରୁଥିଲି ପୁଅଟିଏ ହେବ ବୋଲି । କେତେବେଳେ ହେଲା ?" - ଚେନ୍ନାଇରୁ ପୁଅ ପଚାରିଲା ।

"ଏଇ ଆଠଟା ପଇଁଚାଳିଶ ମିନିଟ୍‌ରେ । ସି.ଏସ୍. ହେଲା ।" - ଦୀନନାଥ ଖୁସିରେ ବିଭୋର ଥିଲେ ।

"ସତ୍ୟବାଦୀ ଅଙ୍କଲ୍ ଥିଲେ ନା ଆଉ କେହି ଆନେସ୍ଥେସିୟା ଡକ୍ଟର ଥିଲେ ?"

"ନାଇଁ, ସତ୍ୟବାଦୀବାବୁ ଥିଲେ । ଯାହା ହେଉ ଭଲରେ ଭଲରେ ହୋଇଗଲା ?"

"ମୁଁ ପନ୍ଦର ତାରିଖରେ ଯିବା ପାଇଁ ତ ଟିକେଟ୍ କରିଥିଲି । ଏବେ ତାକୁ କେନ୍‌ସଲ୍ କରି, ଯଦି ତତ୍କାଳ ଫ୍ଲାଇଟ୍ ଟିକେଟ୍ ମିଳିଯାଏ, ତା'ହେଲେ ବାଲେଶ୍ୱରରେ କାଲି କିମ୍ବା ଆଜି ରାତି ସୁଦ୍ଧା ପହଞ୍ଚିଯାଇ ପାରିବି । ସମୟକୁ ସମୟ ମୁଁ ଫୋନ୍ କରି ଆପଣଙ୍କୁ ଜଣେଇବି । ରହୁଛି ।"

ୟା'ପରେ ଦୀନନାଥ ଫୋନ୍ ଲଗେଇଲେ ଗାଁରେ ଥିବା ମା' ପାଖକୁ । ମା'ଙ୍କର ଅବଶ୍ୟ ଫୋନ୍ ନାହିଁ । ତେଣୁ ସାନଭାଇ ଭାବାନୀ ଫୋନ୍‌କୁ ଲଗେଇ କହିଲେ -

"ଶୁଭଦାର ପୁଅଟିଏ ହୋଇଛି ଭବାନୀ, ଏଇ ଆଠଟା ପଇଁଚାଳିଶ ମିନିଟ୍‌ରେ । ଘରେ ଏ ଖୁସି ଖବରଟା ଜଣେଇ ଦେବୁ ।"

ଶୁଭଦାର ନର୍ସିଂହୋମ୍‌ରେ ଆଡ଼ମିସନ୍ କଥା ଅବଶ୍ୟ ସକାଳେ ଥରେ ଫୋନ୍‌ରେ ସୂଚନା ଦେଇଥିଲେ ସେ ଘରକୁ । ଏବେ ଖୁସି ଖବରଟା ଜଣେଇଦେଲେ । କହିଲେ - "ମା' କାହିଁ ?"

"ହଁ, ଏଇଠି ଅଛି, ଫୋନ୍ ଦେଉଛି ।"

"ହେଲୋ" - ସେ ପାଖରୁ ମା'ର ସ୍ୱର । କେମିତି ଘାଗଡ଼ା ଶୁଭୁଛି ତା'ର କଣ୍ଠ ସ୍ୱର ।

"ଶୁଭଦାର ଗୋଟେ ପୁଅ ହେଲା ମା ।" ମାନେ ତୋର ଅଣନାତି । ଏଇ ଠିକ୍ ଏବେ, ମାତ୍ର ପାଞ୍ଚମିନିଟ୍ ଆଗରୁ ।"

"ଯାହା ହେଉ, ଠାକୁରେ ମୋ ଡାକ ଶୁଣିଛନ୍ତି । ମୋ ମା' (ଶୁଭଦା)ଭଲ ଅଛିନା ? ଅଣନାତିଟି କେମିତି ହେଇଚି ?"

"ହଁ, ହଁ, ଦୁହେଁ ଯାକ ଭଲ ଅଛନ୍ତି, ଠିକ୍ ଅଛନ୍ତି । ଖୁବ୍ ସୁନ୍ଦର ହୋଇଛି ତୋ ଅଣନାତି ।" - ଖଳଖଳ ଆନନ୍ଦରେ କହି ପକେଇଲେ ଦୀନନାଥ ।

"ବୋହୂ (କଳ୍ପଲତା) ତା' ପାଖରେ ଅଛିଟି ? ତାକୁ କହ, ସେ ଯାଇ ମନ୍ଦିରରେ ମା' ପୁଅଙ୍କ ପାଇଁ ଦୀପ ଜାଳି ଦେଇଆସୁ । ଆଜି ଶିବ ଚତୁର୍ଦ୍ଦଶୀ । ବାବା ଶଂକରଙ୍କର ଆବିର୍ଭାବ ହୋଇଛନ୍ତି । ହେ ବାବା ଭୋଳାନାଥ, ମୋ ପିଲାମାନଙ୍କୁ ଘଣ୍ଟ ଘୋଡ଼େଇ ରଖ ପ୍ରଭୁ !" - ମୋବାଇଲ୍ ସହିତ ବୋଧହୁଏ ଜୁହାର ହେଲେ ମା' । ଫୋନ୍ କାଟି ଦେଲେ ଦୀନନାଥ ।

ମା'ଙ୍କର ଇଚ୍ଛା ଥିଲା ଶୁଭଦାର ଡେଲିଭରୀ ବେଳକୁ ଏଇଠି ଥା'ନ୍ତେ । ଜନମବେଳେ ଅଣନାତିକୁ ଟିକେ ଆଖି ପୂରେଇ ଦେଖିଥାନ୍ତେ ଓ ଆଶୀର୍ବାଦ ଦେଇଥାନ୍ତେ । କିନ୍ତୁ ତାହା ସଂଭବ ହେଲା ନାହିଁ ।

ତା'ପରେ ଦୀନନାଥ ଫୋନ୍ ଲଗେଇଲେ ଯାହାଙ୍କୁ, ସେ ହେଉଛି ଲତିକା । ତିନି ମାସ ତଳେ ଦିନେ କଥା ପ୍ରସଂଗରେ ଲତିକା କହିଥିଲେ - "ସାର୍, ଏବେ ଆପଣଙ୍କର ଆଉ ଗୋଟେ ପ୍ରୋମୋସନ୍ ହେବ ।" ପହିଲେ କଥାଟାକୁ ଆଦୌ ବୁଝିପାରି ନଥିଲେ ଦୀନନାଥ । କ'ଣ ହୋଇପାରେ ଏଇ ପ୍ରମୋସନ୍‌ର ଅର୍ଥ ? ସେମିତି ଅବୁଝା ଆଖିରେ ପ୍ରଶ୍ନଟିଏ ପଚାରିଲେ -

"ପ୍ରମୋସନ୍ ! ମୋର ତ ଯାହା ପ୍ରମୋସନ୍ ହେବା କଥା ହୋଇଯାଇଛି । ଆଉ ତ ପ୍ରମୋସନ୍ ହେବାର ନାହିଁ !"

"ଆପଣଙ୍କର ଏବେ ଅଜାକୁ ପ୍ରମୋସନ୍ ହେବ ।" - ମୁହଁରେ ହସ ମାଖି ବୁଝେଇ ଦେଇଥିଲେ ଲତିକା ।


"ସତରେ, ଆଉ ଅଳ୍ପଦିନ ପରେ ମୋର ପ୍ରମୋସନ୍ ହେବ ବାପାରୁ ଅଜାକୁ ।" -ଏଇ କଥାରେ ଜୋର୍ ହସିଥିଲେ ଉଭୟେ । ସ୍ୱଳ୍ପକାଳ ପରେ ତାଙ୍କୁ ଏକ ସାଂସାରିକ ପ୍ରମୋସନ୍ ମିଳିବ, ସେ ପ୍ରମୋସନ୍ ଶୁଭଦାର ପୁଅ କିମ୍ବା ଝିଅ ଜନ୍ମରେ ସଂଭବ ହେବ । ଛୋଟ ଛୋଟ କଥାରେ ଚାତୁର୍ଯ୍ୟ ଭରି ହସ ସୃଷ୍ଟି କରିବାରେ ସେ ଥିଲା ଉସ୍ତାଦ୍ । ସ୍ୱାମୀ ତାଙ୍କର ଖୋଲା ମିଜାଜର ମଣିଷ । ମନେହୁଏ, ଉଭୟେ ଯେମିତି ସୁଖୀ ଏବଂ ସଦା ପ୍ରଫୁଲ୍ଲ । ଖୁବ୍ ହସ ମାଖିଥିବା ମୁହଁଟିଏ ଲତିକାର । ପୁଅ ଝିଅ ଦୁଇଜଣ ଯାକ ଭୁବନେଶ୍ୱରରେ ରହି ପଢୁଛନ୍ତି । (କ୍ରମଶଃ)

ଅନୁବାଦ ଗଳ୍ପ

# ।। ତୁମକୁ ପ୍ରେମ କରି ଆସେନି ।।



ମୂଳ ହିନ୍ଦୀ- ପ୍ରତିଭା କଟୀୟାର୍
ଅନୁବାଦକ- ବିନୟ କୁମାର୍ ଦାସ



ଦୁହେଁଯାକ ଖୁବ୍ ଖୁସିଥିଲେ। ଜଣେ ପୁଅ ଆଉ ଜଣେ ଝିଅ। ସେମାନଙ୍କ ଖୁସି ଦେଖି ସେଦିନ ପବନ ବି ଖୁବ୍ ଖୁସି ଥିଲା ପରି ଜଣାଯାଉଥିଲା। ନହେଲେ ଏତେ ସୁନ୍ଦର ସୁଲୁସୁଲିଆ ପବନ କାହିଁ ଆଗରୁ ତ ବହୁ ନଥିଲା। ଏମାନଙ୍କ ଖୁସିରେ ଖୁସି ଥଲା ନଦୀ। ପବନରେ ନାଚୁଥିଲା ତାର ପାଣି। ସେଇ ପାଣିରେ ନିଜ ନିଜର ପାଦ ବୁଡ଼ାଇ ପୁଅଝିଅ ଦୁଇଜଣ ପାଖାପାଖି ହୋଇ ବସିଥଲେ ନଦୀ କୂଳରେ, ଆଉ ହଲାଉଥିଲେ ସେମାନଙ୍କର ପାଦ ସେଇ ନଦୀ ପାଣିରେ। ଚକ୍ ଚ୍‌କ ଶବ୍ଦ ଦେଉଥିଲା। ସେମାନେ ମଝିରେ ମଝିରେ ଗୋଟିଏ ଗୋଟିଏ ଗୋଡ଼ି ଉଠାଇ ଫିଙ୍ଗୁଥିଲେ ନଦୀ ପାଣିକୁ ଅନ୍ୟମନସ୍କ ହୋଇ ଦୁହିଁଙ୍କ ଓଠରେ ଚପଳ ହସ ଚିକ୍‌ମିକ୍ କରୁଥିଲା।

" ଏଇ ଦେଖ, ମୁଁ ସେଇଠି ଅଛି।" ଗୋଡ଼ିଟିଏ ଫିଙ୍ଗିଦେଇ କହିଲା ଝିଅଟି।

'କୋଉଠି ? ତୁମେ ତ ମୋ ପାଖରେ ଅଛ। ଏଇଠି, ମୋର ଅତି ପାଖରେ।" ପୁଅ ବି ହସୁଥିଲା।

"ଉହୁଁ, ମୁଁ ଏଠି ନାହିଁ। ହେଇ ଦେଖ ମୁଁ ସେଠି.... ସେ ଇ ଠି..... ଯେଉଁଠି ଏ ଗୋଡ଼ିଟା ପଡ଼ିଲା....ଦେଖନା।" ଆଉ ଗୋଟିଏ ଗୋଡ଼ି ଫିଙ୍ଗି ଦେଇ କହିଲା ଝିଅ। ଖୁବ୍ ଜୋରରେ ହସିଲା ବି। ପୁଅଟି କିନ୍ତୁ ନଦୀକୁ ଅନାଇ ନଥିଲା। ସେ ଅନେଇଥିଲା ଝିଅଟିକୁ ଆଉ ତାର ହସକୁ ପିଇ ଯାଉଥିଲା ଯେମିତି।

"ମୁଁ ତ ଆଗରୁ କହିଚି, ତୁମେ ନଦୀଟିଏ। ହେଲେ ତୁମେ ଜମା ମୋ କଥା ଉପରେ ଗୁରୁତ୍ୱ ଦେଇନ।" ଝିଅଟି ଆଖିକୁ ସିଧାସଳଖ ଚାହିଁ କହିଲା ପୁଅ।

"ହେଉ, ଏଥର ତୁମେ ତୁମ ନଦୀକୁ ଦେଖ।", ପୁଅର ମୁହଁକୁ ନିଜ ଦୁଇ ପାପୁଲିରେ ଧରି ନିଜ ଆଡୁ ବୁଲାଇ ଦେଲା ନଦୀ ଆଡ଼କୁ। ଆଉ ଗୋଟିଏ ଗୋଡ଼ି ପକାଇ ଦେଲା ନଦୀକୁ। ଛପାକ୍।

"ହଁ, ଏଥର ମୁଁ ପୁରାପୁରି ନଦୀ ପାଲଟି ଗଲି। ଦେଖ, ମୁଁ କେମିତି କଳକଳ ନାଦରେ ବହି ଯାଉଚି।" ଖିଲିଖିଲି ହୋଇ ହସି ଉଠିଲା ଝିଅ। ଜଣା ଯାଉଥିଲା ସତେ ଯେମିତି ତା'ର ବାଲ୍ୟାବସ୍ଥା ସେଇ ହସ ଭିତରେ ଦେଇ ଉକୁଟି ଆସୁଥିଲା। ସେମିତି ହସୁହସୁ କହିଲା, "ଆସ ଏଥର ଯିବା।"

"ଯିବା ? ଏତେ ଶୀଘ୍ର।"

"ଆରେ ମୁଁ ନଦୀ ଭିତରକୁ ଯିବା ପାଇଁ କହୁଛି। ଆସ ନା" ଗେହ୍ଲେଇ ହୋଇ କହିଲା ଝିଅ।

"ନଦୀ ଭିତରକୁ ? ନା ବାବା ନା...."

"କାହିଁକି କ'ଣ ହେଲା ?"

"ଓଦା ହୋଇଯିବା ଯେ"

"ଜମା ଓଦା ହେବନି। ଆସ।"

"ତା' ମାନେ....ତୁମେ କିଛି ଯାଦୁ ଜାଣିଚ ?"

"ହଁ, ସେମିତି ଭାବିପାର। ଆସ, ଡ଼େରି କରନି।"

"ନା, ମୋତେ ପହଁରା ବି ଆସେନା।"

"ପହଁରା ସିନା ଜାଣିନ, ବୁଡ଼ିବା ତ ଜାଣିଥିବ ?" ଝିଅ ଓଠରେ ଦୁଷ୍ଟାମିର ହସ।

"ବୁଡ଼ିବା ଜାଣିବା କ'ଣ ଦରକାର ? ପହଁରି ନ ପାରିଲେ ତ ଜଣେ ବୁଡ଼ିଯିବ। ପହଁରା ନ ଜାଣିବା ମାନେ ତ ବୁଡ଼ିଯିବା।"

"ବାସ୍, ମୁଁ ତ ଠି୍କ ସେଇ କଥା ହିଁ କହୁଚି।" ଆଖି ନଚାଇ ନଚାଇ କହିଲା ଝିଅ। ତା' କଥା ଶୁଣି ପୁଅଟି କେମିତି କଳବଲ ହୋଇ ଅନେଇ ରହିଲା ଝିଅକୁ। ପୁଅର ଏ ଅବସ୍ଥା ଦେଖି ଝିଅ ଏତେ ଜୋରରେ ହସିଲା ଯେ ପାଖରେ ଥିବା ସେଇ ଅଜଣା ଫୁଲଭର୍ତ୍ତି ଗଛରୁ ଅନେକ ଫୁଲ ଝଡ଼ି ପଡ଼ିଲା ତଳକୁ। ସେମାନଙ୍କର ଉପରେ ଲଦି ହୋଇଗଲା ଫୁଲ। ଝିଅ ସେମିତି ହସୁଥାଏ। ପୁଅ ଉପଭୋଗ କରି ଚାଲିଥାଏ ତା' ହସକୁ।

"ଏୟ.... ଏମିତି ଚାହଁଚ କ'ଣ ମ ? ପହଁରିବା ବରଂ କଷ୍ଟକର କାମ। ସହଜିଆ କାମ ହେଲା ବୁଡ଼ିଯିବା ନଦୀରେ।" ପୁଅ ଗାଲରେ ସରୁ ଚାପୁଡ଼ାଟିଏ ମାରିଲା ଝିଅ। ଅପେକ୍ଷାକୃତ ଟିକେ ଗମ୍ଭୀରତାର ସହିତ କହିଲା, " ଜାଣିଚ, କେତେ ସ୍ନେହରେ, କେତେ ଭଲ ପାଇବାର ଉଚ୍ଛ୍ୱାସରେ, କେତେ ଗୋପନରେ ଆଉ କେତେ ସତର୍କ ଓ ସନ୍ତର୍ପଣରେ ବୁଡ଼ିବାକୁ ହୁଏ। ଯଦି ବୁଡ଼ିବ, ତେବେ ଏମିତି ବୁଡ଼ିବ ଯେ ପାଖ ଲହରୀ ବି ଜାଣି ପାରିବ ନି କିଏ କେତେବେଳେ ଏଠି ବୁଡ଼ିଲା। ଏ ବୁଡ଼ିବାରେ ସିନା ମଜା ଅଛି।" ଅତି ଅସ୍ପଷ୍ଟ ସ୍ୱରରେ କହି ଚାଲିଥିଲା ଝିଅ ଆଉ ପାଣିରେ କଚାଡୁ ଥିଲା ତା'ପାଦ ଦୁଇଟି।

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ସାହିତ୍ୟ ଏକାଡେମୀ ଦ୍ୱାରା ଉପେକ୍ଷିତ ହେଲା ବାଲେଶ୍ୱର

(ଭାଗ-୨)

**ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ଅତିବଡୀ ପୁରସ୍କାର ଓ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ତାଲିକା ପ୍ରକାଶ ପାଇବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର କୌଣସି ସାରସ୍ୱତ ପ୍ରତିଭାଙ୍କ ନାମ ଏଥିରେ ସାମିଲ ନହେବା ସମଗ୍ର ଜିଲ୍ଲା ପାଇଁ ଚର୍ଚ୍ଚାର ବିଷୟ ହୋଇଛି । ଏ ସମ୍ପର୍କରେ ଜିଲ୍ଲାର କିଛି ବରିଷ୍ଠ ସାହିତ୍ୟିକଙ୍କର ପ୍ରତିକ୍ରିୟାର କିଛି ଅଂଶ ।**



ବର୍ଷ ୨୦୨୦ପାଇଁ ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧନା ସାରା ଓଡିଶାରୁ ମନୋନୀତ ୧୫ଜଣ ବରିଷ୍ଠ ସାରସ୍ୱତ ସାଧକଙ୍କୁ ଦିଆଯିବାକୁ ସ୍ଥିର କରାଯାଇଛି। ଏହା ଜିଲ୍ଲା ଭିତ୍ତିରେ ଦିଆଯାଏ ନାହିଁ। ଗତଥର ସଦସ୍ୟ ଥିବା ବନ୍ଧୁମାନଙ୍କ ପ୍ରସ୍ତାବିତ ଲେଖକଙ୍କ ତାଲିକା ମଧ୍ୟରୁ ଏହା ନିଆଯାଇଛି।

ଧନ୍ୟବାଦ।

**- ଶ୍ରୀମତୀ ଶୁଭଶ୍ରୀ ଲେଙ୍କା**
କାର୍ଯ୍ୟକାରିଣୀ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିବର୍ଷ ଓଡ଼ିଶାର ବରିଷ୍ଠ ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ। ଏପରି ପରମ୍ପରା ଏଇ କିଛିବର୍ଷ ହେଲା ସୃଷ୍ଟି ହୋଇ ଡେରିରେ ହେଲେ ବି ପାଳନ କରାଯାଉଛି।

୨୦୨୦ ମସିହା ପାଇଁ ସମ୍ବର୍ଦ୍ଧିତ ହେବାକୁ ଯୋଗ୍ୟ ବରିଷ୍ଠ ସାହୀତ୍ୟିକଙ୍କର ଏକ ତାଲିକା ପ୍ରକାଶ ପାଇଛି । କିନ୍ତୁ ଦୁଃଖର ବିଷୟ ବାଲେଶ୍ୱର ଜିଲ୍ଲାରୁ କୌଣସି ବରିଷ୍ଠ ସାହିତ୍ୟିକଙ୍କ ନାମ ଏହି ତାଲିକାରେ ତାଲିକାଭୁକ୍ତ ହୋଇନାହିଁ। ବିଚାର କରୁଥିବା କମିଟି କେଉଁ ଭିତ୍ତିରେ ତାଲିକା ପ୍ରସ୍ତୁତ କଲେ; ତାହା ଆଦୌ ବୁଝା ପଡୁନାହିଁ। ବହୁ ବରିଷ୍ଠ ସାରସ୍ୱତ ସାଧକ ଏହି ଜିଲ୍ଲାରେ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ବର୍ଷ ଧରି ନିରବରେ ନିରବଚ୍ଛିନ୍ନ ଭାବେ ସାହିତ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି। ଅବିରତ ବାଣୀ ବନ୍ଦନା କରୁଥିବା ଅଶିତିପର ସାହିତ୍ୟିକ ମାନଙ୍କ ପ୍ରତି ଏହା ଅବିଚାର ନୁହେଁ କି ? ଏହି ଜିଲ୍ଲାରୁ ଯେଉଁ ମାନନୀୟ ସଦସ୍ୟମାନେ ସାହିତ୍ୟ ଏକାଡେମୀରେ ସଭ୍ୟ ଅଛନ୍ତି; ସେମାନେ ସାହିତ୍ୟ ଏକାଡେମୀର ଏହି ଅବିଚାରକୁ ବରଦାସ୍ତ କିପରି କରିଛନ୍ତି ?

**- ଡ. ଶିରୀଶ ଚନ୍ଦ୍ର ଜେନା**
ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ,ବାଲେଶ୍ୱର



ଓଡିଶା ସାହିତ୍ୟ ଏକାଡେମୀର ଏମିତି ଅସାଧ୍ୟ ବେମାରୀ ଅଛି । ମନୋନୀତ ସଦସ୍ୟମାନେ ଯୋଗ୍ୟତା ଭିତ୍ତିରେ ହେଉନାହାନ୍ତି, ଧରାଧରିରେ ଅନେକ। ବସ୍ତୁତଃ ସେମାନଙ୍କ କାମ କିଛି ନାହିଁ। ତିନି ବର୍ଷରେ ତିନୋଟି ମିଟିଂ କେବଳ ଆଟେଣ୍ଡ କରିବା, ବିଶ୍ୱସ୍ତ ରହିବା ଓ ନିଜ ଅଂଚଳରେ ବଡିମା ଦେଖାଇବା କାର୍ଯ୍ୟ। ସେମାନଙ୍କ ପାଟି ଚୁପ୍। ଓଡିଶା ସାହିତ୍ୟ ଏକାଡେମୀ ବାଲେଶ୍ୱରରୁ ତିନିଜଣଙ୍କୁ ଦୟାକରି ମନ୍ତ୍ରୀ କି ଦଲାଲଙ୍କ ଦୟାରୁ ଏହା ଦେଇ ବାଲେଶ୍ୱର ସାହିତ୍ୟିକଙ୍କୁ କୃତାର୍ଥ କରିଛି ବୋଲି ଭାବୁଛି। ପୁରସ୍କାର, ସମ୍ବର୍ଦ୍ଧନା ଆଦି ଅନ୍ୟର ପ୍ରାପ୍ତି। ଏଠି ରାଜଧାନୀୟ ସାହିତ୍ୟିକ ଆସିଲେ ଭାଷଣରେ ବାଲେଶ୍ୱର ସାରସ୍ୱତ କ୍ଷେତ୍ର ଆଦି କହି ଭଲ ଆତିଥ୍ୟ ଲଭି ରାଜଧାନୀ ଗଲେ ସବୁ ଭୁଲିଯାନ୍ତି। ଏଇଟା ପଡୋଶୀୟ ଈର୍ଷା ଭାବ। ଆମେ ଆଜି ବିରୋଧ କରୁଛେ, ସେମାନେ କାଲାକାନିଆ ରହିଯିବେ। ଆମ ଭିତରେ ତ ପେଜଖିଆ ତୋରାଣୀଖିଆକୁ ସହି ନ ପାରିବା ଅବସ୍ଥା। ଦେଖିବେ ଅନେକ ଏ ପ୍ରସଙ୍ଗରେ ମନ୍ତବ୍ୟ କିଛି ଦେବେନି କାଳେ ସେମାନେ ଓଡିଶା ସାହିତ୍ୟ ଏକାଡେମୀର ଦଲାଲଙ୍କ ଚକ୍ଷୁଶୀଳ ହେଇ ସବୁଦିନ ପାଇଁ ଓଡିଶା ସାହିତ୍ୟ ଏକାଡେମୀର କୃପାରୁ ବଂଚିତ ହୋଇଯିବେ।

**-ନିବାରଣ ଜେନା**
ପୂର୍ବତନ ସମ୍ପାଦକ, ଫକୀରମୋହନ ସାହିତ୍ୟ ପରିଷଦ



ଫକୀରମୋହନ, ରାଧାନାଥ, ଦୀନକୃଷ୍ଣଙ୍କ ମାଟି ପ୍ରତି ଘୋର ଅପମାନ । ମୁଁ ଏ ଅବିଚାରରତୀବ୍ର ପ୍ରତିବାଦ କରୁଛି ।

**- ଇଂ. ପ୍ରଶାନ୍ତ ଦତ୍ତ**
ବରିଷ୍ଠ ଲେଖକ



ଓଡିଆ ସାହିତ୍ୟ ପାଇଁ ବାଲେଶ୍ୱରର ଯଥେଷ୍ଟ ଅବଦାନ କାଳେ କାଳେ ରହିଥିଲେ ହେଁ ଏ ଜିଲ୍ଲାର ସାହିତ୍ୟିକମାନେ ଅନେକ ସମୟରେ ଅବହେଳିତ ହେବା ଲକ୍ଷ୍ୟ କରାଯାଏ। ଚଳିତ ବର୍ଷ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଦେବାପାଇଁ ଯେଉଁ ସାହିତ୍ୟିକମାନଙ୍କ ତାଲିକା ପ୍ରକାଶ କରାଯାଇଛି, ସେଥିରେ ବାଲେଶ୍ୱରର ଜଣେ ବି ସାହିତ୍ୟିକ ନାହାନ୍ତି। ଏହାର କାରଣ ହେଲା, ବାଲେଶ୍ୱରର ସ୍ୱର ରାଜଧାନୀରେ ପହଂଚିପାରୁନି। ପ୍ରଥମତଃ ଆମ ଜିଲ୍ଲା ପ୍ରତିନିଧିମାନେ ଏଥିପାଇଁ ଦାୟୀ। ସେମାନେ ବାଲେଶ୍ୱରର ସାମୂହିକ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ବଦଳରେ ନିଜ ସ୍ୱାର୍ଥରେ ଲାଗିପଡୁଛନ୍ତି। ଦ୍ୱିତୀୟତଃ ଏକାଡେମୀ କର୍ତ୍ତୃପକ୍ଷ ମଧ ବାଲେଶ୍ୱରର ସାହିତ୍ୟିକଙ୍କ ପ୍ରତି ଅଣଦେଖା କରୁଛନ୍ତି। ବାଲେଶ୍ୱରରେ ବହୁ ବରିଷ୍ଠ ସାହିତ୍ୟିକ ଥିବା ସତ୍ତ୍ୱେ ସେମାନଂକୁ ସମ୍ମିନିତ ବା ସମ୍ବର୍ଦ୍ଧିତ ନ କରାଯିବା କ୍ଷୋଭର ବିଷୟ। ଏକାଡେମୀ ଏହାର ପୁନଃବିଚାର କରିବା ଉଚିତ୍ ।

**-ସମରେନ୍ଦ୍ର ମହାପାତ୍ର**
ବରିଷ୍ଠ କବି, ସମ୍ପାଦକ 'ଝର୍କା'



ବାଲେଶ୍ୱର ଏକ ସାହିତ୍ୟ ସଂସ୍କୃତିର ମାଟି। ବାଲେଶ୍ୱରର ଅନେକ ପ୍ରତିଭା ଅଛନ୍ତି। ତାଙ୍କୁ ସମ୍ବର୍ଦ୍ଧନା ନଦେବାଟା ପରିତାପର ବିଷୟ। ସାହିତ୍ୟ ଏକାଡେମୀ ଏ ବିଷୟରେ ଆଉଥରେ ପୁର୍ନବିଚାର କରିବା ଉଚିତ୍ ବୋଲି ମୋର ମତ।


**-ଅଂଜଳି ପଣ୍ଡା**
ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା



ସାହିତ୍ୟ ଏକାଡେମୀ ଏକ ସରକାରୀ ସଂସ୍ଥା ଯାହା ସମଗ୍ର ରାଜ୍ୟର ସଂସ୍କୃତି ଓ ସାହିତ୍ୟର ଉନ୍ନତି ଓ ସୁରକ୍ଷା ପାଇଁ ଅଛି। ଏ ବର୍ଷ ୧୫ ଜଣ ସାହିତ୍ୟିକ ଭିତରୁ ବାଲେଶ୍ୱରରୁ ଜଣେ କେହି ନ ରହିବା ବାସ୍ତବିକ୍ ଦୁର୍ଭାଗ୍ୟଜନକ।


ଏ ପରିପ୍ରେକ୍ଷୀରେ ପୂର୍ବତନ ଦୁଇଜଣ ବାଲେଶ୍ୱରରୁ ସଦସ୍ୟ ନାମ ସୁପାରିଶ କରିବା କଥା ଉଲ୍ଲେଖ କରିଛନ୍ତି। ବାଲେଶ୍ୱରରେ ଆହୁରି ବହୁ ବରିଷ୍ଠ ସାହିତ୍ୟିକ ଅଛନ୍ତି, ଯେଉଁମାନଙ୍କ ନାମ ନିଆଯାଇପାରନ୍ତା। ଦୃଷ୍ଟାନ୍ତ ସ୍ୱରୂପ ସେମାନେ ହେଲେ ଶୁଭେନ୍ଦୁ ମୋହନ ଦାସ,ଚଣ୍ଡୀ ଚରଣ କର ବା ପ୍ରଶାନ୍ତ ଦତ୍ତ ପ୍ରମୁଖ । କାହିଁକି ଏମାନଙ୍କ ନାମ ପୂର୍ବତନ ସଦସ୍ୟ ବା ଏକାଡେମୀର କାର୍ଯ୍ୟକାରିଣୀ ବୈଠକ ବିଚାରକୁ ନେଉନାହିଁ? ଏମାନେ କେଉଁଠି କମ୍? ସେମାନଙ୍କର କଣ ଅତି କମ୍‌ରେ ସମ୍ବର୍ଦ୍ଧନା ପାଇବାର ଯୋଗ୍ୟତା ନାହିଁ? ଏପରି ଅନ୍ୟାୟକୁ ସମୟ କ୍ଷମା ଦେବକି?

**-ଉଦୟ ନାରାୟଣ ଦାସ**
ବରିଷ୍ଠ କଥାଶିଳ୍ପୀ



ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧନା ତାଲିକାରେ ଆମ ବାଲେଶ୍ୱର ଜିଲ୍ଲାରୁ କୈଣସି ବରିଷ୍ଠ କବି ଲେଖକଙ୍କର ନାମ ସ୍ଥାନିତ ନ ହେବା ବଡ଼ ବିଡ଼ମ୍ବନାର କଥା । କବି ସାହିତ୍ୟିକଙ୍କ ପୂର୍ଣ୍ଣ ଓ ପୁଣ୍ୟ ମାଟିରୁ ଜଣେ ମାତ୍ର ସ୍ଥାନିତ ନ ହେବା ଆମ ଜିଲ୍ଲାକୁ ସାରସ୍ୱତ ଲଜ୍ଜା । ଏଥିପାଇଁ ଏକାଡେମୀର କେତେକ କରିତ୍‌କର୍ମାଙ୍କ କୁଚକ୍ରାନ୍ତ ବୋଲି ଅନୁମାନକୁ ସ୍ୱୀକାର କରିବାକୁ ପଡ଼ିବ । ଏଥିପାଇଁ ସଂପୃକ୍ତ ମନ୍ତ୍ରୀ, ଅଧିକାରୀ ଓ ସଚେତକଗଣ ଧ୍ୟାନ ଦେଇ ପୁନଃ ବିଚାର କରାଯାଉ ବୋଲି ମୋର ଦାବି ।

**-କେଶୁ ଦାସ**
ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି



## ରଜନୀଙ୍କ ରାଜଧାନୀ ଗୁଗୁଲ୍


### ॥ ପଦ୍ମଦଳିଆଙ୍କ ଭାଇଚାରା ॥

ନିକଟରେ ପୁରୁଣା ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଉତ୍ସବରେ ପଦ୍ମଦଳିଆ ଓ ଶଂଖ ଦଳିଆଙ୍କ ମଧ୍ୟରେ ରୀତିମତ୍ ଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା । ଅମାନିଆ ଅପରାଜିତା ଫଳାଫଳ ନଜାଣି ଶଂଖ ଶିବିରକୁ ଗୋଟାଏ ବାଣ ଛାଡ଼ିଦେଲେ । ସେପଟେ ଅଭିଜ୍ଞ ପଣ୍ଡା ଭାଇନା କି ସମ୍ଭାଳା ପଡ଼ନ୍ତେ । ଗୋଟାକ ପରେ ଗୋଟାଏ ବାଣ ଛାଡ଼ି ଚାଲିଲେ । ବିଚରା ଅପରାଜିତା ମାଡାମ୍ ପ୍ରଶ୍ନବାଣରେ ଆକ୍ତାମାକ୍ତା ଅବସ୍ଥାକୁ ଚାଲି ଆସିଲେ । ତେବେ ହଠାତ୍ ବାବୁ ଧର୍ମେନ୍ଦ୍ର ଚମତ୍କାର ଓ ଚତୁରତାର ସହ ପଣ୍ଡା ଭାଇଙ୍କ ବାଣକୁ ବୁମେରାଂ କରି ଛାଡ଼ି ଦେଲେ । ବିଚରା ଅପରାଜିତା ରକ୍ଷା ପାଇଗଲେ । ଲୋକମାନେ କୁହାକହି ହେଉଛନ୍ତି, ମଇଁଷି ଶିଂଘ ଫଟା ଯୁଝିଲା ବେଳକୁ ଗୋଟା ।


### ॥ ଅରବିନ୍ଦଙ୍କ ଅଭିନୟ ନିଶା ॥

କୁହାଯାଏ ଅଭିନୟ ଆଉ ରାଜନୀତିର ସିଷ୍ଟମ୍‌ଟା ପାଖାପାଖି ରାଜନୀତିରେ ଢ଼େର୍ ଅଭିନୟ କରିବାକୁ ପଡ଼େ । ତେବେ ଭାରତୀୟ ରାଜନୀତିରେ ବହୁ ଅଭିନେତା ରାଜନୀତିରେ ବେଶଖ ସଫଳ ହୋଇପାରିଛନ୍ତି । ଏମାନଙ୍କର ଲମ୍ବା ତାଲିକା ଦେବାର ଆବଶ୍ୟକତା ନାହିଁ । ଓଡ଼ିଶାରେ ମଧ ପ୍ରଶାନ୍ତ ନନ୍ଦ, ସିଦ୍ଧାନ୍ତ, ଅନୁଭବ ପରି ଅନ୍ୟ କେତେକ ଅଭିନେତା ସକ୍ରିୟ ରାଜନୀତିରେ ଅଛନ୍ତି । ତେବେ ଅଭିନୟରୁ ରାଜନୀତି ଓ ରାଜନୀତିରୁ ଅଭିନୟ ଏ ଦୁଇଟା ଅଲଗା କଥା । ଆମ ଓଡ଼ିଶାରେ ଏ କିସମର ରାଜନୈତିକ ବ୍ୟକ୍ତିତ୍ୱଙ୍କ ଲିଷ୍ଟ ବହୁତ କମ୍ । ରାଜେନ୍ଦ୍ର ସିଂ କଟକ ସଦର ବିଧାୟକ ଥିଲାବେଳେ ଗୋଟିଏ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂ ମଧ ଗୋଟିଏ ଚଳଚ୍ଚିତ୍ରରେ ପ୍ରଯୋଜନା ସହ ସମ୍ପୃକ୍ତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାବା ପ୍ରସନ୍ନ ପାଟଶାଣୀ ଗୀତ, କାହାଣୀ ଲେଖା ସହ କିଛି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଯାତ୍ରା ଟାଇଗର ମହାରଥୀ (ଯାତ୍ରା), ସୁରଭାଇ, ଭାଲୁଭାଇନା ବି ଆଲବମ୍ ଦୁନିଆରେ ଲୋକପ୍ରିୟ ।

ଏସବୁ ଭିତରେ ଆମ ଢାଲିଦାଦା (ଜୟଦେବ ବିଧାୟକ) ବି ପଛରେ ନାହାନ୍ତି । ରକତେ ଲେଖିଛି ନାଁ, ଯେ ପାଞ୍ଚେ ପର ମନ୍ଦ ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରି ସାରିଛନ୍ତି । ଢାଲିଦାଦା ସ୍ୱାଭାବତଃ ଜଣେ କୁଲ୍ ମିଂଜାସ୍‌ର ବ୍ୟକ୍ତି । ଜୟଦେବର ଜଟିଳ ରାଜନୀତି ବି ତାଙ୍କ ଅଭିନୟ ନିଶାକୁ ପ୍ରତିହତ କରି ପାରିନି । ନିକଟରେ ଅନେକ ଗୁଡ଼ିଏ ଚଳଚ୍ଚିତ୍ରରେ ତାଂକୁ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ । ଜୟ କଳା ।




## ॥ ଫଜଲ୍ ମାଝି ॥



ପ୍ରଫୁଲ୍ଲ ରୟ (୧୯୩୪)

ସ୍ୱପ୍ନ ଦେଖିବା ପ୍ରତ୍ୟେକ ମଣିଷର ପ୍ରବୃତ୍ତି । ତାହା ହିଁ ମଣିଷକୁ ଚଳଚଞ୍ଚଳ ତଥା କର୍ମପ୍ରବଣ କରାଇଥାଏ । ରାୟେନାବିବି କେନାଲ କୂଳରେ ରହୁଥିବା ଓ ଧଲେଶ୍ୱରୀ ନଦୀରେ ଡଙ୍ଗା ବାହି ଆପଣା ଗୁଜୁରାଣ ମେଣ୍ଟାଉଥିବା ଧୀବର ଯୁବକଟିଏ ବି ସୁଖଦ ଭବିଷ୍ୟତର ସ୍ୱପ୍ନ ଦେଖିବାରେ ଥିଲା ମସଗୁଲ । ସେଥିଲାଗି କରୁଥିଲା ହାଡ଼ଭଙ୍ଗା ପରିଶ୍ରମ । ହେଲେ ବିଭାଜନ କାଳର ଏକ କରୁଣ ଦୃଶ୍ୟ ତାକୁ ପ୍ରତିକ୍ରିୟାଶୀଳ ହେବାକୁ ବାଧ୍ୟକରେ । ସେ ତା'ର ସମସ୍ତ ସ୍ୱପ୍ନକୁ ନଦୀ ପାଣିରେ ଭସେଇଦେଇ ସାଜେ ମାନବତାର ସତର୍କ ପ୍ରହରୀ । ପ୍ରଖ୍ୟାତ ବଙ୍ଗଳା ଗାଳ୍ପିକ ପ୍ରଫୁଲ୍ଲ ରୟ ତାଙ୍କ 'ମାଝି' ଗଳ୍ପରେ ସେଦିନର କରୁଣ ଦୃଶ୍ୟଟିକୁ ଧରିରଖିବାର ଚେଷ୍ଟା କରିଛନ୍ତି ।

କେନାଲ କୂଳରେ ଆପଣା ଡଙ୍ଗା ଉପରେ ବସି ଫଜଲ ମାଝି ଅନେଇ ରହିଥାଏ ଗୁଆ ଓ ନଡ଼ିଆଗଛ ଗହଳରେ ଥିବା ଟିଣ ଛାତର ଘର ଆଡ଼କୁ । ସାଲିମା ଭୁଲିଗଲା କି ଆଉ ? କାଲି ସନ୍ଧ୍ୟାରେ ପରା ତାକୁ ଭେଟିବାକୁ ଆସିବ ବୋଲି କଥା ଦେଇଥିଲା । କେତେବେଳ ଏମିତି ଅପେକ୍ଷାରେ ବସି ରହିବ ସିଏ ? ସେପଟେ ଶୀଘ୍ର ସିରାଜଦୀଘା ବଜାରରେ ନପହଞ୍ଚିଲେ ଅନ୍ୟ ନାବିକମାନେ ତା ଭାଗର ଯାତ୍ରୀଙ୍କୁ ନେଇଯିବେ ଯେ । ନା, ତାକୁ ଯିବାକୁ ହେବ । ହାତ ପାଆନ୍ତାରେ ଥିବା ସୁଯୋଗକୁ ଛାଡ଼ିଦେବା ମୂର୍ଖାମୀ । ସେ ତା ଡଙ୍ଗାକୁ ପାଣି ଭିତରକୁ ଠେଲିବାକୁ ଉଦ୍ୟତ ହେଲାବେଳେ ପଛରୁ ଶୁଭେ ଖିଲ୍ ଖିଲ୍ ହସ ସାଲିମାର । ତା'ର ଆସିବାରେ ବିଳମ୍ବ ହୋଇଯାଇଥିବାରୁ ମୁହଁ ଫୁଲାଏ ଫଜଲ । ଡଙ୍ଗା ପାଖକୁ ଚାଲିଆସେ ସାଲିମା । ଖୁବ୍ ସୁନ୍ଦର ଗଢ଼ଣର ଝିଅଟିଏ । ଦେହ, ସୂକ୍ଷ୍ମ ଲତାଟିଏ ଭଳି ହୋଇଥିବା ବେଳେ ଆଖି ଦୁଇଟି ତା'ର ଚକ୍ ଚକ୍ ହୀରା ଭଳି । ତା'ର ଆସିବାରେ ବିଳମ୍ବ ହେବାରୁ ଫଜଲ୍ ଅଭିମାନରେ ମୁହଁ ଫୁଲାଇଥିବା ଦେଖି ସେ ନିଜ ଅସୁବିଧା କଥା କହିବାକୁ ଲାଗେ । ବାପର ଚବିଶଘଣ୍ଟା ତା'ଉପରେ ନଜର । ସିଏ ଆପଣା ନିତ୍ୟକର୍ମ ସାରି ବିଲକୁ ବାହାରି ଯିବାରୁ ସିନା ଫଜଲ ପାଖକୁ ଆସିବାର ସୁଯୋଗ ପାଇଛି ବିଚାରୀ । ଏତକ ଶୁଣି ଫଜଲ୍‌ର ଅଭିମାନତକ ପାଣିରେ ମିଳାଇ ଯାଏ । ସେ ବୁଲିପଡ଼ି କହେ, "ଆଉ ଅଧିକଦିନ ତୋତେ ତୋ ବାପ ସାଥୀରେ ଏଇ ଲୁଚାଛପା ଖେଳ ଖେଳିବାକୁ ପଡ଼ିବନି ଲୋ । ମୁଁ ତିନି ଚାରିଦିନରେ ସବୁ ବ୍ୟବସ୍ଥା କରିଦେବି । ତୋ ବାପକୁ ଦେବାପାଇଁ ଛ'କୋଡ଼ି ଦଶଟଙ୍କା ଜମାକରି ସାରିଲିଣି । ଆଉ ମାତ୍ର ଦଶଟଙ୍କା ହୋଇଗଲେ ସାତକୋଡ଼ି ହୋଇଯିବ । ହିନ୍ଦୁମାନେ ତାଙ୍କ ଘର ଦ୍ୱାର ଛାଡ଼ି ପଳାଉଛନ୍ତି । ସେମାନଙ୍କୁ ପାର ଉତାର କରି ଭଲ ଦୁଇପଇସା ମିଳୁଛି । ସାତକୋଡ଼ି ପୂରା ହୋଇଗଲେ ସେତକ ତୋ ବାପ ହାତରେ ଧରେଇ ତୋତେ ନେଇ ଆସିବି ଘରକୁ ।" ଫଜଲ୍ ବଜାରକୁ ଯିବାପାଇଁ ତରତର ହେଉଥାଏ । ସାଲିମା ତାକୁ ଅଟକାଇ କହୁଥାଏ ଗତ ରାତିରେ ନବୀପୁରରୁ କାସିମ୍ ଅଲି ତାଙ୍କ ଘରକୁ ଆସିଥିବା କଥା । ସେ ସୈତାନର ପୁଅ ତାକୁ ବାହା ହେବାକୁ ଚାହୁଁଛି । କିଛିଦିନ ପୂର୍ବେ ଆରିବୁଦ୍ଦି ଆଉ ହବିବ୍ ମିଆଁ ବି ସେଇ ଲକ୍ଷ୍ୟରେ ଆସିଥିଲେ । ସଭିଙ୍କୁ ସେ କାନ୍ଦିକାଟି ଆଡ଼େଇ ଦେଇଛି । ହେଲେ କେତେଦିନ ଏମିତି କରି ପାରିବ ? ବାପଟା ତା'ର ଖୁବ୍ ଲୋଭୀ । ପଇସା ପାଇଲେ ଯାଇତାଇ ଲୋକ ହାତରେ ବି ଝିଅକୁ ଟେକିଦେବ ସିଏ । ସିଏ ନିଜେ ବି ଖୁବ୍ ଅସ୍ଥିର ମନେ କରୁଛି ଆଜିକାଲି । ଫଜଲ୍‌କୁ ଛାଡ଼ି ଏକା ରହିବା ଆଉ ତାକୁ ଆଦୌ ଭଲ ଲାଗୁନି । "କାସିମ୍ ଅଲି କି ସିକିମ୍ ଅଲି କେହି ତା'ର କିଛି କରି ପାରିବେ ନାହିଁ । ଆସନ୍ତା କାଲି ହିଁ ମୁଁ ତୋ ବାପ ସହ ଦେଖାକରି ସବୁକିଛି ପକ୍କା କରିଦେବି" କହି ତର ତର ହୋଇ ଫଜଲ୍ ରାୟେନାବିବି କେନାଲରେ ଡଙ୍ଗା ମେଲିଦିଏ ।

ଦିନସାରା ଯାତ୍ରୀଙ୍କୁ ପାର ଉତାର କରିବାର କଠିନ ପରିଶ୍ରମ କରି ସନ୍ଧ୍ୟାବେଳକୁ ସେ ସାତଟଙ୍କା ରୋଜଗାର କରିବାରେ ସକ୍ଷମ ହୁଏ । ସାତକୋଡ଼ିକୁ ଆହୁରି ତିନିଟଙ୍କା ଦରକାର । ସନ୍ଧ୍ୟା ପର୍ଯ୍ୟନ୍ତ ସେତକ ହୋଇଯିବ ବୋଲି ତା'ର ଧାରଣା ଥିଲା । ତାକୁ ତେବେ ଆଉ ଗୋଟେ ଦିନ ଅପେକ୍ଷା କରିବାକୁ ପଡ଼ିବ । ହିନ୍ଦୁଙ୍କ ଏଇ ପଳାୟନ ବେଳେ ଦୈନିକ ପାଞ୍ଚ ଦଶଟଙ୍କା ଆରାମରେ ରୋଜଗାର ହୋଇଯାଉଥାଏ । ତେଣୁ କାଲିକି ନିଶ୍ଚିତ ହୋଇଯିବ । ଦିନ କେଇଟା ପୂର୍ବରୁ ସାଲିମାର ବାପ ତା' ଆଡ଼କୁ ଚିଲ ଶାଗୁଣାଙ୍କ ଭଳି ଅନାଇ କହିଥିଲା, "ମୋ ଝିଅକୁ ବାହାହେବୁ ! ସାତକୋଡ଼ି ଟଙ୍କା ମୋ ଡାହାଣ ହାତରେ ରଖିଦେ ମୁଁ ଝିଅକୁ ଏଇ କ୍ଷଣି ବାଁ ହାତରେ ତୋତେ ବଢ଼ାଇ ଦେବି । ହଁ ଆଉ ଏତିକି ମନେ ରଖିବୁ, ବାହାଘରର ସବୁଖର୍ଚ୍ଚ ତୋତେ ହିଁ ଉଠେଇବାକୁ ହେବ ।" ଫଜଲ୍ ଏବେ ତା' ପାଖରେ ମାତ୍ର ଚାରିକୋଡ଼ି ଟଙ୍କା ଥିବା କଥା କହିଥିଲା । ସେତକ ନେଇ ସେ ବାହାଘର ବଢ଼େଇ ଦେଉ । ଅବଶିଷ୍ଟ ତିନିକୋଡ଼ି ପରେ ତାକୁ ନିଶ୍ଚିତ ଦେଇଦେବ । ହେଲେ ସାଲିମାର ବାପ ସେଇ ପ୍ରସ୍ତାବରେ ରାଜି ହୁଏନି । ବେପାରରେ ଧାର ଉଧାର କ'ଣ ? ନଗଦା ନଗଦିଟା ଭଲ । ଫଜଲ ଶେଷକୁ ମାସେ ସମୟ ମାଗେ । ସେଇ ଦିନଠାରୁ ସେ ପ୍ରବଳ ପରିଶ୍ରମ କରୁଛି । ଗୋଟେ ଗୋଟେ ପଇସାକୁ ଜମା କରି ରଖୁଛି । ଯୌବନର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ଡଙ୍ଗାରେ ଯାତ୍ରୀ ନେଇ ଯାଉଛି ତେଲଭୋଗ, ସାଭାର, ବାସାଇଲ, ସୋନାରଙ୍ଗ ଇତ୍ୟାଦି ଦୂର ଦୂରାନ୍ତରକୁ । ଖାଇବା, ଶୋଇବା ସବୁ ଭୁଲି ଯାଇଛି ସିଏ । ପ୍ରତି ମୁହୂର୍ତ୍ତରେ ତା' ଆଖି ଆଗରେ ଆସି ଉଭା ହେଉଛି ସାଲିମା । ତାକୁ ନେଇ ସୁଖର ସଂସାର ଗଢ଼ିବାର ସ୍ୱପ୍ନରେ ମସଗୁଲ ଫଜଲ ମାଝି .... । ଡଙ୍ଗାରେ ବସିଥିବା ଅବସ୍ଥାରେ ଗୋଟି ଗୋଟି କରି ସବୁ ଟଙ୍କା ଗଣିସାରି ଛୋଟ ମୁଣିରେ ପୂରେଇ ଲୁଙ୍ଗି କାନିରେ ଗଣ୍ଠି ପକାଇ ଅଣ୍ଟାରେ ଖୋସେ । ଏଇଟି ତା'ର ଅମୂଲ୍ୟ ସମ୍ପଦ । କେହି ଗୋଟେ ପଇସା ବି ନେଇ ପାରିବନି ତା ପାଖରୁ । ସେଭଳି ଦୁଃସାହସ କଲେ ସିଧା ତାକୁ ନର୍କକୁ ପଠାଇ ଦେବ ସିଏ । ଆଉ ତିନିଟଙ୍କା ହୋଇଗଲେ ସେ ବାହା ହୋଇ ପାରିବ ସାଲିମାକୁ । ଏଇ ଖୁସିରେ ସେ ଗୀତଟିଏ ଗୁଣୁଗୁଣେଇବାକୁ ଲାଗେ ।

ହଠାତ୍ ୟାଚ୍ଛିନ୍ ସିକ୍‌ଦାରର ଡାକରେ ଫଜଲର ଧ୍ୟାନଭଗ୍ନ ହୁଏ । ୟାଚ୍ଛିନ୍ ସାଙ୍ଗରେ ଗୋଟେ ବୁର୍କା ପରିହିତା ମହିଳା । ସେମାନଙ୍କର ଯିବାର ଅଛି ଇସ୍‌ମାଇଲ ଦ୍ୱୀପକୁ । ଯିବା ଖୁବ୍ ଜରୁରୀ । ଦର କଷାକଷି ହୋଇ ଶେଷକୁ ଛିଣ୍ଡେ ଦଶଟଙ୍କାରେ । ବୁର୍କାବାଲୀ କହୁଥାଏ, "ନା, ନା, ମୁଁ ଯିବିନି। ମୋତେ ଛାଡ଼ିଦିଅ । ମୋ ଉପରେ ଦୟାକର ।" ୟାଚ୍ଛିନ୍ ଟିକେ ଉଚ୍ଚ ସ୍ୱରରେ ତାକୁ ଦବାଇବାକୁ ଚେଷ୍ଟାକରେ, "କାହିଁକି ବୋକୀ ଭଳିଆ ହେଉଛୁ ? ସାତ ଆରାମରେ ନରହି ଏଠି ପଡ଼ିରହିବୁ କାହିଁକି ? ମୁଁ ତୋତେ ଗୋଟେ ଯୁବରାଜର ନାତୁଣୀ ଭଳି ସୁଖରେ ରଖିବି । ମୁଁ ତୋତେ କିରାମାତ୍ ଗୁଣ୍ଡା ହାବୁଡ଼ରୁ ବଞ୍ଚେଇଛି । ନହେଲେ ସେ ତୋତେ ତା ସହ ଘୋଷାଡ଼ି କରି ନେଇଯାଇଥାନ୍ତା। ଚାଲ, ମୋର ମୁଖ୍ୟ ବେଗମ୍ ହୋଇ ରାଜ୍ କରିବୁ ।" ସ୍ତ୍ରୀଲୋକଟି ବିକଳ ହୋଇ କାନ୍ଦିବାକୁ ଲାଗେ। ତା' ପାଟିକୁ ନିଜ ହାତପାପୁଲିରେ ବନ୍ଦ କରି ୟାଚ୍ଛିନ୍ ମିଆଁ ଫିସ୍ ଫିସ୍ କହୁଥାଏ, "ଚୁପ୍ ଚାପ୍ ଚାଲ କହୁଛି । ନଖରା କାଢ଼ିଲେ ତୋତେ ଏଇକ୍ଷଣି ହାଣି ଫୋପାଡ଼ିଦେବି ଜାଣିଥା ।" ତା' କହିବା ଭଙ୍ଗୀରୁ ଲାଗୁଥାଏ ଟିକେ ଏପଟ ସେପଟ ହେଲେ ସତେ ଯେମିତି ସେ ମାରିଦେବ ତାକୁ । ତାଙ୍କ ବିବି ଇସ୍‌ମାଇଲ୍ ଦ୍ୱୀପକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି କି ବୋଲି ୟାଚ୍ଛିନ୍‌କୁ ପଚାରେ ଫଜଲ୍ । ମିଆଁ ତା' ପାଖକୁ ଯାଇ କାନରେ ଫୁସ୍ ଫୁସ୍ କରି କହେ, "ଛୋଟ ଝିଅଟା । ବାପଘର ଛାଡ଼ି ଯାଉଥିବାରୁ ତା' ମନ ଭାରି ଦୁଃଖ । ସେମିତି କିଛି ଭାବନି ନାବିକ । ତୁମେ ଡଙ୍ଗା ପ୍ରସ୍ତୁତ କର । ଆମେ ଏଇକ୍ଷଣି ବାହାରି ପଡ଼ିବା ।" ଜବରଦସ୍ତି ଉଠାଇ ଡଙ୍ଗାରେ ବସାଇଦେବାରୁ ସ୍ତ୍ରୀଲୋକଟି ଅତି ବିକଳ ହୋଇ କାନ୍ଦିଉଠେ । ଏଭଳି ପରିସ୍ଥିତିରେ ଡଙ୍ଗା ମେଲିବାକୁ ଫଜଲ୍ ଅମଙ୍ଗ ହେବାର ଦେଖି ତାକୁ ପନ୍ଦର ଟଙ୍କା ଭଡ଼ାର ଲୋଭ ଦେଖାଯାଏ । ପନ୍ଦର ଟଙ୍କା !! ଫଜଲ୍ ଆଗରେ ଚହଲିଯାଏ ସାଲିମାର ମୁହଁ। ସାତକୋଡ଼ି ଟଙ୍କା ତା' ବାପ ହାତରେ ବଢ଼ାଇ ଦେବାପରେ ଆହୁରି ତା ଅଣ୍ଟିରେ ରହିବ ବାରଟଙ୍କା। ଛାତି ଭିତରେ ଖୁସିର ଲହରଟିଏ ଖେଳିଯାଏ । ସାଲିମା ତାପାଇଁ ଏବେ ନଡ଼ିଆଗଛ ଗହଳରେ ଅପେକ୍ଷା କରିଥିବ । ହେଲେ ସେ କ'ଣ କରି ପାରିବ ଯେ ? ତାକୁ ତ ଯିବାକୁ ପଡ଼ିବ ଲମ୍ବା ଯାତ୍ରାରେ। ସେଠୁ କାଲିକି ଫେରିଲେ ପ୍ରଥମେ ଯିବ ସାଲିମାର ବାପ ପାଖକୁ । ମାସକ ଭିତରେ ଯେମିତି ହେଲେ ବିବାହର ଆୟୋଜନ କରିବା ପାଇଁ ଚାପ ପକାଇବ । ଏଭଳି ପରିସ୍ଥିତିରେ ଏମାନଙ୍କ ପାଖରୁ ଆହୁରି ଅଧିକ କିଛି ଝଡ଼େଇ ହୋଇଥାନ୍ତା । ହେଲେ ତା'ର ବି ତ ଗୋଟେ ମଣିଷପଣିଆ ଅଛି ।

କାଳ ବିଳମ୍ବ ନକରି ଫଜଲ ଡଙ୍ଗାଟିକୁ ଧଲେଶ୍ୱରୀ ନଦୀ ମଝିକୁ ଠେଲିଦିଏ । ଜହ୍ନର କ୍ଷୀଣ ଆଲୋକରେ ଚାରିଆଡ଼ ଝାପ୍‌ସା ଝାପ୍‌ସା ଦେଖାଯାଉଥାଏ । ଲହଡ଼ି କାଟି କାଟି ଡଙ୍ଗାଟି ଆଗକୁ ମାଡ଼ିଚାଲେ । ମଙ୍ଗ ସଳଖାଇ ଆହୁଲା ମାରିଲା ବେଳେ ପୁଣି ତାକୁ ଗୋଟାପଣେ ଆବୋରି ବସେ ସାଲିମା । ପ୍ରକୃତରେ ତା' ବିନା ଫଜଲ୍‌ର ଜୀବନ ମୂଲ୍ୟହୀନ । ଦୁଇବଖୁରିଆ ଘରେ ପଡ଼ିଥିବା ଖଟଟି କେତେ ଥଣ୍ଡାଲାଗେ ସତେ ଯେମିତି ଗୋଟେ ମଳାସାପ । ଏକ୍ଲାପଣ ତାକୁ କୋରି ଖାଇବାକୁ ଲାଗେ ଓ ସେ ପ୍ରତି ରାତି ଅନିଦ୍ରାରେ କାଟେ । ନା, ଦିନକୁ ଦିନ ଏଇ ଦୂରତା ଅସହ୍ୟ ହେଉଛି । ଯେତେ ଶୀଘ୍ର ନିକାହ୍ ଟା ସରିବ ସେତେ ଭଲ । ଖୁସି ମନରେ ଡଙ୍ଗାର ଆହୁଲା ମାରୁ ମାରୁ ଗୀତଟିଏ ଗୁଣୁଗୁଣାଇବା ବେଳେ କିଛି ଚିତ୍କାର ତାକୁ ଚମକାଇ ଦିଏ । ଘୋଡ଼ଣୀ ଭିତରେ ଦୁହେଁ ବୋଧେ ଖୁବ୍ ଝଗଡ଼ା ଲାଗିଥାନ୍ତି । ସାପ ଭଳି ଫଁ ଫଁ ହୋଇ ୟାଚ୍ଛିନ୍ କହୁଥାଏ, "ପୂରା ଚୁପ୍ ରହ କହୁଛି । ନହେଲେ ବେକମୋଡ଼ି ଏଇ ପାଣିରେ ଫିଙ୍ଗିଦେବି ତୋତେ ।" ସ୍ତ୍ରୀଲୋକଟି ଉତ୍କ୍ଷିପ୍ତ ହୋଇ କହୁଥାଏ, "ମାରି ଦେଉନୁ । ମାରିଦେଲେ ତ ରକ୍ଷା ପାଇଯିବି । ନହେଲେ ଏଇ ନଈ ପାଣିକୁ ଡେଇଁପଡ଼ିବି ମୁଁ।" ୟାଚ୍ଛିନ୍ ଅତି ନିର୍ଦ୍ଦୟ ହସଟେ ହସି ତାକୁ ଏତେ ସହଜରେ ମରିବାକୁ ଦେବନି ବୋଲି କହେ । ସେ ତାକୁ ଆସ୍ତେ ଆସ୍ତେ ମାରିବ । ସେଇ ମାରିବାରେ ସିନା ମଜା ଅଛି ଘାତକ ପାଇଁ । ଦୁହିଁଙ୍କ କଥୋପକଥନରୁ ଝଡ଼ର ପୂର୍ବାଭାଷ ପାଇପାରେ ଫଜଲ୍ । କିଛି ସମୟର ନିରବତା ପରେ ପୁଣି ମହିଳାଟି କାନ୍ଦି କାନ୍ଦି ୟାଚ୍ଛିନ୍‌ର ପାଦ ଧରି ନେହୁରା ହୁଏ ତାକୁ ନେଇ କଲିକତାରେ ଛାଡ଼ିଦେବା ଲାଗି । ମିଆଁ ଉପରେ କିନ୍ତୁ ଏସବୁର କିଛି ପ୍ରଭାବ ନଥାଏ । ସେ ହସି ହସି କହୁଥାଏ, "ତୋର ଅଭିଭାବକ ସାଜି ତୋତେ ନେଇ କଲିକତାରେ ଛାଡ଼ିବି ? ମୋତେ ବୋକା ପାଇଛୁ କି ? ମୁଁ ତୋ ଅଭିଭାବକ ନୁହେଁ ତୋ ପୁଅର ବାପ ହେବାକୁ ଚାହେଁ । ତୋତେ ହାସଲ କରିବାକୁ ମୋତେ ଯେ କେତେ କଷ୍ଟ ସହିବାକୁ ପଡ଼ିଛି ତୁ କ'ଣ ଜାଣିବୁ ? ଏଇ କନ୍ଦା କଟା ବନ୍ଦ କରି ଚୁପ୍‌ଚାପ୍ ବସିରହ । ନହେଲେ.... ।" ଇୟେ ବି ସେଇ ସମସ୍ୱରରେ କହୁଥାଏ, "ନହେଲେ ଆଉ କ'ଣ ? ମାରିବୁ ଯଦି ମାରି ଦେଉନୁ । ତୁଟା ମଣିଷ ନୁହେଁ ଜହ୍ଲାଦ । ମୋ ସ୍ୱାମୀଙ୍କୁ ମାରିଛୁ । ମୋ ଘରଲୋକଙ୍କୁ ହାଣିଛୁ । ଏବେ ମୋତେ ବାହା ହେବାର ସ୍ୱପ୍ନ ଦେଖୁଛୁ ?" ତାକୁ ଛୁଇଁବାପାଇଁ ମନା କରୁଥିବା ବେଳେ ୟାଚ୍ଛିନ୍ ତା' ସହ ଜୋର ଜବରଦସ୍ତ କରିବାକୁ ଲାଗେ । ତାଙ୍କ ଏଇ ଗଡ଼ାପଡ଼ାରେ ଡଙ୍ଗା ଦୋହଲି କେତେବେଳେ ଧଲେଶ୍ୱରୀ ନଦୀରେ ବୁଡ଼ିଯିବ ବୋଲି ଆଶଙ୍କା କରେ ଫଜଲ୍ । ମିଆଁକୁ ଏସବୁରୁ ବାରଣ କରିବ ବୋଲି ଭାବିଲା ବେଳେ ମହିଳା ଜଣକ ଚିତ୍କାର କରି ସାହାଯ୍ୟ ମାଗେ, "ମୋତେ ବଞ୍ଚାଅ ନାବିକ ଭାଇ । ରକ୍ଷାକର !" ଏଇ ଅନୁରୋଧରେ ଗୋଟାପଣେ ଦୋହଲିଯାଏ ଫଜଲ୍ । ଡଙ୍ଗାରେ ସେଇ ତିନିଜଣଙ୍କ ଛଡ଼ା ଆଉ କେହି ନଥାନ୍ତି । କେତେବେଳୁ ସେ ସାଲିମା କଥା ପୂରା ଭୁଲିଗଲାଣି । ତା' ରକ୍ତ ଟକ୍‌ମକ୍ ହୋଇ ଫୁଟିବା ଆରମ୍ଭ କରେ । ସେ ଖୁବ୍ ଜୋର୍‌ରେ ଚିତ୍କାର କରେ - ମିଆଁ ସାହେବ୍!! ମାଛମରାରେ ବ୍ୟବହୃତ ବର୍ଚ୍ଛା ମୁଠାଇ ଧରିଥାଏ ଡାହାଣ ହାତରେ । ମହିଳା ଜଣକ ନେହୁରା ହୋଇ କହି ଚାଲିଥାଏ, "ମୋତେ ବଞ୍ଚାଅ ନାବିକ ଭାଇ, ମୋତେ ବଞ୍ଚାଅ । ମୁଁ ଜଣେ ବୁଣାକାରର ସ୍ତ୍ରୀ । ଏଇ ଜହ୍ଲାଦ ଆମ ଘରର ସମସ୍ତଙ୍କୁ ମାରି ମୋତେ ନେଇଯାଉଛି ସାଙ୍ଗରେ.... ।" ଫଜଲ୍ ବର୍ଚ୍ଛାଟି ଧରି ସେଆଡ଼କୁ ଧାଇଁଯାଏ । ୟାଚ୍ଛିନ୍ ସିକ୍‌ଦର କିଛି ଜାଣିବା ପୂର୍ବରୁ ବର୍ଚ୍ଛା ଭେଦି ସାରିଥାଏ ତା' ପଞ୍ଜରା ।

ମୃତ ଶରୀରକୁ ନଦୀଗର୍ଭକୁ ଫିଙ୍ଗିଦେବା ପରେ ଖୁବ୍ ହାଲୁକା ହୋଇଯାଇଥାଏ ଡଙ୍ଗା । ବର୍ଚ୍ଛାଟିକୁ ପାଣିରେ ଧୋଇ ଫଜଲ ଡଙ୍ଗା ଫେରାଏ । ସ୍ତ୍ରୀଲୋକଟିର ଜଣେ ଦିଅର କଲିକତାରେ ରହୁଥିବାରୁ ସେ ସେଠିକି ଯିବାକୁ ଇଚ୍ଛା ପ୍ରକାଶ କରେ । ଫଜଲ 'ତରଫାସା' ଷ୍ଟିମର ଘାଟକୁ ନେଇଯାଏ । ବହୁତ ଶରଣାର୍ଥୀ କଲିକତା ଯିବା ପାଇଁ ସେଠି ଜମା ହୋଇଥାନ୍ତି । ଷ୍ଟିମରରେ ଟିକଟ କାଟିଦେବା ପାଇଁ ତାକୁ ପଇସା ମାଗିବାରୁ ସ୍ତ୍ରୀଲୋକଟି ବିକଳହୋଇ ତା' ପାଖରେ କାଣି କଉଡ଼ିଟିଏ ନଥିବା କଥା କହେ । କ୍ଷଣେ ଠିଆ ହୋଇଯାଏ ଫଜଲ୍ । ପୁଣି ତା'ର ମନେପଡ଼େ ଅଣ୍ଟିରେ ଖୋସା ହୋଇଥିବା ପଇସା ମୁଣି କଥା, ଯାହା ଭିତରେ ଅଛି ତା'ର ଯୌବନର ସମସ୍ତ ସ୍ୱପ୍ନକୁ ସାକାର କରିବାର ଚାବିକାଠି । ଟିକେ ଦୋଦୋପାଞ୍ଚ ହୋଇ ସେ ନିଜ ସ୍ୱପ୍ନରୁ ମୁହଁ ମୋଡ଼ି ଭିଡ଼ ଭିତରକୁ ପଶିଯାଏ ଟିକଟ କାଟିବା ପାଇଁ । ଷ୍ଟିମର ଛାଡ଼ିବାର ସମୟ ହୋଇଯାଇଥାଏ । ଟିକଟ ସହ ତା' ଟଙ୍କା ମୁଣିଟିକୁ ସ୍ତ୍ରୀଲୋକଟିର ହାତକୁ ବଢ଼ାଇ ଦେଇ ଫଜଲ କହେ, "ଏଥିରେ କିଛି ପଇସା ଅଛି । ୟା'କୁ ରଖିଥାଅ । ଏମାନେ ସମସ୍ତେ କଲିକତା ଯାଉଛନ୍ତି । ୟା'ଙ୍କ ସହ ଚାଲିଯିବ । ଆଲ୍ଲା ତୁମର ମଙ୍ଗଳ କରନ୍ତୁ ।" ଏତେ ପଇସା କାହିଁକି ଦେଉଛି ବୋଲି ପଚାରିବା ପାଇଁ ସ୍ତ୍ରୀଲୋକଟି ମୁଣ୍ଡ ଉଠାଇଲା ବେଳକୁ ଉଭାନ ହୋଇ ଯାଇଥାଏ ନାବିକ ।

କ୍ଷୀପ୍ରଗତିରେ ନିଜ ଡଙ୍ଗା ଆଡ଼କୁ ଚାଲିଯାଉଥିବା ବେଳେ କ'ଣ ଭାବୁଥିଲା ଫଜଲ ? ସାଲିମା କଥା ? ନା । ସେଇ ବୁଣାକାର ପରିବାରର ବିଧବା ଯୁବତୀଟିର କଥା ? ନା । ସାଲିମାର ଅନ୍ୟତ୍ର ବିବାହ ? ନା । ତେବେ ... ସେ ଭାବୁଥିଲା ଗତରାତିରେ ରକ୍ତସ୍ନାନ କରିଥିବା ବର୍ଚ୍ଛାଟିର କଥା । ସାଲିମା ସହ ତା'ର ସୁଖର ସଂସାର ଗଢ଼ିବା ପୂର୍ବରୁ ଏମିତି କେତେ ୟାଚ୍ଛିନ୍ ଆସିବେ ରାତ୍ରିର ନିସ୍ତବ୍ଧ ପ୍ରହରର ସୁଯୋଗ ନେଇ । ବର୍ଚ୍ଛାଟି ଅନେକ ଦିନୁ ଧାର କରା ହୋଇନି । ଆଜି ସେ ତାକୁ ରୂପା ଭଳି ଚକ୍ ଚକ୍ ହେବା ପର୍ଯ୍ୟନ୍ତ ଧାର କରିବ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଜାନୁଆରୀ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଉଜା କବାଟ (୨୬)



# ମହାତ୍ମାଙ୍କ ମାନବବାଦର ପାଠଶାଳା ଓ ଆତ୍ମନିର୍ଭର ଭାରତ

ଡ. ରାଧାରଂଜନ ପଟ୍ଟନାୟକ

ମହାତ୍ମା। ଜାତିର ଜନକ। ସ୍ୱାଧୀନତା ସଂଗ୍ରାମ ଇତିହାସର ମୁଖବନ୍ଧ। ମାନବୀୟ ଭାବ ଚେତନାର ପ୍ରକାଣ୍ଡ ବର୍ତ୍ତିକା। ଜାତୀୟବାଦୀ ଯୁଗ ଚେତନାର ସ୍ପନ୍ଦନ। ସେ ହିଁ 'ଜୀବେ ଦୟା'ର ବିଶେଷ୍ୟ ଓ ବିଶେଷଣ। ସେ ହିଁ ମୁକ୍ତିକାମୀ ମଣିଷ ପାଇଁ ସତ୍ୟ ଅହିଂସାର ସ୍ଫୁରଣ। ତାଙ୍କ ସମ୍ପର୍କରେ ଚର୍ଚ୍ଚା କରିବା ଅର୍ଥ ନିଜ ଜ୍ଞାନର ଅଯଥା ବାହୁସ୍ଫୋଟ ମାରିବା। ସମୁଦ୍ରର ଜଳବିନ୍ଦୁକୁ କେହି କ'ଣ କେବେ ଆକଳନ କରିପାରେ? ନୀଳ ଆକାଶ ନକ୍ଷତ୍ରକୁ କେହି କ'ଣ ଗଣିବାର ଦୁଃସାହସ କରିବାରେ?? ଠିକ୍ ସେହିପରି ମହାତ୍ମାଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ ଚର୍ଚ୍ଚା କରିବା କ'ଣ ସମ୍ଭବ? ଯିଏ ବିଶାଳ ଭାବମୂର୍ତ୍ତିର ଜନନାୟକ, ଯିଏ କୋଟି ଜନତାର ହୃଦୟ ବିବେକ, ତାଙ୍କ ସମ୍ପର୍କରେ ଆଲୋଚନା କରିବା ସୂର୍ଯ୍ୟଙ୍କ ସାମ୍ନାରେ ଜଳୁଥିବା ଦୀପଟିଏ ପରି ହେବ। ତଥାପି ଏମିତି ଜଣେ ଧୀ ଓ ଧୀଷଣା ଧାରୀ ଯୁଗପୁରୁଷଙ୍କ ସମ୍ପର୍କରେ ଲେଖିବା ପାଇଁ ହିମତ୍ ଯୋଗାଡ଼ କରିଛି। ଜାଣେନା, ସୁଧୀପାଠକେ କିପରି ଏହାକୁ ଗ୍ରହଣ କରିବେ?

ଗାନ୍ଧୀଙ୍କ ନିଜ ବିଚାର ଏବଂ କାର୍ଯ୍ୟଧାରା ସମ୍ପର୍କରେ ବିଧିଧ ଆଲୋଚନା ହୋଇଥିଲେ ମଧ ମାନବବାଦୀ ମଣିଷମାନଙ୍କ ପାଇଁ ସେ ପାଲଟି ଯାଇଛନ୍ତି ମାର୍ଗଦର୍ଶକ। ସେ ହେଉଛନ୍ତି ତମାମ ବିଶ୍ୱରେ ଜଣେ ଅଗ୍ରଗାମୀ ମାନବବାଦୀ ବ୍ୟକ୍ତି ପୁରୁଷ। ସେବା ହିଁ ତାଙ୍କ ଜୀବନର ମୁଖ୍ୟ ଦର୍ଶନ। ସେବା ଗୋଟିଏ ଶବ୍ଦ ନୁହେଁ ବରଂ ମାନବବାଦ ସିଦ୍ଧ ପାଇଁ ଅନିବାର୍ଯ୍ୟ ସର୍ତ୍ତ। ସାର୍ବଭୌମିକ ଏକତାର ଅନ୍ତର୍ନିହିତ ସତ୍ୟକୁ ସ୍ୱୀକାର କରି ଦ୍ୱେଷ ଏବଂ ଅହଂକାର ବର୍ଜିତ ଭେଦଭାବ ଶୂନ୍ୟ ଜନକଲ୍ୟାଣ କରିବା ଦିଗରେ ନିଜ ଜୀବନକୁ ପଳପଳ କରି ଉତ୍ସର୍ଗ କରିଥିଲେ।

ପ୍ରାଣୀ ଜଗତର ରକ୍ଷଣ ପୋଷଣ ସହ ସମସ୍ତଙ୍କ ଭୌତିକ ଓ ଆଧ୍ୟାତ୍ମିକ କଲ୍ୟାଣ ଦୃଷ୍ଟିରେ ସେବା ହିଁ ପରମ ଧର୍ମ ବୋଲି ମହାତ୍ମାଙ୍କ ମାନବବାଦୀ ଦୃଷ୍ଟି କୋଣର ପରିଚୟ ମାତ୍ର। ଗାନ୍ଧିଜୀ ନିଜ ଜୀବନ କାଳରେ ଗ୍ରାମ୍ୟଦ୍ୟୋଗ, ଗୋ-ରକ୍ଷା, ଜନାହାର, ନାରୀପୁନଃ ଉ ାନ, ଶିକ୍ଷା, ଭାଷା, ସାମ୍ପ୍ରଦାୟିକ ଏକତା ଏବଂ ସୌହାର୍ଦ୍ଦ୍ୟ ଆଦି ନୀତି ଓ ଆଦର୍ଶ ତାଙ୍କ ଜୀବନର ଥିଲା ମୂଳମନ୍ତ୍ର। କଥାରେ ନୁହେଁ ବରଂ ବାସ୍ତବ କାର୍ଯ୍ୟରେ ପରିଣତ କରିବା ହିଁ ଥିଲା ମୁଖ୍ୟ ଆଭିମୁଖ୍ୟ।

୧୯୪୭ ପରେପରେ ମହାତ୍ମା ସମୁଦାୟ ବିଶ୍ୱ ପାଇଁ ପାଲଟି ଗଲେ ମାନବବାଦୀ ଚିନ୍ତା ଚେତନାର ମହାନୟକ। ଦୀର୍ଘ ବର୍ଷର ବ୍ରିଟିଶ୍ ରାଜର ଅନ୍ତ ଘଟାଇ 'ବୁଲେଟ ନୁହେଁ ବରଂ ବେଲେଟ' ଶାସନର ଏକ କ୍ରାନ୍ତି ସୃଷ୍ଟି କରିଥିଲେ। ଅହିଂସାର ରାସ୍ତାରେ ସ୍ୱାଧୀନତା ହାସଲ କରି ସଭିଙ୍କ ପାଇଁ ପ୍ରେରଣାର ମହାସ୍ରୋତ ପାଲଟି ଯାଇଥିଲେ। ମୁକ୍ତ ଭାରତ। ମୁକ୍ତ ଭାରତୀୟ ନିଜ ପୁରୁଷାର୍ଥ ଉପରେ ଆତ୍ମନିର୍ଭରତାର ବିଶ୍ୱାସ। ଏମିତି ଏକ ଆହ୍ୱାନ ଦେଇଥିଲେ ଆଜକୁ ଠିକ୍ ୯୨ ବର୍ଷ ପୂର୍ବରୁ। ସଭିଏଁ ନିଜ ଅଧିକାର ନେଇ ବଞ୍ଚନ୍ତୁ। ଶାନ୍ତି ଓ ଅହିଂସା ଭଳି ଉପସର୍ଗକୁ ପାଥେୟ କରି ସମସ୍ତେ ପରିଚାଳିତ ହୁଅନ୍ତୁ ଏହା ଥିଲା ତାଙ୍କ ଦେଶବାସୀଙ୍କ ପ୍ରତି ଆହ୍ୱାନ।

ମହାତ୍ମା ତାଙ୍କର ଏକ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି - "ମୋର ଆକଂକ୍ଷା (ଭାରତ) ସ୍ୱତନ୍ତ୍ରତା ଠାରୁ ଅଧିକ ମହୀୟାନ। ଇଂରେଜ ଦାସତ୍ୱରୁ ମୁକ୍ତି ପରେ ପଶ୍ଚିମାଙ୍କ ଭୀଷଣ ଶୋଷଣରେ ଶୋଷିତ ହେଉଥିବା ନିର୍ବଳ ଦେଶକୁ ମଧ ଉଦ୍ଧାର କରିବା।" (୧୨ ଜାନୁଆରୀ, ୧୯୨୮ ୟଙ୍ଗ ଇଣ୍ଡିଆ) ବାସ୍ତବରେ ମହାତ୍ମାଙ୍କ ଏତାଦୃଶ ସ୍ୱୀକାରୋକ୍ତି ସମୁଦାୟ ବିଶ୍ୱ ପାଇଁ ମାନବବାଦୀ ଦୃଷ୍ଟିକୋଣର ପରିଚୟ ବ୍ୟତୀତ ଅନ୍ୟକିଛି ନୁହେଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ, ସ୍ୱୟଂ ବିକାଶ ଏବଂ ଚିନ୍ତନ ସ୍ଥିତିର ନ୍ୟାୟ ପ୍ରତି ସୁନିଶ୍ଚିତ କରିବା ଅଭିଳାଷ ହିଁ ଥିଲା ତାଙ୍କର। ସେଇଥିପାଇଁ ସେ ଅନ୍ୟ ଏକ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ - "ଆମ ଭିତରୁ ପ୍ରତ୍ୟେକ ନିଜ ପ୍ରତିରୂପରେ ବଢ଼ିଛୁ। ଈଶ୍ୱର ଦୃଷ୍ଟିରେ ସ୍ଥାପିତ ଅବସ୍ଥାରେ ମନୁଷ୍ୟର ସର୍ବୋଚ୍ଚ ସ୍ଥିତିକୁ ସ୍ୱୀକାର କରି ବ୍ୟକ୍ତିର ସ୍ୱାୟତତ୍ତା ଏବଂ ଏହାର ସ୍ୱତନ୍ତ୍ରତା ରହିବା ଆବଶ୍ୟକ। ପ୍ରତ୍ୟେକ ସ୍ତ୍ରୀ ଅଥବା ପୁରୁଷ କାୟିକ ଦୃଷ୍ଟିରେ ଦୁର୍ଲଭ ହେଲେ ମଧ ନିଜ ନିଜର ଆତ୍ମସମ୍ମାନ ଏବଂ ସ୍ୱତନ୍ତ୍ରତାର ସଂରକ୍ଷକ।" (ହରିଜନ ପତ୍ରିକା ୨୪ ଅଗଷ୍ଟ ୧୯୪୬)

ମାନବବାଦକୁ ମହାତ୍ମାଙ୍କ ସର୍ବୋଦୟ ଦର୍ଶନ ଦ୍ୱାରା ହିଁ ବୁଝି ହୋଇଥାଏ। ସଭିଙ୍କର ଉ ାନ ପାଇଁ ସର୍ବୋଦୟ ହିଁ ମୂଳ ଆଧାର ବୋଲି ସେ ମତ ରଖିଥିଲେ। ପ୍ରତ୍ୟେକ ଜନସମୂହଙ୍କ କର୍ତ୍ତବ୍ୟ ମୁଖୀ ନୈତିକତାର ଅଧିକତମ ବିକାଶ ଦ୍ୱାରା କାର୍ଯ୍ୟ ସମ୍ପନ୍ନ କରିବା ସେ ଚାହୁଁଥିଲେ। ମହାତ୍ମାଙ୍କ କାର୍ଯ୍ୟ ବୈଧାନିକ ଏବଂ ସାମାଜିକ ନ୍ୟାୟ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଥିଲା। ମହାତ୍ମା ଗାନ୍ଧୀ ଯେଉଁ ଦର୍ଶନ ସମଗ୍ର ବିଶ୍ୱ ପାଇଁ କହିଯାଇଛନ୍ତି, ତା'ଠାରୁ ଅଧିକ କଥା ଶିକ୍ଷେଇବା ପାଇଁ ଏଯାବତ୍ ସେପରି କେହି ମହାନ ବ୍ୟକ୍ତି ପୁରୁଷ ଜନ୍ମ ନେଇ ନାହାନ୍ତି। ଅହିଂସା ଆତ୍ମାର ଗୁଣ, ଅହିଂସା ଅସ୍ତିତ୍ୱର ସର୍ତ୍ତ, ଅହିଂସା ଏବଂ ସତ୍ୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ। ପୁଣି ସତ୍ୟ ଏବଂ ଅହିଂସାର ଅଧାର ହେଉଛନ୍ତି ଈଶ୍ୱର। ଏହା ଥିଲା ଗାନ୍ଧୀଙ୍କ ବିଚାରର ଶ୍ରେଷ୍ଠତମ ଶ୍ଳୋକ।

ମହାତ୍ମାଙ୍କ ଜୀବନ ଏବଂ ତାଙ୍କର ବିଚାର ମାନବ ସମାନତାର ସ୍ୱାଧୀନତା ପାଇଁ ସମର୍ପିତ ଥିଲା। ସେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହି ଦିଗରେ କାର୍ଯ୍ୟ କରିଥିଲେ। ନେପାଳ, ପୋଲାଣ୍ଡ, ଫିଲିପାଇନ୍ସ, ମିଶର ଏବଂ ଭିଏତନାମ ସହ କେତେକ ଦେଶର ଜନମୁକ୍ତି ସମାନତା, ନ୍ୟାୟ ଏବଂ ଅଧିକାର ପ୍ରତି ସାଧାରଣ ମଣିଷଙ୍କ ପ୍ରୟାସ ଉପରେ ଗାନ୍ଧିଙ୍କ ପ୍ରଭାବର ଗଭୀରତା ଥିଲା। ରକ୍ତରଞ୍ଜିତ ବର୍ଗଙ୍କ ସଙ୍ଘର୍ଷର ବିପରୀତ ଏକ ଶେଷ୍ଠ, ସଭ୍ୟ ଏବଂ କଲ୍ୟାଣକାରୀ ଉପାୟ ଅହିଂସାମୂଳକ ସତ୍ୟାଗ୍ରହ ମାର୍ଗରେ ଗାନ୍ଧୀଙ୍କ ମାର୍ଗକୁ ସଭିଏଁ ଶ୍ରେଷ୍ଠ ବୋଲି ବିଚାର କରୁଥିଲେ।

"ସ୍ୱଚ୍ଛ ଭାରତ ମହାନ ଭାରତ।" ଏହି ପରିକଳ୍ପନା ହିଁ ମହାତ୍ମା ଗାନ୍ଧୀଙ୍କର ଥିଲା ଏକ ସ୍ୱପ୍ନ। ଗଣତାନ୍ତ୍ରିକ ରାମରାଜ୍ୟ ପ୍ରତିଷ୍ଠା ପାଇଁ ସେ ଦେଶବାସୀଙ୍କୁ କରୁଥିଲେ ଆହ୍ୱାନ। ଦେଶର ଆର୍ଥନୀତିକ ବିକାଶ, ବଜାରବାଦର ସମାନତା କେବଳ ଆତ୍ମନିର୍ଭର ହୋଇପାରିଲେ ସମ୍ଭବ ହୋଇପାରିବ ବୋଲି ସେଦିନ ଗାନ୍ଧୀଜୀ ଭାରତୀୟମାନଙ୍କ ପରାମର୍ଶ ଦେଉଥିଲେ। ସେ ଏମିତି ଏକ ସ୍ୱାବଲମ୍ବନ ଗାଁର ସ୍ୱପ୍ନ ଦେଖୁଥିଲେ ଯେଉଁଠି ରହିବା ପାଇଁ ଘର, ପିନ୍ଧିବା ପାଇଁ ବସ୍ତ୍ର, ନୈତିକ ବିକାଶ ପାଇଁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଆଦି ଉପରେ ଆତ୍ମ ନିର୍ଭର ହୋଇପାରିବ। ମହାତ୍ମା। ଏକ ବିସ୍ମୟ କଳା ଭଳି ନାଁ। ପାଶ୍ଚାତ୍ୟ ଅଭିଜାତରୁ ମୁକ୍ତ ହୋଇ ନିଜ ମାଟି, ପାଣି, ଫୁଲ, ପବନରେ ଜୀବନକୁ ଗଢ଼ିବାର ଯେଉଁ ପ୍ରେରଣା ଦେଉଥିଲେ, ତାହା ଆଜିବି ସତ୍ୟତାରେ ପରିଣତ ହୋଇଛି। ଗାନ୍ଧୀଙ୍କ ଆତ୍ମନିର୍ଭର ଭାରତ ଏବଂ ମାନବବାଦ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ପାଲଟିଛି। ଆତ୍ମନିର୍ଭରଶୀଳ ହୋଇ ଶିଳ୍ପ, ବାଣିଜ୍ୟ ଏବଂ ବିଜ୍ଞାନର ବି ଘୋଷଯାତ୍ରା କରିହେବ। ପ୍ରତିରକ୍ଷା କ୍ଷେତ୍ରରେ ବି ଶକ୍ତିଶାଳୀ ହୋଇପାରିବ ବୋଲି ସେ ସଭିଙ୍କୁ ପରାମର୍ଶ ଦେଉଥିଲେ। ଆତ୍ମନିର୍ଭରତା ବ୍ୟକ୍ତିତ୍ୱର ଚତୁର୍ମୁଖୀ ବିକାଶ ଅନ୍ତତଃ ଶିକ୍ଷାର ମୂଳ ଭାବନା ବୋଲି ସ୍ୱୀକାର କରୁଥିଲେ ଗାନ୍ଧୀ। କେବଳ ଜ୍ଞାନ ଅର୍ଜନ ବା ନିର୍ଦ୍ଧାରିତ ଅନୁସାରେ ପାଠଶାଳା, ବିଦ୍ୟାଳୟ, ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ପ୍ରଶିକ୍ଷଣ ପ୍ରାପ୍ତ କରିବା ଏବଂ ଏକ ପ୍ରମାଣପତ୍ର ଅଥବା ଉପାଧିପତ୍ର ପ୍ରାପ୍ତ କରିବା ଶିକ୍ଷାର ସାରାଂଶ ନୁହେଁ। ଏହା ବି ଶିକ୍ଷାର ଶେଷକଥା ନୁହେଁ। ଏଇ ଶିକ୍ଷା ପ୍ରକ୍ରିୟା କେବଳ ଗୋଟିଏ ଭାଗ ମାତ୍ର। ସଭିଏଁ ସାକ୍ଷର ହୁଅନ୍ତୁ ଏହା ଥିଲା ବାପୁଙ୍କୁ ଅନ୍ତର୍ନିହିତ ଇଚ୍ଛା। ତାଙ୍କ ମତରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଶିକ୍ଷାପ୍ରାପ୍ତିର ଏକ ଶ୍ରେଷ୍ଠ ପୁରୁଷାର୍ଥ। ତେଣୁ ପ୍ରତ୍ୟେକ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାକୁ ହେଲେ ଶିକ୍ଷା ଅର୍ଜନର ଆବଶ୍ୟକତା ଅଛି ବୋଲି ସେ ଅନୁଭବ କରିଥିଲେ।

ସ୍ୱାଧୀନତା ପରର ଭାରତବର୍ଷ। ବାହ୍ୟ ଜଗତରୁ ମିଳିଲା ମୁକ୍ତି। ଅନ୍ତର୍ଜଗତର ଭୋକିଲା ପେଟ କଲା ଆର୍ତ୍ତନାଦ। ଖାଦ୍ୟ ଶସ୍ୟ ପାଇଁ ପର ଉପରେ ନିର୍ଭର ହେବାକୁ ପଡ଼ିଲା। ଆର୍ଥିକ ଦିଗ ବି ଉଧେଇ ପାରିଲା ନାହିଁ। ବିଚଳିତ ହେଲେ ମହାତ୍ମା। କାନ୍ଦି ଉଠିଲା ଅନ୍ତଃଆତ୍ମା। ତାଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଏକ ଆହ୍ୱାନ ଆସିଲା। 'କୁଟି ଖାଅ କାଟି ପିନ୍ଧ'। ଏହାର ଅର୍ଥ ଖାଦ୍ୟ ବସ୍ତ୍ର ଭଳି ଅତ୍ୟାବଶ୍ୟକୀୟ ଦ୍ରବ୍ୟ ପାଇଁ ଅନ୍ୟ କାହାରି ଉପରେ ନିର୍ଭର ହେବାକୁ ପଡ଼ିବ ନାହିଁ। ସେ ହେବ ସ୍ୱାବଲମ୍ବୀ। ସେ ହେବ ବାସ୍ତବରେ ସ୍ୱାଧୀନ। ପ୍ରାଚୀନ ଭାରତରେ ଗାଁ ଥିଲା ସ୍ୱୟଂସିଦ୍ଧ। ଯେଉଁଥିପାଇଁ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ମଧ ଏବେ ବି ଭାରତ ବଞ୍ଚିଛି। ଏଇ କଥାକୁ ହୃଦୟଙ୍ଗମ କରିପାରିଥିଲେ ଗାନ୍ଧୀଜୀ। ସେ ସ୍ୱରାଜ୍ୟର ଭିତ୍ତିଭୂମି ଉପରେ ଗ୍ରାମକୁ ଗଢ଼ିତୋଳିବାର ସ୍ୱପ୍ନରେ ବିଭୋର ହେଉଥିଲେ।

ମହାତ୍ମାଙ୍କ ପାଠଶାଳା ଆଜି ବି ମାନବବାଦ ଓ ଆତ୍ମନିର୍ଭରଶୀଳତାର ପାଠ ପଢ଼ାଉଛି। ଆମେ ବିକାଶର ଗଣିତ କଷୁଛୁ। ଏ ଦିଗରେ ଆମେ କେତେ ଦୂର ଆଗେଇଛୁ ତାହା ସମୟ କହିବ। ଆଜି ମହାତ୍ମା ନାହାନ୍ତି। ଜାନୁଆରୀ ୩୦, ୧୯୪୮ ସମଗ୍ର ଭାରତ ପାଇଁ ଥିଲା ଏକ ଅଶୁଭ ମୁହୂର୍ତ୍ତ। ସଞ୍ଜର କଡ଼ଲେଉଟା ବେଳ। ସରିନାହିଁ ପ୍ରାର୍ଥନା। ଅଧା ରହିଛି ରାମଧୂନ୍। ଟଳି ପଡ଼ିଲେ ମହାତ୍ମା। ରକ୍ତରେ ଭିଜିଲା ମାଟି। ଆର୍ଯ୍ୟଭୂଇଁରୁ ବିଶ୍ୱ ପର୍ଯ୍ୟନ୍ତ ଖେଳିଗଲା ବିଷାଦର ଛାଇ। କେବଳ ମଣିଷଙ୍କ ହୃଦୟରେ ପ୍ରତିବିମ୍ବିତ ହୋଇ ଉଠିଲା ଗାନ୍ଧୀ ମଣିଷର ରୂପଚିତ୍ର। ଗାନ୍ଧୀଙ୍କ ପାଠଶାଳାର ସ୍ୱାଧୀନ ଭାରତର ଛାତ୍ର ଆମେ। ସତରେ ତାଙ୍କର ଆଦର୍ଶ, ନୀତି ଏବଂ ଦର୍ଶନକୁ କ'ଣ ଆମେ ମାନି ଚାଲିଛୁ। ଏ ପ୍ରଶ୍ନ ମୋର! ଏ ପ୍ରଶ୍ନ ବି କୋଟିକୋଟି ଜନତାର।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୯୧



# ॥ ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ବୈକୁଣ୍ଠ ସମାନ ଆହା
ଅଟେ ସେହି ଘର
ପରସ୍ପରେ ସ୍ନେହ ଯହିଁ
ଥାଏ ନିରନ୍ତର ॥"

ଯେଉଁଠି ସ୍ୱାମୀ, ପୁଅ, ଝିଅ ସହ ସମସ୍ତ ପରିବାରର ସ୍ନେହ, ସାହାଯ୍ୟ ଓ ସହାନୁଭୂତି ଥାଏ, ସେଠି ନାରୀଟିର ଦୈନନ୍ଦିନ ଦିନଚର୍ଯ୍ୟା ତଥା ଜୀବିକା ମଧ ସୂରୁରୁ ରୂପେ ଚାଲିଥାଏ । ସମବାୟ ସମିତି ଭଳି ସମସ୍ତଙ୍କର ସହଯୋଗରେ ଜୀବନ ସୁରୁଖୁରୁରେ ଗତିକରିଥାଏ । ଅବଶ୍ୟ ସେଥିପାଇଁ ସମସ୍ତଙ୍କ ଭିତରେ ମମତା ଓ ଅତୁଟ ସ୍ନେହ ହିଁ ପରିବାରର ବନ୍ଧନକୁ ଆହୁରି ସୁଦୃଢ଼ କରିଥାଏ ।

ଆମ ପିଲାଦିନେ ଆମେ ଏକାନ୍ନବର୍ତ୍ତୀ ପରିବାରରେ ହିଁ ଚଳିଆସିଥିଲୁ । ଅବଶ୍ୟ ଯୌଥ ପରିବାର ସମସ୍ତଙ୍କ ପାଇଁ ଗୋଲାପର ଶେଯ ନ ହୋଇ ପାରେ, କିନ୍ତୁ ପରିବାରର ଗୋଟି ଗୋଟି ସଦସ୍ୟଙ୍କର ତ୍ୟାଗରେ ହିଁ ପରିବାରଟି ଗଢ଼ି ଉଠିଥାଏ। କିନ୍ତୁ ଆଜିକାଲି ନିଉକ୍ଲିଅର୍ ପରିବାରକୁ ଅଧିକାଂଶ ଦମ୍ପତି ପସନ୍ଦ କରୁଛନ୍ତି । କେହି କାହାର ଦାୟିତ୍ୱ ଏମିତିକି ବୃଦ୍ଧ ପିତାମାତାଙ୍କର ଭାର ମଧ ବହନ କରିବାକୁ ପସନ୍ଦ କରୁନାହାନ୍ତି । ଆମେ ଦୁଇ, ଆମର ଏକ ବା' ଦୁଇ ଏଇ ନୀତିରେ ଚଳୁଛନ୍ତି । ଆର୍ଥିକ ଦୃଷ୍ଟିରୁ ବା' ଦାୟିତ୍ୱ ଦୃଷ୍ଟିରୁ ସିନା କାହାକୁ ଚଳାଇବାର ଭାର ସେମାନଙ୍କୁ ପଡୁନାହିଁ, କିନ୍ତୁ ନିଉକ୍ଲିଆର୍ ପରିବାରରେ ସ୍ୱାମୀ, ସ୍ତ୍ରୀ ଉଭୟ ଚାକିରୀ କଲାବେଳେ, ଶିଶୁଟିକୁ ପାଳିବାର ଦାୟିତ୍ୱ ବହନ କରୁଛି ପରିଚାରିକା । ଛୋଟ ଛୋଟ ସହରରେ ଫୁଲ୍‌ଟାଇମ୍ ମେଡ୍ ସର୍ଭେଣ୍ଟ ମିଳୁଛନ୍ତି, ଯାହା ପାଖରେ ଛୁଆଙ୍କୁ ଛାଡ଼ିବା କ୍ଷତିକାରକ ହୋଇପଡୁଛି । ସେଥିରେ ଶିଶୁର ଶାରୀରିକ ଓ ମାନସିକ କ୍ଷତିକୁ ପରେ ବାପା, ମା'ଙ୍କୁ ସହିବାକୁ ପଡୁଛି ।

ଡଃ ରମାରମଣଙ୍କ ପରିବାର ଏକ ବଡ଼ ପରିବାର । ପାଞ୍ଚ ଭାଇ ଓ ଛଅ ଭଉଣୀ । ଆମ ବାହାଘର ବେଳକୁ କେବଳ ଗୋଟିଏ ମାତ୍ର ନଣନ୍ଦଙ୍କର ବାହାଘର ହୋଇଥିଲା । ଆଗରୁ କହିଥିଲି ଶାଶୁ ଓ ଶ୍ୱଶୁର ବହୁତ ସ୍ୱାଧୀନ ଚେତା ଥିଲେ । ସେମାନେ ମୋର ପ୍ରଫେସନକୁ ବଜାୟ ରଖିବା ପାଇଁ ସବୁ ପ୍ରକାର ସାହାଯ୍ୟ କରିଥିଲେ । ପୁଅ ଜନ୍ମ ହେବାପରେ ମୋର ଦ୍ୱିତୀୟ ନଣନ୍ଦ ଟୋନି, ପଦ୍ମିନୀ ଦାଶଙ୍କର ସାହାଯ୍ୟ ଅତୁଳନୀୟ । ଝିଅ ମାତ୍ର ୨୨ ଦିନର ହୋଇଥିଲା, ତାକୁ ଛାଡ଼ି ମୁଁ ବଲାଙ୍ଗିରରେ ଜଏନ୍ କରିଥିଲି ଏବଂ ସେଠାରୁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡ଼ିକାଲ୍ କଲେଜ ଯାଏଁ ସେ' ଯେପରି ଭାବରେ ଛୋଟ ଛୋଟ ପୁଅଝିଅଙ୍କୁ ପାଳିଥିଲେ ଏବଂ ତାଙ୍କର ଦେହର ଯତ୍ନ ନେଇଥିଲେ ସେକଥା ମୁଁ ଶେଷ ଯାଏଁ ଭୁଲି ପାରିବି ନାହିଁ । ମୁଁ ହସ୍‌ପିଟାଲ୍ ଗଲାପରେ ତାଙ୍କୁ ଦାୟିତ୍ୱ ଦେଇ ମୁଁ ନିଶ୍ଚିନ୍ତ ହୋଇ ଯାଉଥିଲି । ଯେ କୌଣସି ମେଡ ସର୍ଭାଣ୍ଟ ବା' ପରିଚାରିକା ଥିଲେ, ସବୁବେଳେ ମୋର ଚିନ୍ତା ଥାନ୍ତା ଯେ, ପିଲାମାନେ ଗାଧୋଇଲେ କି ନାହିଁ, ଖାଇଲେ କି ନାହିଁ ଇତ୍ୟାଦି, ଇତ୍ୟାଦି । ମୁଁ, ଡିଉଟିରୁ ଫେରିବା ବେଳେ ପିଲାମାନେ ଖାଇଛନ୍ତି କି ନାହିଁ ବୋଲି ପଚାରିବା ବେଳେ ସେମାନେ ସଫା ଜାମାପେଣ୍ଟ ପିନ୍ଧି ଖାଇପିଇ ଆରାମରେ ଖେଳୁଥାନ୍ତି । ମତେ ଦେଖିଲାପରେ ସୁନ୍ଦର ଭାବରେ ହସଟିଏ ହସି ସ୍ୱାଗତଂ ବୋଲି ହାତଟେକି କୋଳକୁ ଡେଇଁ ପଡ଼ନ୍ତି ।

ଅବଶ୍ୟ ଚଣ୍ଡୀଗଡ଼ରୁ ଆସି ଯୋଗ୍ୟ ଜୋଇଁ ଖୋଜି ବାହାରକରିବା ଏବଂ ତା'ପରର ସବୁ ଜିନିଷ ଯଥା ଭଣଜା, ଭାଣିଜୀଙ୍କର ଡେଲିଭରି ଏବଂ ଜରୁରୀ ସମୟରେ ପହଞ୍ଚିବା ଆଦି ଦାୟିତ୍ୱ ଆମକୁ ହିଁ ତୁଲାଇବାକୁ ପଡୁଥିଲା । କିନ୍ତୁ, ଆମର ଖାଇବା, ପିଇବାରେ ସେ ଯେତିକି ଯତ୍ନଶୀଳା ଥିଲେ ତା'ଠାରୁ ଆମ ଦୁଇ ଛୁଆଙ୍କୁ ଭଲ ଭାବେ ଲାଳନପାଳନ କରିବାରେ ସେ ସେତିକି ଦାୟିତ୍ୱବାନ୍ ଥିଲେ । ଏତେ କର୍ତ୍ତବ୍ୟ ପରାୟଣତା କଳନା କରିବା ଆମ ପକ୍ଷରେ ସମ୍ଭବପର ନଥିଲା । ତାଙ୍କର ପୁଅ, ବୋହୂ ଓ ଝିଅ, ଜ୍ୱାଇଁ ସମସ୍ତେ ବର୍ତ୍ତମାନ ନିଜ ନିଜ କ୍ଷେତ୍ରର ଖୁବ୍ ପାରଦର୍ଶିତା ଲାଭ କରି ଭଲରେ ଅଛନ୍ତି ଏବଂ ପଦ୍ମିନୀ ଆଉ ନଣନ୍ଦେଇ ନାରାୟଣ ଦାଶ ମଧ ସୁସ୍ଥ ଓ ନିରାମୟ ଜୀବନ, ଯାପନ କରୁଛନ୍ତି ।

ମୋର ତୃତୀୟ ନଣନ୍ଦ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ପେଶାରେ ଜଣେ ଓକିଲ । ପଦ୍ମିନୀ ଗଲାପରେ ସେ କିଛିଦିନ ଆମ ପାଖରେ ଥିଲେ ଏବଂ ଦୁଇ ପୁଅ, ଝିଅଙ୍କର ଖୁବ୍ ଯତ୍ନ ନେଇଥିଲେ । ପରେ ପରେ ମୁଁ ଚଣ୍ଡୀଗଡ଼ ଯିବା ଆଗରୁ ସେ କେଉଁଝରରେ ଓକିଲାତି ଆରମ୍ଭ କରିଥିଲେ। ବର୍ତ୍ତମାନ ନିଜ କ୍ଷେତ୍ରରେ ଖୁବ୍ ସୁନାମ ଅର୍ଜନ କରିଛନ୍ତି ।

ତାଙ୍କ ବାହାଘର ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମ୍ୟାନେଜର ଶ୍ରୀ ମୀନକେତନପତିଙ୍କ ସହ ହୋଇଥିଲା । ତାଙ୍କର ଝିଅ, ଜ୍ୱାଇଁ ଓ ପୁଅ ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ଭଲରେ ଅଛନ୍ତି । ଚତୁର୍ଥ ନଣନ୍ଦ ଏନି (ପ୍ରତିମା) ମଧ ଆମେ ଚଣ୍ଡୀଗଡ଼ରେ ଥିବାବେଳେ ପୁଅ, ଝିଅଙ୍କର ଖୁବ୍ ଯତ୍ନ ନେଇଥିଲେ । ସେତେବେଳେ ସେମାନେ ପାଠ ପଢ଼ା ଆରମ୍ଭ କରିଥିଲେ ଓ କିଣ୍ଡର୍ ଗାର୍ଡେନ୍ ସ୍କୁଲରେ ପଢୁଥିଲେ । ସକାଳୁ ସକାଳୁ ପିଲାମାନଙ୍କୁ ସ୍କୁଲକୁ ନେବା ଆଣିବା କରିବା ସହ ଆମର ଏମର୍ଜେନ୍ସି ଓ ଡିଉଟି ବେଳେ ପିଲାମାନଙ୍କର ସବୁ ଭାର ସେ ସମ୍ଭାଳି ଥିଲେ । ବିଶେଷଭାବରେ ପି.ଜି. କଲାବେଳେ ଯେଉଁ ମାନସିକ ଓ ଶାରୀରିକ ଚାପ ଆମ ଉପରେ ପଡୁଥିଲା ହସ୍‌ପିଟାଲ୍‌ରେ ସେ ଥିଲେ ବୋଲି ଆମେ ପିଲାମାନଙ୍କ ପାଇଁ ଅନ୍ତତଃ ନିଶ୍ଚିତ ଥିଲୁ ଓ ସୁରୁଖୁରୁରେ ଆମ କାମ କରୁଥିଲୁ । ଆମର ପୋଷ୍ଟଗ୍ରାଜୁଏଟ୍ ଓ ଏମ୍.ସି.ଏଚ୍ ସରିଲା ପରେ ତାଙ୍କ ବାହାଘର, ଡେଲିଭରି ଓ ସଂପୂର୍ଣ୍ଣ ଥଇଥାନ କାମ ଆମରି ଉପରେ ହିଁ ନ୍ୟସ୍ତ ଥିଲା ।

ତା'ପରେ ପଞ୍ଚମ ନଣନ୍ଦ ନିନି (କୃଷ୍ଣା ଷଡ଼ଙ୍ଗୀ) ଙ୍କର ବାହାଘର ସହ ପୁଅ ସିଦ୍ଧାର୍ଥର ମଧ ବ୍ରତଘର ହୋଇଥିଲା । ସେତେବେଳକୁ ଡଃ ରମାରମଣ ନିଉଜିଲାଣ୍ଡରେ ଓପନ୍‌ହାର୍ଟ ସର୍ଜରୀ ପାଇଁ ଟ୍ରେନିଂ ନେଉଥିଲେ । ମୋର ମନେ ଅଛି, ବାହାଘର ଓ ବ୍ରତଘରର ସବୁ ଆରେଂଜ୍‌ମେଣ୍ଟସ୍ ମୁଁ ଓ ସାନନଣନ୍ଦ ଯୋଗମାୟା ମିଶି କରିଥିଲୁ । ସେତେବେଳେ ମଧୁପାଟଣା ଥାନାରେ ଡି.ଏସ.ପି. ରଙ୍ଗବଲ୍ଲଭ ଜେନାଙ୍କ ସାହାଯ୍ୟ ଓ ସହଯୋଗ ଭୁଲିପାରିବୁ ନାହିଁ । ମୋର ରାତିରେ ରୋଗୀ ଦେଖା ସରିବା ପରେ ହିଁ ଆମେ କିଣାକିଣି କରିବାକୁ ଯାଉଥିଲୁ ।

ରଙ୍ଗବଲ୍ଲଭ ଭାଇନାଙ୍କର ସହଯୋଗରେ ଆମ କ୍ୱାଟର୍ସ ସାମ୍ନାରେ ଥିବା ଖୋଲା ସ୍ଥାନରେ ତମ୍ବୁ ଘେରାଇ ସୁନ୍ଦରଭାବେ ମଣ୍ଡପ ତିଆରି କରି ଥିଲୁ । ସିଦ୍ଧାର୍ଥର ବ୍ରତଘର ଓ ନିନିଙ୍କର ବାହାଘର ଏକାଠି କରିଥିଲୁ । ବ୍ରତଘର ଆଗଦିନ ଆସି ନିଉଜଲାଣ୍ଡରୁ ପହଞ୍ଚିଲେ ଡଃ ରମାରମଣ । ସେ ପହଞ୍ଚିଲା ବେଳକୁ ଆମେ ବାହାଘର ଆଗ ଦିନ ସବୁ ବେଭାର ଲୁଗାପଟା ଓ ଜିନିଷ ଆଣି ପହଞ୍ଚିଲୁ ।

ବାହାଘର ଓ ବ୍ରତଘର ଦୁଇଟିଯାକ ଫଙ୍କସନ୍ ଯେ, ଏତେ ଭଲ ଭାବରେ ହୋଇପାରିଛି, ସେଥିପାଇଁ ସେ ଖୁସିରେ ଆତ୍ମହରା ହୋଇ ଯାଇଥିଲେ । ବହୁତ ଭଲରେ ଭଲରେ ପୁଅର ବ୍ରତଘର ହେଲା, ଏବଂ ନଣନ୍ଦ କ୍ରିଷ୍ଣାଙ୍କର ବାହାଘର ମଧ ଖୁବ୍ ସୁରୁରୁ ଭାବରେ ସଂପନ୍ନ ହୋଇଥିଲା । ସେ ହିଷ୍ଟ୍ରିରେ ଏମ୍.ଏ କରିଥିଲେ । ତେଣୁ ସେ କେଉଁଝର ମହିଳା କଲେଜରୁ ଅଧ୍ୟାପିକା ଭାବେ ଚାକିରୀ ଆରମ୍ଭ କରିଥିଲେ ।

ତାଙ୍କୁ ପୁଅ ଶିବାଶିଷ ପଣ୍ଡା (ନିପୁନ୍) ଓ ଝିଅ ତିତିଲି (ଶୁଭଲକ୍ଷ୍ମୀ) ଦୁହେଁ ଡାକ୍ତର । ବୋହୂ ଶୁଚି ମଧ ଡାକ୍ତର । ନଣନ୍ଦେଇ ବିଶ୍ୱନାଥ ପଣ୍ଡା ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସର ଜଣେ ପଦସ୍ଥ ଅଫିସର । କ୍ରିଷ୍ଣା ମଧ ତାରିଣୀ କଲେଜ ଘଟଗାଁରେ ଅଧକ୍ଷା ତଥା ଚମ୍ପୁଆ କଲେଜରେ ଅଧକ୍ଷା ପଦରେ ରହି ଅବସର ନେଇଛନ୍ତି । କଡ଼ା ନିୟମାନୁବର୍ତ୍ତିତା (ଷ୍ଟ୍ରିକ୍ଟ୍ ଡିସିପ୍ଲିନ୍) ସହ ସେ ଖୁବ୍ ଛାତ୍ରବତ୍ସଳା ଅଧ୍ୟାପିକା ଥିଲେ ଏବଂ ଚମତ୍କାର ଭାବରେ ତାଙ୍କ ପଦବୀ ତୁଲାଇଥିଲେ ।


ପୁଅ ସିଦ୍ଧାର୍ଥର ବ୍ରତଘର ଆମ ପ୍ରଥମ ଫଙ୍କସନ୍ ଥିଲା । ତେଣୁ ଦୁହିଁଙ୍କ ପଟରୁ ସବୁ ବନ୍ଧୁବାନ୍ଧବମାନେ ଆସିଥିଲେ । ମୋଟ ଉପରେ ବେଦୀ କାର୍ଯ୍ୟକ୍ରମ ସବୁ ମାମୁଁ ମାନେ ମୋ ଭାଇ ମୋହନ, ମିହିର ଓ ଅଶୋକ ଖୁବ୍ ଭଲଭାବେ ତୁଲାଇଥିଲେ ।

(କ୍ରମଶଃ)

## ପୁସ୍ତକ ସମୀକ୍ଷା

### କହିଯା'ରେ ପକ୍ଷୀ

କବି: ବାଣୀଶ୍ରୀ ପ୍ରଦୀପ୍ତ ଦାସ
ପ୍ରକାଶକ : ଯାଯାବର ପ୍ରକାଶନୀ
ଶ୍ରୀଜଙ୍ଗ, ବାଲେଶ୍ୱର
ମୂଲ୍ୟ- ୪୫/-




ସ୍ୱାଧୀନୋତ୍ତର ଭାରତବର୍ଷରେ ସାଧାରଣ ଜନତାଙ୍କୁ ରାମରାଜ୍ୟ ସ୍ଥାପନର ସ୍ଲୋଗାନ୍ ଭିତରେ ସୀମାବଦ୍ଧ କରି ରଖିବା ପରେ ଏବଂ ବିକଶିତ ବିଶ୍ୱର ଚିତ୍ର ଦେଖାଇବା ପରେ ସାମ୍ରାଜ୍ୟବାଦୀ ଛାଞ୍ଚର ଟେକ୍ନୋଇଣ୍ଡିଆ ତଥା ବଡ଼ ବଡ଼ ଯୋଜନାର ଦୁଆ ଓ ଧୂଆଁ ଭିତରେ ରଖି ଦିଆଯାଉଥିଲା ବେଳେ ମିଥ୍ୟା କୂଟନୈତିକ ସନ୍ଦନ ଅପେକ୍ଷା ପ୍ରତିକାର ପାଇଁ ପଥଟିଏ ଅଛି କି? ଓ୍ୱାର 'ଆଣ୍ଡପିସ୍' ଘୋଷଣା କରିଥିବା ମାର୍କସ ଜଣେ ଲୋକପକ୍ଷର ପ୍ରବକ୍ତା ଭାବେ ଅଧିକ ଗ୍ରହଣୀୟ ବୋଲି ଆଜି ମଧ ବାସ୍ତବବାଦୀ ଚେତନାକୁ ସ୍ୱୀକାର କରୁଥିବା ବ୍ୟକ୍ତିବିଶେଷ ସମର୍ଥନ କରିବେ । କର୍ଫ୍ୟୁ, ଶହେ ଚଉରାଳିଶ ଧାରା ଓ ଲାଠିମାଡ଼ରେ ଜନତାର ହାଡ଼ ଭାଙ୍ଗିଛି, କିନ୍ତୁ ନିହତ ମାନବବାଦ ପାଇଁ କ୍ୟାଣ୍ଡେଲ ଲାଇଟ୍ ଶୋଭାଯାତ୍ରା ପରେ କ୍ୟାଣ୍ଡେଲ୍ ଲାଇଟ୍ ସାମନ୍ତବାଦୀ ନୈଶ୍ୟଭୋଜିର ହାକୁଟିରେ ଥରି ଉଠୁଛି ବର୍ତ୍ତିଯାଇଥିବା ମଣିଷର ଦୁଇଶହ ଛଅ ହାଡ଼ । ଏଲିୟଟ୍, ପାଉଣ୍ଡ ଏବଂ ହ୍ୟୁଇଟ୍‌ମ୍ୟାନ୍- ବିଶ୍ୱର ସର୍ବକାଳୀନ ଗ୍ରହଣୀୟ ବାସ୍ତବବାଦୀ ଚେତନାର କବିତ୍ରୟୀ ଅବିଚାର ଅତ୍ୟାଚାର, ବୌଦ୍ଧିକ ପ୍ରବଞ୍ଚନାକୁ ଅତି ମୁକ୍ତଭାବେ ପ୍ରକାଶ କରିଥିବାରୁ ଚିର ଅଭିନନ୍ଦନୀୟ । ବିକଳ୍ପର ପ୍ରଚ୍ଛନ୍ନ ସଂଦେଶକୁ ପରମ୍ପରାଠାରୁ ଆଉ ଟିକିଏ ବିଚ୍ୟୁତ ହୋଇ ସମାଜନିଷ୍ଠ ଏବଂ ସମୟନିଷ୍ଠତାର ପରୀକ୍ଷାରେ ଅବତୀର୍ଣ୍ଣ ଓଡ଼ିଶାମାଟିର ଆଉ ଜଣେ ବାସ୍ତବବାଦୀ ଚେତନାର ନିରବଚ୍ଛିନ୍ନ କାବ୍ୟ ଭାଷ୍ୟକାର କବି ବାଣୀଶ୍ରୀ ପ୍ରଦୀପ୍ତ ଦାସଙ୍କର ଦୁଇହଜାର ପନ୍ଦର ମସିହାରେ ପ୍ରକାଶିତ କବିତା ସଂକଳନ 'କହିଯା'ରେ ପକ୍ଷୀ' ଏହି ଧାରାରେ ଆଲୋଚନା ଯୋଗ୍ୟ । ତୃତୀୟ ବିଶ୍ୱର ପାଉଣା ହୀନ ଅଗଣିତ ମେହନତି ମଣିଷଙ୍କ ହାତରେ କବି ଶ୍ରୀଯୁକ୍ତ ଦାସ ସ୍ୱକୀୟ 'କହି ଯା'ରେ ପକ୍ଷୀ' କବିତା ସଂକଳନକୁ ବଢ଼େଇ ଦେଲାବେଳେ ଲେଖିଛନ୍ତି - "ଖଟୁଥିବା/ ପାଉନଥିବ/ ପରିଶ୍ରମର ପାଉଣା/ ପ୍ରତିବାଦ କରୁଥିବ/ ପରାସ୍ତ ହେଉଥିବ/ ବାରମ୍ବାର ଅଥଚ ଆଗେଇ ଚାଲୁଥିବ/ କର୍ତ୍ତବ୍ୟ ମୋର ଧର୍ମ/ କହୁଥିବ ଆଉ କରୁଥିବ/ ସେହି ମହାନ କର୍ମୀ ମାନଙ୍କୁ/ ପ୍ରଣାମ ଜଣାଇ/ ଭେଟି ଦେଲି ଏହି କବିତାର ଗୁଚ୍ଛ ।"

ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ସମାଜକୁ କବିଟିଏ ତା'ର ନିତ୍ୟ ପାଠଶାଳା ଭଳି ସ୍ୱୀକାର କରି ପଢ଼ି ଚାଲିଥାଏ । ଶଗଡ଼ଗୁଳାରେ ଗଡ଼ିଚାଲିଥିବା ସମୟର ବ୍ୟତିକ୍ରମ ଏବଂ ପ୍ରଭେଦ, ସିଦ୍ଧାନ୍ତ ଓ ବ୍ୟବହାର ଭିତରେ କବି ଖୋଜେ ଅବିଶ୍ୱନୀୟ ଜଟିଳ ସମାଜତତ୍ତ୍ୱରେ ସରଳବ୍ୟାଖ୍ୟାଟିଏ ।

ମାଟିର ମାଧ୍ୟାକର୍ଷଣ ଠାରୁ ମୁକ୍ତ ଏକ ସ୍ୱାଧୀନଚେତା ପକ୍ଷୀର କାକଳି ସେତେବେଳେ ଶୁଭେ ଜାତୀୟ ସଂଗୀତ ପରି ପବିତ୍ର ଏବଂ ମୁକ୍ତିର ମହାସଂଗୀତ ପରି ଜୀବନୀୟ । ସେହି ଧାରାର କବିଙ୍କର ଶବ୍ଦସବୁ ଭୋକିଲା ଭାତହାଣ୍ଡିର ଦୁଃଖକୁ ବୟାନ୍ କଲାବେଳେ କବିତା ସବୁ ପାଲଟିଛି ସୁବୋଧ ଏବଂ ପ୍ରବାହମାନ ।

ବସ୍ତୁତଃ, ବାସ୍ତବବାଦୀ ଦୃଷ୍ଟିକୋଣରୁ ପ୍ରଶ୍ନଟିଏ ଆଜିର ସମୟରେ କବି ଶ୍ରୀଯୁକ୍ତ ଦାସଙ୍କର ଏହି ସଂକଳନସ୍ଥ କ୍ଷୁଧା, ବୁଢ଼ୀଟିଏ, ଇତିହାସ, ଚାଷୀର ଭାଗ୍ୟରେ କ'ଣ ଥାଏ, ଅମୃତସ୍ୟ ପୁତ୍ର, ଜାଙ୍କୁଣୀ, ବିଚାର ନୈବେଦ୍ୟ, ବିଧାନ ଭଳି ମାନବୀୟ ସଂବେଦନଶୀଳତାର କବିତାରେ ଚିତ୍ର ପ୍ରସଙ୍ଗ ଶୀର୍ଷକ ପାଲଟିଥିବା ଚରିତ୍ରମାନଙ୍କର ଅନୁଚ୍ଚାରିତ ଶବ୍ଦକୁ ସାମାଜିକ ପ୍ରତ୍ୟୁତ୍ତର କେତେ ଭାଗ ମିଳିବ? 'ଆଜି କେତେ ତାରିଖ' କବିତାରେ କବି ପଚାରିଛନ୍ତି, "ମୁହୂର୍ତ୍ତ ପରେ ମୁହୂର୍ତ୍ତ/ ବର୍ତ୍ତମାନ ପାଲଟେ ଅତୀତ/ ଯୋଜନା ଫର୍ଦ୍ଦ କେତେ ଫଳପ୍ରଦ/ ଶବ୍ଦରେ ଶବ୍ଦ ଯୋଖୁଥାଏ କବି/ କେବେ ପୋଛୁଥାଏ ଅଶ୍ରୁତ କେବେ ରକ୍ତ/ ଆଜି କେତେ ତାରିଖ ।"

ମଣିଷକୁ ଆନନ୍ଦମୟ କୋଷର ସୋପାନ ଦେଖାଉଥିବା ତତ୍ତ୍ୱଜ୍ଞମାନେ ଅନ୍ନମୟ କୋଷର ସର୍ବନିମ୍ନ ଆବଶ୍ୟକତାକୁ ବାସ୍ତବତାର ଭୂମି ଉପରେ ବିଚାରଯୋଗ୍ୟ ମନେ ନ କରିପାରିବାରୁ ବିଦ୍ରୋହର ମଶାଲଟିଏ କବି ଜଳେଇଦେବାକୁ ବାଧ ହୋଇଗଲା । ମଠ, ମନ୍ଦିର, ଆଶ୍ରମ, ଧର୍ମପୀଠ ଭଳି ସ୍ଥାନମାନଙ୍କର ଭଣ୍ଡମାନଙ୍କର ଗେଣ୍ଡୁ ଗୋଲାପର ସୁସଜ୍ଜିତ ପ୍ରବଚନ ମଣ୍ଡପରୁ ଝରିଲା ବିଭୂତି, କ୍ଷୀର, ମହୁ, ସଂଦେଶ ଭଳି ଦିବ୍ୟ(?) ବସ୍ତୁ । କଟା ପାପୁଲିରୁ କେବେ ରକ୍ତ ଝରିଥିଲା, କେଉଁଦିନ କେଉଁଠି କେତେଜଣ ଚାଷୀ ଆତ୍ମହୁତି ଦେଇଦେଲେ, କେଉଁଠି କେଉଁ ପ୍ରପୀଡ଼ିତା ନାରୀ ଆତ୍ମହତ୍ୟା କରିଦେଲା, ଏ ସବୁର ତାରିଖ ବା ଦିନାଙ୍କ କ'ଣ ଆମେ ମନେ ରଖିପାରୁ? ସେଥିପାଇଁ 'ଆଜି କେତେ ତାରିଖ'ର ଉତ୍ତର ଆସନ୍ତାକାଲି ପାଇଁ ମାଗିଛନ୍ତି କବି 'କହିଯା'ରେ ପକ୍ଷୀ' କବିତାରେ । ଯଥା- "କହିଯା'ରେ ପକ୍ଷୀ/ କେବେ ଏ ନିଆଁ ଲିଭିବ/ କେବେ ଶୋକ ସଂତପ୍ତା ଜନନୀ ଓଠରେ ମୋର/ ଉକୁଟିବ/ ସ୍ୱସ୍ତିର ଚେନାଏ ମଧୁର ହସ/ କହିଯା'ରେ ପକ୍ଷୀ ।"

ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱର ସ୍ୱକୀୟ ମାନବବାଦୀ ଦୃଷ୍ଟିକୋଣକୁ ନେଇ କବିଙ୍କର କଲମ ଶାଣିତ । ମଧ୍ୟଯୁଗୀୟ ବର୍ବରତାର ପଦଧ୍ୱନି ପ୍ରତି ସକାଳେ ଖବର କାଗଜର ଶୀର୍ଷକ ମଣ୍ଡନ କରୁଥିଲା ବେଳେ କଳ୍ପନାଠାରୁ ବାସ୍ତବତାର ଯଥାର୍ଥ ଚିତ୍ର କବି ଶ୍ରୀଯୁକ୍ତ ଦାସଙ୍କୁ ଦେଇଛି ପ୍ରଗତିବାଦୀଯୁଗର ଆଉ ଗୋଟିଏ କାବ୍ୟପଥ । ସେଇ କବାଟଟିକୁ କବି ଶକ୍ତ ଧକ୍କାରେ ଫିଟାଉଛନ୍ତି, ଯେଉଁଠି ପ୍ରେମକୁ ବିକ୍ରୀ କରାଯାଏ ପଣ୍ୟ ଭଳି, ଦେହକୁ ସଉଦା କରାଯାଏ କଂସେଇ ଭଳି, ଯେଉଁଠି ପ୍ରତିଭାମୟ ଏକଲବ୍ୟ ମାନଙ୍କୁ ପଂଗୁ ବନାଇଦିଆଯାଏ ଏବଂ ମୁଣ୍ଡର ଦାୟରେ ଧର୍ମପଦମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରକାରାନ୍ତରେ ବାଧ କରିଦିଆଯାଏ, ସେଇ ଅନ୍ଧାରୀ ମୁଲକର ନିବୁଜ ଦ୍ୱାରକୁ କବି ଫିଟାଇଛନ୍ତି ଗୋଟେ ଗୋଟେ କବିତାର ବଜ୍ର ପ୍ରହାରରେ ।


ଉଲ୍ଲେଖନୀୟ ଯେ, ଶ୍ରୀଜଙ୍ଗ ଗ୍ରାମର କବି ପ୍ରଦୀପ୍ତ ଦାସ ହେଉଛନ୍ତି ଐତିହାସିକ ଲବଣ ସତ୍ୟାଗ୍ରହର ପବିତ୍ର ମାଟି ଇଂଚୁଡ଼ି ଅଂଚଳର । ତେଣୁ ତାଙ୍କ କବିତାର ଧମନୀର ଜାତୀୟତାବାଦ ଏବଂ ସାମାଜିକ ପ୍ରତିବଦ୍ଧତାର ସ୍ୱର ଓ ସ୍ୱାକ୍ଷର ପରିଲକ୍ଷିତ ହେବା ସ୍ୱାଭାବିକ । ତେବେ ସ୍ୱାଧୀନଚେତନା ପକ୍ଷୀଟିଏ ପରି ନିଜସ୍ୱ ନିଳୟର ଠିକଣା ଦେଇଛନ୍ତି କବି ଏହିପରି । ଯଥା- "ଯେଉଁଠି ରହେ ମୁହିଁ ସେଇଠି ମୋ' ଘର/ କହିପାର ତୁମେ ମୋତେ ଏକ ଦୂରନ୍ତ ଯାଯାବର/ ସଭିଏଁ ମୋ' ପଡ଼ିଶା ସରବେ ମୋ' ସହୋଦର/ ସଭିଏଁ ମୋ' ଆପଣା /ସଭିଏଁ ମୋ' ହୃଦୟର ।" ଏଇ ହୃଦୟବତ୍ତାର ବିଶୁଦ୍ଧ ଉଚ୍ଚାରଣରେ କବି ଡବ୍ଲ୍ୟୁ ବି ଇଟସ୍‌ଙ୍କ ଉକ୍ତିର ଏହି ଉକ୍ତିର ଊର୍ଦ୍ଧ୍ୱକୁ ଚାଲିଯାଇଛନ୍ତି ଓ 'Poetry is always personal, always one man's vision of life' କୁ ନିଜସ୍ୱ ବିଶ୍ୱ ଦୃଷ୍ଟିକୋଣରେ ଭାଙ୍ଗି ଦେଇଛନ୍ତି ବୋଲି କୁହାଯାଇ ପାରେ ।

words are sings. ଅର୍ଥାତ୍ ଶବ୍ଦ ହିଁ ଗୋଟିଏ ଗୋଟିଏ ଇଂଗିତ । ତେଣୁ ସିମ୍ବଲ ହେଉଛି ସମାଜଧର୍ମୀ କବିତାର ପ୍ରାଣ । ସିମ୍ବଲ ବା ଇଂଗିତକୁ ସିଗ୍‌ନାଲ ବା ସଂକେତରେ ପରିଣତ କରେ କବି । ଭ୍ରଷ୍ଟାଚାର ଜଡ଼ିତ ସମାଜରୁ ବ୍ୟାଧି ଦୂର ପାଇଁ କବିତା ଏଇଠି ନିଦାନର କାର୍ଯ୍ୟକରେ । 'ଚିରନ୍ତନ' ଅପେକ୍ଷା 'ଘଟଣା' ହିଁ ଜାଣ ଚେତନାର ଆଲେଖ୍ୟ ବିଷୟ', ତାହା ଚାହାଖଟିରେ ହେଉ ଅଥବା ପାର୍ଲାମେଂଟରେ ହେଉ । ତେଣୁ କବି ପ୍ରଦୀପ୍ତଙ୍କର କବିତା ନିର୍ମାଣ ଭିତରେ ଆଙ୍ଗୀକ ବା ଶୈଳ୍ପୀକ ଦିଗ ଅପେକ୍ଷା ଆତ୍ମିକ ଅଭିବ୍ୟକ୍ତି ଗୁଡ଼ିକ ଅଧିକ ଆଲୋଚ୍ୟ ।

ପୌଷର ପାଣିଚିଆ ଖରା, ବ୍ୟଗ୍ର ଆଖିପତା, ଉତ୍ତରା ପବନରେ ଉଡ଼ିଯାଏ ସାମ୍ନା ବଗିଚାରୁ କେତେ ଯେ ପତର, ଆଖି ଲାଲ୍‌କରି ଚିତ୍କାର କରେ ବର୍ଷା, ଲୁହ ଝରାଉଥାଏ ତୁହାକୁ ତୁହା, ଅଶୀ ବରଷର ବୁଢ଼ୀଟିଏ ବରଗଛକୁ ଆଉଜି ବସିଛି, ଭଳି ଧାଡ଼ି/ ପଦ/ ବାକ୍ୟାଂଶ ମାନଙ୍କରେ କବି ଶବ୍ଦ ଚୟନ ଓ ବସାଣର ବିବିଧ ପ୍ରୟୋଗମାନ ଦର୍ଶାଇ ଥିଲେ ବି ଗ୍ରନ୍ଥ ସନ୍ନିବେଶିତ ଶୁକ୍ରତାରା କବିତା ଭିତରୁ ଉଙ୍କିମାରୁଛି କବିତ୍ୱର ଅନିର୍ବଚନୀୟ ଦ୍ୟୁତି ।

ଅନ୍ତତଃ ଜଗତୀକରଣ ବିଧିବ୍ୟବସ୍ଥା ଭିତରେ ବି ସମାଜ ସଢୁଛି ଦଳିତ, ଅବହେଳିତଙ୍କର ଲୁହ ଏବଂ ଲହୁରେ । ଓଡ଼ିଶା ମାଟିର ପ୍ରଣମ୍ୟ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କର କତିପୟ କବିତା, ଅନ୍ନଦା ଶଂକରଙ୍କର 'ପ୍ରଳୟ ପ୍ରେରଣା' ଅଥବା କାଳିନ୍ଦୀ ପାଣିଗ୍ରାହୀଙ୍କର 'ଆଗାମୀ' କବିତାର- ଧାରାରେ ସମାଜ ପାଇଁ ଖୋଜିଛନ୍ତି 'ପ୍ରତ୍ୟାବର୍ତ୍ତନ'ର ଅଶ୍ରୁତ କାବ୍ୟ ଉତ୍ତର । ତେଣୁ ସେ ଦୈନ୍ୟ, ନିପୀଡ଼ିତ ମଣିଷଙ୍କ ପକ୍ଷରୁ 'ଯୁଗସୃଷ୍ଟି' କବିତାରେ ଲେଖିଥିଲେ- "ଆଜି ଏ ସଂସାର ଛାଡ଼ି ଆସିଛି ବାହାରି/ ମୋ' ହାତରେ ନିଆଁହୁଲା ନୂତନ ଯୁଗର/ ପୁରୁଣାକୁ ଦେବି ଭସ୍ମ କରି/ କବି ଲାଗି ନୁହେଁ ଏ ସଂସାର/ ମୁକ୍ତପକ୍ଷୀ ଲାଗି ଏ ଯେ ବନ୍ଧ କାରାଗାର ।"

ପଦ୍ୟଛନ୍ଦର ଯଥାର୍ଥ ଉପମେୟ ବ୍ୟଞ୍ଜନାର 'କହିଯା'ରେ ପକ୍ଷୀ' କବିତା ସଂକଳନର କବିତାଗୁଡ଼ିକ ଶୈଳୀ ଅପେକ୍ଷା ଉକ୍ତିର ସ୍ପଷ୍ଟତାରେ ଅଧିକ ପ୍ରଖର । କବିଙ୍କର ଗଣଚେତନାର କାବ୍ୟକଥନ ଗୁଡ଼ିକ ମଣିଷଗଢ଼ା । ବିଭେଦର ପ୍ରାଚୀର ଗୁଡ଼ିକୁ ଭାଙ୍ଗି ଦେବା ପୂର୍ବରୁ ଗଳିତ ଏବଂ ସ୍ଖଳିତ ସମୟକୁ ଏବଂ ସମାଜକୁ ନବନିର୍ମାଣର ସୂଚନା ଦେବା ପାଇଁ ଲିଖିତ ପ୍ରାଚୀରପତ୍ର ଏବଂ ପ୍ରଚାର ପତ୍ର ପରି । ପକ୍ଷୀଠାରୁ ବିଶ୍ୱମୈତ୍ରୀର ମୁକ୍ତାଭ ମହୋତ୍ସବ ତାରିଖ ପଚାରିଥିବା କବି ସୁସ୍ଥ ସହାବସ୍ଥାନ ଯୋଗ୍ୟ ଆଗାମୀ ବିଶ୍ୱ ପାଇଁ ରଚିଦେଇଛନ୍ତି ମାଙ୍ଗଳିକ ସ୍ୱାଗତ କାବ୍ୟମନ୍ତ୍ର । ଏହାର ଅନୁଶୀଳନ ଜରୁରୀ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# କୁଳିପୋଷି ଗ୍ରାମପଂଚାୟତ କ୍ରୀଡ଼ା ସଂଘର ୬୫ତମ ବାର୍ଷିକ ଉତ୍ସବ



ନୀଳଗିରି,୩୦।୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକରେ ଥିବା କୁଳିପୋଷି ଗ୍ରାମ ପଂଚାୟତର କ୍ରୀଡ଼ା ସଂଘର ୬୫ତମ ବାର୍ଷିକ ଉତ୍ସବ ମା' କୀଚେକେଶ୍ୱରୀ ଷ୍ଟାଡିୟମ, କାଦଡିହା ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୁଖ୍ୟ ବକ୍ତା ଭାବେ ରାଇରାଙ୍ଗପୁର ବିଧାୟକ ନବଚରଣ ମାଝୀ, ସମ୍ମାନୀତ ବକ୍ତା ଭାବେ ନୀଳଗିରି ଶିକ୍ଷାବିତ ଇଂ. ସୁଶୀଲ କୁମାର ସିଂ, ସମ୍ମାନୀତ ଅତିଥି ଭାବେ ଗଣେଶ ରାମ ସିଂ ଖୁଂଟିଆ, ବିଧାୟକ, ଯଶୀପୁର, ପୂର୍ବତନ ବିଧାୟକ କରଞ୍ଜିଆ, ବିଜୟ କୁମାର ନାୟକ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଉପାଳି ଉପମିତା ପ୍ରଧାନ, ଡ. ଶିବାଶିଷ ବରାଳ, ବି.ଡି.ଓ. କରଞ୍ଜିଆ ସାମାଇଚରଣ ପୁର୍ତି, ମୟୂରଭଞ୍ଜ ୭ନଂ. ଜୋନର ଜିଲ୍ଲାପରିଷଦ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଂଘର ସଭାପତି ଡ. ଭାଗବତ ଲେଙ୍କା ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ କରିଥିଲେ । କୁଳିପୋଷି ପଂଚାୟତର ସରପଂଚ ଗହ୍ଣା ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଉପଦେଷ୍ଟା ଜନାର୍ଦ୍ଦନ ମହାନ୍ତ, ପୁରନ୍ଦର ହାଁସଦା, ଟୁକୁ ମହାନ୍ତ, ସୁରୁରୁ ମହାନ୍ତ, ଭାବଗ୍ରାହୀ ମହାନ୍ତ, ହରିଶ ବାରିକ, ବୈକୁଣ୍ଠ ମହାନ୍ତ, ସୁନୀଲ ମହାନ୍ତ, ପିଂଟୁ ମହାନ୍ତ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ ।

## ଫେବୃଆରୀ ୧ରୁ ଗଡିବ ଲୋକାଲ ଟ୍ରେନ୍

ଜଳେଶ୍ୱର, ୩୦/୧ (ନିପ୍ର) : କୋଭିଡ୍ କଟକଣା ଯୋଗୁଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାୟ ୧୦ମାସ ଧରି ଲୋକାଲ ଟ୍ରେନ୍ ଚଳାଚଳ ବନ୍ଦ କରିଥିବା ବେଳେ ଲୋକଙ୍କ ଜୀବନ ଜୀବିକାକୁ ନେଇ ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବା ଲାଗି ବହୁ ଦାବି ହୋଇ ଆସୁଥିଲା । ଶେଷରେ ଆସନ୍ତା ଫେବୃଆରୀ ୧ ତାରିଖରୁ ହାଓଡା-ଭଦ୍ରକ ଲୋକାଲ ଟ୍ରେନ୍ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରୁଟରେ ଚଳାଚଳ କରିବା ବୋଲି କୋଲକତା ଗାଡେନ୍‌ରିଚ୍ ସ୍ଥିତ ଏସ୍.ଇ. ରେଳ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟରୁ ଖଡଗପୁର ଡିଆର୍‌ଏମ୍‌ଙ୍କ ନିକଟକୁ ଚିଠି ନଂ ଟି୧୬/୪୧ ମୂଳେ ନିର୍ଦ୍ଦେଶ ଦିଆଯାଇଛି । ଫେବୃଆରୀ ୧ ତାରିଖ ୩.୪୦ମି. ରେ ବାଘାଜତିନ ମେମୋ ଟ୍ରେନ୍ ହାଓଡାରୁ ଛାଡିବାକୁ ଥିବା ବେଳେ ଫେବୃଆରୀ ୨ ତାରିଖ ସକାଳ ୪.୫୦ ମି. ଭଦ୍ରକରୁ ଛାଡି ପୂର୍ବପରି ଚଳାଚଳ କରିବ। ଏହା ସହିତ ୧ ତାରିଖରୁ ହାଓଡା-ପୁରୀ ସ୍ପେଶାଲ ଟ୍ରେନ୍ ଜଳେଶ୍ୱରଠାରେ ଆପ୍ ଲାଇନ୍‌ରେ ଦିନ ୧୨ଟାରେ ରହଣି ହେବାକୁ ଥିବା ବେଳେ ଡାଉନ୍‌ରେ ୩.୪୮ ମିନିଟ୍‌ରେ ରହଣିର ବ୍ୟବସ୍ଥା ହୋଇଛି ବୋଲି ଆଜି ଷ୍ଟେସନ ମ୍ୟାନେଜର ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଏହି ଖବର ପ୍ରଚାରିତ ହେବାପରେ ସାଧାରଣରେ ଆନନ୍ଦ ପାଇଛି ।

## ମହତାବ ନଗରରେ ରାମ ମନ୍ଦିର ନିର୍ମାଣାର୍ଥେ ନିଧି ସମର୍ପଣ

ଭଦ୍ରକ,୩୦।୦୧ (ନି.ପ୍ର): ଭଦ୍ରକ ସାମରାଇପୁର ମହତାବ ନଗର କଲୋନୀ ବାସିନ୍ଦାଙ୍କ ତରଫରୁ ଅଯୋଧ୍ୟା ଶ୍ରୀରାମ ମନ୍ଦିର ନିର୍ମାଣାର୍ଥେ ସଂଗୃହୀତ ନିଧିରାଶି ସମର୍ପଣ କରାଯାଇଛି । ଏଥି ନମିନ୍ତେ ଏକ ଉତ୍ସବର ଆୟୋଜନ ହେବା ସହିତ କଲୋନୀବାସୀଙ୍କ ମଧ୍ୟରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା । ମହତାବନଗର ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ସୁବାସ ଚନ୍ଦ୍ର ବଳଙ୍କ ତତ୍ତ୍ୱାବଧାନରେ କଲୋନୀବାସୀଙ୍କ ଠାରୁ ଆଦାୟ ହୋଇଥିବା ୨୫ ହଜାର ନିଧି ରାଶି ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ଜିଲ୍ଲା ପ୍ରଚାରକ ରଶ୍ମି ରଂଜନ ମହାକୁଡ, ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜିଲ୍ଲା କାର୍ଯ୍ୟକର୍ତ୍ତା ପ୍ରଦ୍ୟୁମ୍ନ ଶତପଥୀଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟ କରାଯାଇ ସମସ୍ତ ଗ୍ରାମବାସୀ ପଂକ୍ତି ଭୋଜନ କରିଥିଲେ ।

# ମୋନା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ




ବାଲେଶ୍ୱର,୩୦।୦୧ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ପକ୍ଷରୁ ଶନିବାର ଦିନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସଂଗଠନର ନୀଳିଆବାଗ କାର୍ଯାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଡିଆରଡିଓ ଏପିଡି ନୀଲୁ ମହାପାତ୍ର ଯୋଗଦେଇ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସଂଗଠନର ସଭାପତି ଆଇନଜୀବୀ ପ୍ରଭାକର ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କରଙ୍କ ସମେତ ଅଞ୍ଜଳି ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, କମଳାକାନ୍ତ ଦାଶ, ସୀତାରାମ ପ୍ରଧାନ, ଜ୍ୟୋସ୍ନା ପାଢ଼ୀ, ନିରଂଜନ ପରିଡ଼ା, ଶେଖ୍ କରିମ୍, ପ୍ରସନ୍ନ ପାଢ଼ୀ, ସ୍ମୃତି ଦାସ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ସିଂହ, ବସନ୍ତ ପ୍ରଧାନ, ରବି ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ଜାତିର ଜନକଙ୍କ ମହାପ୍ରଣାୟର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ବହୁ କଷ୍ଟ ସହି ଦେଶକୁ ସ୍ୱାଧୀନତା କରିଥିବା ଗାନ୍ଧିଜୀଙ୍କୁ ଶେଷରେ ଜୀବନ ଦେବାକୁ ପଡ଼ିଥିଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା କରି ମହାନ ଆତ୍ମାଙ୍କ ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ସହିଦ ଦିବସ ପାଳିତ

ଖଇରା,୩୦/୧(ନିପ୍ର) ଖଇରା ବ୍ଲକ ସ୍ଥିତ ଏକ୍ସଲ୍ୟାଣ୍ଟ କମ୍ପ୍ୟୁଟର ଏଜୁକେସନ ସେଣ୍ଟର ପରିସରରେ ବର୍ଷିୟାନ କବି ରାଧାଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱରେ ମହାମାନବ ମହାତ୍ମା ଗାନ୍ଧୀଙ୍କ ୭୩ତମ ସହିଦ ଦିବସ ପାଳିତ ହୋଇଯାଇଛି । ଉକ୍ତ ଅନୁଷ୍ଠାନର ଅଧାପକ ଶୁସାନ୍ତ କୁମାର ସଙ୍ଖୁଆ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲ ବେଳେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ଅଧ୍ୟାପକ ଧନଞ୍ଜୟ ପଣ୍ଡା ମହାତ୍ମା ଗାନ୍ଧୀଙ୍କୁ ସେ ଭାରତ ବର୍ଷର ଅଧିନାୟକ ଭାବେ ବର୍ଣ୍ଣନା କରି ସ୍ୱାଧୀନତା ସଂଗ୍ରାମ ପ୍ରତି ତାଙ୍କର ତୁଳନା ଅନ୍ୟମାନଙ୍କ ଠାରୁ ବହୁ ଉର୍ଦ୍ଧରେ ଥିଲା ବୋଲି ଶ୍ରଦ୍ଧାଞ୍ଜଳୀ ଅର୍ପିତ କରିଥିଲେ ।ଏଥିରେ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କରିସ୍ମା ବେହେରା, ଶୁଭଲକ୍ଷ୍ମୀ ଓଝା, ସବିତା ସେଣ୍ଠ, ଭାଗ୍ୟଲକ୍ଷ୍ମୀ ଗୋସ୍ୱାମୀ, ସରସ୍ୱତୀ ସାହୁ, ଭାର୍ଗବି ବେହେରା, ରଶ୍ମୀତା ବେଜ, ସସ୍ମୀତା ସାହୁ, ପ୍ରୀତିପ୍ରୀୟା ସାହୁ, ଦୀପାଞ୍ଜଳି ମାଝୀ, ହୀରନ୍ମୟୀ ନାୟକ, ମୃତ୍ୟୁଞ୍ଜୟ ପୃଷ୍ଟି, ମନୋଜ କୁମାର ପାତ୍ର, ବିକ୍ରମ ବେହେରା, କୈବଲ୍ୟ ନାୟକ, କାର୍ତ୍ତୀକେଶ୍ୱର ମୁଦୁଲୀ, ନିର୍ମଳ କୁମାର ମାଝୀ, ସିଦ୍ଧାନ୍ତ ଦାସ, ହରପ୍ରୀୟା ଦାସ, ମନୋରମା ଦାସ, ଭାଗୀରଥି ବେହେରା, ଜନ୍ମଜୟ ବେହେରା, ମୋନାଲିସା ପାଢ଼ୀ, ରଶ୍ମୀରେଖା ମାଝୀ, ଚିନ୍ମୟୀ ପଣ୍ଡା, କମଳା ଯେନା, ରୁଦ୍ରନାରାୟଣ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଗାନ୍ଧୀଜିଙ୍କ ଫଟୋଚିତ୍ର ରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ସର୍ବଶେଷରେ କରିସ୍ମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାନ୍ଧିଜୀଙ୍କ ତୀରୋଧାନ ଦିବସରେ ଜିଲ୍ଲା ପ୍ରଶାସନର ମାଲ୍ୟାର୍ପଣ

ଭଦ୍ରକ,୩୦।୦୧ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାତୀରୋଧାନ ଦିବସ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ ଗାନ୍ଧୀ ପଡ଼ିଆ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ପୂର୍ବାହ୍ଣରେ ଗାନ୍ଧୀପଡ଼ିଆରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ନିବେଦନ କରିଥିଲେ ।

## ବସ୍ତାରେ କବିତା ଆସର ଓ ସାହିତ୍ୟ ଆଲୋଚନା

### ମନୋଜ ଦାସଙ୍କ ଆଶୁ ଆରୋଗ୍ୟ କାମନା ଓ ରବି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ବସ୍ତା,୩୦।୦୧ (ନି.ପ୍ର): ବସ୍ତା ସାହିତ୍ୟ ଓ ସଂସ୍କୃତି କଳା ପରିଷଦର ୪୮ତମ କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନା ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଅନୁଷ୍ଠାନିକ କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶାର ଗର୍ବ ଓ ଗୌରବ ମନୋଜ ଦାସଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ କଳାକାର ରବି ମିଶ୍ରଙ୍କ ଦେହାନ୍ତରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀ ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ସଂପାଦକ ଶ୍ରୀ ବିଜୟ କୁମାର ପରିଡା କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ।ଉକ୍ତ କବିତା ପାଠୋତ୍ସବ ସଭାରେ କବି ଅରୁଣ କୁମାର ଦାସ, ରଜନୀକାନ୍ତ ବାରିକ, ରାଜକିଶୋର ମହାନ୍ତି,କୁମୁଦ ରଂଜନ ଗିରି, ଶଂକର ଜେନା, ଶ୍ୟାମାପ୍ରସାଦ ବେହେରା, ମାଧବିକା ଗିରି, କଳ୍ପନା ଗିରି, ଡଃ. ପ୍ରଦୀପ କୁମାର ମିଶ୍ର ନିଜର କବିତା ଆବୃତି କରିବା ସହ ସୁନ୍ଦର ସମୀକ୍ଷା କରିଥିଲେ ।ଏହି ଅନୁଷ୍ଠାନର ମାଙ୍ଗଳିକ ଧ୍ୱନୀ ସ୍ୱଚରିତ ଗୀତି କବିତା ସ୍ୱର ତାଳ ଦେଇ ସଂସଦର ସଦସ୍ୟ ଶ୍ରୀ ଜୟନ୍ତ କୁମାର ପାଣିଗ୍ରାହୀ । ପରିଶେଷରେ ସଂପାଦକ ଶ୍ରୀ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରବର୍ତ୍ତୀ କବିତା ଆସର ଆସନ୍ତା ଫେବ୍ରୁଆରି ମାସର ଶେଷ ଶନିବାର ଅର୍ଥାତ୍ ୨୭/୦୨ରେ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ଦାସ ପ୍ରକାଶ କରିଥିଲେ ।

# ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



ବାଲେଶ୍ୱର,୩୦।୦୧ (ନି.ପ୍ର): ଜିଲ୍ଲାସ୍ତରୀୟ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ଏକ କର୍ମଶାଳା ତଥା ସମୀକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସ୍କୁଲ ପରିସରରେ ଶନିବାରଦିନ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ଶିକ୍ଷାଦାନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ମୋ ସ୍କୁଲ ଅଭିଯାନର କାର୍ଯ୍ୟକାରିତା, ଅନଲାଇନ ଶିକ୍ଷାଦାନର ଉପକାରିତା, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଶହେ ଦିନିଆ କ୍ଲାସ ସାଙ୍ଗକୁ ମେଟ୍ରିକ ପରୀକ୍ଷାର ପରୀକ୍ଷା ଦର୍ପଣର ଆବଶ୍ୟକତା ସମ୍ପର୍କରେ ସେମାନେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିଥିଲେ । ବିଦ୍ୟାଳୟ ପରିସର ଓ ଶ୍ରେଣୀଗୃହକୁ ସ୍ୱଚ୍ଛ ରଖିବା, ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନ ସମେତ ଉତ୍ତମ ବିଦ୍ୟାଳୟ ପରିଚାଳନା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଷ୍ଟାଟିଂ କାଉନସେଲ କରୁଣାକର ରଥ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଏଥିରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାସ୍କୁଲ ପ୍ରଧାନ ଶିକ୍ଷକ ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ବଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉତ୍ତମ ଶିକ୍ଷା ବ୍ୟବସ୍ଥା ପିଚାଳନା ଓ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଉଲେଖନୀୟ ଅବଦାନ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରିଙ୍କୁ ଜିଲ୍ଲାପାଳ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ....

ପଠାଇବାକୁ ନିର୍ଦ୍ଦେଶ ଦେବା ସହ ଏହି କ୍ଷେତ୍ରର ଖନନ କରି ବିସ୍ତୃତ ଭାବରେ ଗବେଷଣା କରିବା ଦିଗରେ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ ପତ୍ର ଜରିଆରେ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟରେ ଏଏସଆଇର ଭୁବନେଶ୍ୱର ଶାଖା ଦ୍ୱାରା ମନ୍ଦିରମାଳିନୀ ଭୁବନେଶ୍ୱର ସହରର ଏକାମ୍ର କ୍ଷେତ୍ରରେ ଥିବା ଶୁକଶାରୀ ମନ୍ଦିର ନିକଟ ୨ ଏକର ଜମିରେ ଖନନ କାର୍ଯ୍ୟ ଚାଲିଥିବା ବେଳେ ଶାରୀ ମନ୍ଦିରର ଉତର-ପଶ୍ଚିମ କୋଣରେ ଥିବା ସୋମବଂଶୀ ସମୟର ଦଶମ ଶତାବ୍ଦୀ ଏବଂ ଏକାଦଶ ଶତାବ୍ଦୀର ଅମୂଲ୍ୟ ଭଗ୍ନାବଶେଷ ବାହାରିଛି । ଏଏସଆଇ ନିକଟରେ ଦୁଇଟି ଢ଼ାଂଚା ଆବିଷ୍କାର କରିଛି, ଯାହା ଶାରୀ ମନ୍ଦିରର ଭଗ୍ନାବଶେଷ ବୋଲି ଜଣାପଡୁଛି । ଏସଏସଆଇର ବିଶେଷଜ୍ଞମାନେ ମିଳିଥିବା ତଥ୍ୟନୁସାରେ ମତ ଦେଇଛନ୍ତି ଯେ, ଶାରି ମନ୍ଦିର ପଂଚାୟତନ ଢାଂଚାରେ ନିର୍ମାଣ ହୋଇଛି । ଯାହା ଚାରୋଟି ଛୋଟ ଛୋଟ ମନ୍ଦିର ପରିସରଭୁକ୍ତ ରହିଛି । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ମନେହେଉଛି ଯେ ଏକାମ୍ର କ୍ଷେତ୍ରରେ ଭୂମି ତଳେ ଅନେକ ଗୁଡ଼ିଏ ଐତିହାସିକ ଢାଂଚାର ଆଶଙ୍କା କରାଯାଉଛି । ଭୁବନେଶ୍ୱର ସ୍ଥିତ ଶୁକସାରୀ ମନ୍ଦିର ଏବଂ ପ୍ରଭୁ ଲିଙ୍ଗରାଜ ମନ୍ଦିର ପୂରାତନ କୀର୍ତିରାଜି ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଓ ଭଗ୍ନାବଶେଷ ଆଇନ (ଏମଏଏସଆର) ଅଧୀନରେ ଏଏସଆଇ ଦ୍ୱାରା ସୁରକ୍ଷିତ ରଖାଯାଇଛି । ତେଣୁ ଅମୂଲ୍ୟ ପୂରାତନ ଓଡ଼ିଶାର ପ୍ରଚୀନ କୀର୍ତିରାଜିକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଓଡ଼ିଶାର ପ୍ରାଚୀନ ମନ୍ଦିରର ସ୍ଥାପତ୍ୟ, କାରୁକାର୍ଯ୍ୟସମ୍ପନ୍ନ, ସାମାଜିକ ସଂସ୍କୃତି ଓ ଧାର୍ମିକ ମହତ୍ତ୍ୱକୁ ଧ୍ୟାନରେ ରଖି ଭୁବନେଶ୍ୱର ଏକାମ୍ର କ୍ଷେତ୍ର ବିଶେଷ ଭାବରେ ପ୍ରଭୁ ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର ନିକଟକୁ ଏକ ଏଏସଆଇର ବିଶେଷଜ୍ଞ ଦଳକୁ ପଠାଇବାକୁ ନିର୍ଦ୍ଦେଶ ଦେବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଅନୁରୋଧ କରିଛନ୍ତି ।

## ଜାନୁୟାରୀ ୨୨ରେ କୃଷି ଆଇନ ....

କୃଷିମନ୍ତ୍ରୀ ଅପେକ୍ଷା କରି ରହିଛନ୍ତି ଏବଂ ଗୋଟିଏ ମାତ୍ର ଫୋନ ପାଇଲେ ଏହି ଆଲୋଚନା ଆରମ୍ଭ ହେବ । ଜାନୁୟାରୀ ୨୬ରେ ଯେଉଁ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଲା ସେ ସଂପର୍କରେ ନେତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେବାକୁ ଯାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଇନ ତା ବାଟରେ ଯିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ବୈଠକରେ ନେତାମାନେ ଯେଉଁସବୁ ପ୍ରଶ୍ନ ଉତ୍ଥାପନ କରିଛନ୍ତି ସରକାର ସେ ସବୁକୁ ସବିଶେଷ ଆଲୋଚନା କରିବାକୁ ପ୍ରସ୍ତୁତ । ସେ କହିଥିଲେ ଯେ ସଂସଦର ଅଧିବେଶନ ସୁରୁଖୁରୁ ଚାଲିବା ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ସବୁ ପ୍ରସଙ୍ଗର ବିତର୍କ ପୂର୍ଣ୍ଣାଙ୍ଗଭାବେ ହେବା ସେ ଚାହାନ୍ତି । ସେ ଆହୁରି କହିଥିଲେ ଯେ ଗୃହର କାର୍ଯ୍ୟରେ ବାରମ୍ବାର ବିଘ୍ନ ଘଟିଲେ ଛୋଟ ଛୋଟ ଦଳଗୁଡିକ କ୍ଷତିଗ୍ରସ୍ତ ହୁଅନ୍ତି ଏବଂ ସେମାନେ ନିଜ ପକ୍ଷ ରଖିବାକୁ ଯଥେଷ୍ଟ ସୁଯୋଗ ପାଆନ୍ତି ନାହିଁ । ସେ କହିଛନ୍ତି ଯେ ପାର୍ଲାମେଣ୍ଟ କାର୍ଯ୍ୟ ସୁରୁଖୁରୁରେ ଚାଲୁ, ଏହା ବଡ଼ ବଡ଼ ଦଳମାନେ ନିଶ୍ଚିତ କରିବା ଆବଶ୍ୟକ । ଗୃହର କାର୍ଯ୍ୟ ବ୍ୟାହତ ନ ହେଲେ ସଂସଦର ଉଭୟ ଗୃହରେ ଛୋଟ ଛୋଟ ଦଳର ସାଂସଦମାନେ ସେମାନଙ୍କର ମତାମତ ଉପସ୍ଥାପନ କରିବାର ସୁଯୋଗ ପାଇବେ ।

## ଫେବୃଆରୀ ମାସ ପାଇଁ ....

ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବା ନେଇ ବେସାମରିକ ବିମାନ ଚଳାଚଳ / ଗୃହ ମନ୍ତ୍ରାଳୟ ନିଷ୍ପତି ନେବେ । ଅବରୋଧ ଅଂଚଳର ସୀମା ଜିଲ୍ଲାପାଳ ଓ ସ୍ଥାନୀୟ କର୍ତ୍ତୃପକ୍ଷ ସ୍ଥିର କରିବା ସହ ଖୋଲା ସ୍ଥାନରେ ସମସ୍ତଙ୍କୁ ସାମଜିକ ଦୂରତା ମାନିବାକୁ କୁହାଯାଇଛି । ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଫେବୃଆରୀ ମାସ ପାଇଁ ରାଜ୍ୟରେ ସ୍କୁଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ନିଷ୍ପତି ନେବ । ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ଏହା ଅଧିନରେ ଥିବା ଶିକ୍ଷାନୁଷ୍ଠାନ ସଂପର୍କରେ ଗଣଶିକ୍ଷା ବିଭାଗ ନିଷ୍ପତି ନେବ । ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ଓ ଏସଓପି ଜାରି କରି ସ୍କୁଲ ଖୋଲାଯାଇପାରିବ । ସେହିପରି କଲେଜ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଖୋଲିବା ନିଷ୍ପତି ନେବେ ଉଚ୍ଚଶିକ୍ଷା ବିଭାଗ । ବିଭାଗ ଅଧିନରେ ପରିଚାଳିତ କଲେଜ ଓ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଏଥି ସହ ଜଡ଼ିତ ବିଭିନ୍ନ ପକ୍ଷ ସହିତ ଆଲୋଚନା ମାଧ୍ୟମରେ ଖୋଲାଯାଇପାରିବ । ତେବେ ଏଥିଲାଗି ଗୃହବିଭାଗ ଏସଓପି, ୟୁଜିସି ଓ ଏଆଇସିଟିଇ ଗାଇଡଲାଇନ୍ ଅନୁସରଣ କରିବା ବାଧ୍ୟତାମୂଳକ ହେବ । ପୂର୍ବରୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସଓପି ଅନୁଯାୟୀ ସିନେମା ହଲ ଓ ଥିଏଟର ଚାଲୁ ରହିବ । କୋଭିଡ କଟକଣାକୁ କଡ଼ାକଡି ଭାବେ ଲାଗୁ କରି ମୁକ୍ତାକାଶ ଥିଏଟରଗୁଡିକୁ ଖୋଲିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ (ଜିଲ୍ଲା ମାଜିଷ୍ଟ୍ରେଟ୍ / ମ୍ୟୁନିସିପାଲିଟି କମିସନର କିମ୍ବା ସେମାନଙ୍କ ଦ୍ୱାରା ଅନୁମୋଦିତ ଅଧିକାରୀ) ଅନୁମତି ଦେଇପାରିବେ ।

## ଲକଡାଉନ୍‌ରୁ ଲାଭ....

ଖର୍ଚ୍ଚ ଦର୍ଶାଯାଇଛି ଏମିତିକି ଉଏଝଞ୍ଜ ଓ ଝଏଝଞ୍ଜ ବାବଦରେ ୪୬ ହଜାରରୁ ଅଧିକ ଟଙ୍କାକୁ ମିଶାଇ ମୋଟ୍ ଖର୍ଚ୍ଚ ଦର୍ଶାଯାଇଛି ୪ଲକ୍ଷ ୩୩ ହଜାର ୨ଶହ ଟଙ୍କା । ଦିନ ଦ୍ୱିପହରେ ଆଖିରେ ଆଙ୍ଗୁଠି ଗେଞ୍ଜି ହୋଇଥିବା ଏ ଦୁର୍ନୀତିକୁ କିନ୍ତୁ ସହଜରେ ଗ୍ରହଣ କରିପାରି ନାହାନ୍ତି ସ୍ଥାନୀୟ ଲୋକେ । ଏଠି ପ୍ରଶ୍ନ ବଲାଙ୍ଗିର ସହରରେ ବ୍ୟାରିକେଡ୍ ନାଁରେ ଏ ମହାଲୁଟ୍ ପଛରେ କେବଳ ପୂର୍ତ୍ତ ବିଭାଗ ନା ପୁରା ପ୍ରଶାସନ ସାମିଲ୍ ? କାରଣ ଶହେ କି ଦୁଇ ଶହ ଟଙ୍କାର ଛଅରୁ ୧୦ ଖଣ୍ଡ ବାଉଁଶ ଲଗାଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ହେଲାବେଳେ ଇଂଜିନିୟରଙ୍କଠୁ ଉପ-ଜିଲ୍ଲାପାଳ ଏମିତିକି ଜିଲ୍ଲାପାଳଙ୍କ ଯାଏଁ କେହି ଜଣେ ହେଲେ କେମିତି ଜାଣି ପାରିଲେନି । ଆଉ ବିଲ୍ ଉପରେ ସମସ୍ତେ ବି ସହଜରେ ଦସ୍ତଖତ ଦେଇଛନ୍ତି । ଘଟଣା ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରେ ସେ କୁଆଡ଼େ ସେତେବେଳେ ଏଠି ନଥିଲେ କହି ମୁଣ୍ଡରୁ ଦୋଷ ଖସାଇ ଦେଇଥିବାବେଳେ ଜିଲ୍ଲାପାଳ କହିଛନ୍ତି ଭୁଲ୍ ଥିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ।

## ତେଲ ଦର ନକମିଲେ ....

ବ୍ରହ୍ମପୁର ଖଲିକୋଟ କଲେଜ ପଡ଼ିଆରେ କଂଗ୍ରେସ ପାଳନ କରିଛି ସହିଦ ଦିବସ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଚେଲ୍ଲା କୁମାର ଯୋଗଦେଇଛନ୍ତି । ସେ କହିଛନ୍ତି, "ଦୀର୍ଘ ବର୍ଷ ଧରି ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଆସୁଛନ୍ତି । ଏହା ସତ୍ତ୍ୱେ ଏହି ଜିଲ୍ଲାର ଉନ୍ନତି ହୋଇ ନାହିଁ । ଆଜି ଯେତିକି ଜଳ ପ୍ରକଳ୍ପ ହୋଇଛି, ତାହା କଂଗ୍ରେସ ଅମଳରେ ହୋଇଥିଲା । ଗୋପାଳପୁର ଟାଟା କିମ୍ବା ଗୋପାଳପୁର ବନ୍ଦର ମଧ୍ୟ କଂଗ୍ରେସ ଅମଳରେ ହୋଇଥିଲା ।"

## ସେଦିନ ରୁମ୍ ନମ୍ବର....

ଝରାଫୁଲ ମୃତ୍ୟୁକୁ ୭୨ ଘଣ୍ଟାରୁ ଅଧିକ ସମୟ ବିତିଥିବା ବେଳେ ସାମ୍ନାକୁ ଆସିଲାଣି ୩ଟି ସିସିଟିଭି ଫୁଟେଜ୍ । ସ୍କୁଟରରେ ଝରାଫୁଲଙ୍କୁ ମଝିରେ ବସାଇ ଦୁଇ ଜଣ ଯୁବକ ନେବା, ୨୭ ତାରିଖ ସକାଳ ୭ଟା ୨୧ରେ ସ୍କୁଟରରେ ଝରାଫୁଲଙ୍କୁ ଗେଷ୍ଟ ହାଉସକୁ ନେଇଯାଉଥିବା ଚିତ୍ର, ୨୬ ତାରିଖରେ ଏୟାରଫିଲ୍ଡ ଥାନା ଅଞ୍ଚଳର ଏକ ବିରିୟାନୀ ସେଣ୍ଟରକୁ ରାକେଶଙ୍କ ସହ ଯାଇ ସେଠାରେ ବିରିୟାନୀ ଖାଇବା ଚିତ୍ର କ୍ୟାମେରାରେ କଏଦ ହେବା ଭଳି ଗୋଟିଏ ପରେ ଗୋଟିଏ ପରେ ଚିତ୍ର ସାମ୍ନାକୁ ଆସିଲାଣି । ତୃତୀୟ ସିସିଟିଭି ଫୁଟେଜ୍ ଅନୁଯାୟୀ ଗେଷ୍ଟ ହାଉସ୍‌କୁ ଯିବା ପୂର୍ବରୁ ରାକେଶ ଏଇ ହୋଟେଲରୁ ବିରିୟାନୀ ଖାଇଥିଲେ । ସେଠାରେ ଝରାଫୁଲ ଅସୁସ୍ଥ ହେବା ସହ ବାନ୍ତି କରୁଥିବା ଦୃଶ୍ୟ ମଧ୍ୟ ହୋଟେଲର ସିସିଟିଭିରେ କଏଦ ହୋଇଛି । ସେଦିନ ଝରାଫୁଲଙ୍କ ଅବସ୍ଥା ଭଲ ନଥିବା କହିଛନ୍ତି ହୋଟେଲ୍ ମାଲିକ । ଅନ୍ୟପଟେ ଝରାଫୁଲଙ୍କ ବାପା ଝିଅର ମୃତ୍ୟୁକୁ ହତ୍ୟା ବୋଲି ଦର୍ଶାଇବା ସହ ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ତେବେ କୁଆଡ଼େ ଗଲା ଝରାଫୁଲଙ୍କୁ ସ୍କୁଟରରେ ବୋହି ନେଇଥିବା ଅନ୍ୟ ଜଣେ ବ୍ୟକ୍ତି ? କେଉଁଠି ଅଛି ସ୍କୁଟର ? ଏସବୁର ରହସ୍ୟ ଖୋଲିବା ପାଇଁ ଅଭିଯୁକ୍ତ ରାକେଶଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଛି ପୁଲିସ ।

## ପୁଣି ମୁଣ୍ଡ ଟେକିଲେଣି .....

ବହୁ ପରିମାଣର ଗୋଳାବାରୁଦ ଓ ନକ୍ସଲ ଉପକରଣ ଜବତ କରାଯାଇଥିବା ଜଣାପଡ଼ିଛି । ସୂତ୍ର ଅନୁସାରେ, ରାଜ୍ୟରେ ନକ୍ସଲମାନେ ଏବେ ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ବଲାଙ୍ଗିର, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅନେକ ଅଂଚଳରେ ସକ୍ରିୟ ରହିଥିବାବେଳେ ସେଠାରେ ପରିସ୍ଥିତି ଆହ୍ୱାନପୂର୍ଣ୍ଣ ରହିଛି । ବିଶେଷକରି ଛତିଶଗଡ଼ ସହ ସୀମାରେ ସୁରକ୍ଷାବ୍ୟବସ୍ଥାକୁ କଡ଼ାକଡ଼ି କରି ନକ୍ସଲ ସମସ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ରାଜ୍ୟ ସରକାର ଚାହୁଁଛନ୍ତି । ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ତୁଳନାରେ ଓଡ଼ିଶାରେ କେନ୍ଦ୍ରୀୟ ଫୋର୍ସର ମୁତୟନ ନଗଣ୍ୟ ହୋଇଥିବାବେଳେ ଛତିଶଗଡ଼ ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ନଥିବାର ଫାଇଦା ଉଠାଇ ନକ୍ସଲମାନେ ଓଡ଼ିଶା ଭିତରେ ପ୍ରବେଶ କରିବାର ସୁଯୋଗ ପାଉଛନ୍ତି । ଯେଉଁଥିପାଇଁ ରାଜ୍ୟ ସରକାର ନକ୍ସଲ ସମସ୍ୟାର ମୁକାବିଲା ପାଇଁ ଓଡ଼ିଶାକୁ ଅଧିକ ୨ଟି ବାଟାଲିୟନ କେନ୍ଦ୍ରୀୟ ଫୋର୍ସ, ଗୋଟିଏ ହେଲିକପ୍ଟର(ଏମଆଇ-୧୭୨ ଭଳି), କୋରାପୁଟରେ ଗୋଟିଏ କୋବ୍ରା ବାଟାଲିୟନର ମାତ୍ର ୩ଟି ଟିମ୍ ମୁତୟନ ଥିବାବେଳେ ବାକି ୬ଟି ଟିମକୁ ଅନ୍ୟ ଅଂଚଳରେ ତୁରନ୍ତ ମୁତୟନ, ନକ୍ସଲ ଉପଦ୍ରୁତ ଅଂଚଳର ୪୮୩ଟି ସ୍ଥାନରେ ମୋବାଇଲ ଟାୱାର ନିର୍ମାଣ, ଏସଆରଇ ଯୋଜନାରେ ବାକି ଥିବା ପ୍ରାୟ ୨୫୪କୋଟି ଟଙ୍କା ତୁରନ୍ତ ଦେବାକୁ ଓଡ଼ିଶା ଦାବି କରିଆସୁଛି । ଅଧିକ ୨ ବାଟାଲିୟନ କେନ୍ଦ୍ରୀୟ ଫୋର୍ସ ନିମନ୍ତେ ରାଜ୍ୟ ସରକାର ୨୦୧୫ ଡିସେମ୍ବରରୁ ଦାବି କରି ଆସୁଛନ୍ତି । ଶେଷଥର ପାଇଁ ମୁଖ୍ୟମନ୍ତ୍ରୀ ୨୦୧୯ ଅଗଷ୍ଟ ୨୬ରେ କେନ୍ଦ୍ର ସରକାରଙ୍କ ସମୀକ୍ଷା ବୈଠକରେ ଏହି ଅତିରିକ୍ତ ୨ ବାଟାଲିୟନ କେନ୍ଦ୍ରୀୟ ଫୋର୍ସ ଓ ସ୍ୱତନ୍ତ୍ର ହେଲିକପ୍ଟର ଯୋଗାଇ ଦେବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ।

## ଆନ୍ଦୋଳନରତ ଋଷୀଙ୍କ ଉପରେ ....

ଘଟିଥିବା ଘଟଣା କେନ୍ଦ୍ର ସରକାରଙ୍କର ଏକ ଷଡ଼ଯନ୍ତ୍ରମୂଳକ ସଂରଚନା ଯାହାକି ସରକାର ତାଙ୍କର ଅରାଜକତ୍ୱ ସଂଗଠନ ଓ ବ୍ୟକ୍ତିମାନଙ୍କୁ ବ୍ୟବହାର କରି କୃଷକମାନଙ୍କୁ ଦୋଷୀ ବନାଇ ଆନ୍ଦୋଳନ ଭାଙ୍ଗିଦେବାର ହୀନ ଷଡ଼ଯନ୍ତ୍ର କରୁଛନ୍ତି । ଏହାର ପ୍ରତିବାଦରେ ଆଜି ସ୍ଥାନୀୟ ଲୋୟର ପିଏମ୍‌ଜି ଠାରେ ସଂଗଠନ ପକ୍ଷରୁ ଗଣଉପବାସ କରାଯାଇଥିଲା । ପ୍ରତିବାଦ ସଭା ମଧ୍ୟରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଦିଲ୍ଲୀ ଯାଇଥିବା ଓଡ଼ିଶାର ଋଷୀମାନେ ସଭାସ୍ଥଳରେ ପହ୍ଞ୍ଚିଥିଲେ । ଋଷୀ ଆନ୍ଦୋଳନକୁ ପୋଲିସ ବଳ ଓ ଗୁଣ୍ଡାଦଳ ଲଗାଇ ଭଣ୍ଡୁର କରିବା ପ୍ରୟାସକୁ ଘୋର ନିନ୍ଦା କରିବା ସହ ଆଗକୁ ଅହିଂସାତ୍ମକ ପନ୍ଥାରେ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାରଙ୍କ କଳା ଆଇନ ଓ କଳା କାରନାମା ଉଭୟ ବିରୁଦ୍ଧରେ ଓଡ଼ିଶାର ଋଷୀ ଏକଜୁଟ ହେବା ପାଇଁ ସମୟ ଆସିଯାଇଛି ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଋଷୀମାନଙ୍କୁ ଆହ୍ୱାନ ଦେଇଥିଲେ ।

